
ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୨୩ ନଭେମ୍ବର ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 23 November 2025
Vol.No. 36 ■ No.308 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ସାଗରିକା ପୂଜା ସଂଖ୍ୟା
ସାଗରିକା
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net


# ଜି-୨୦ ସମ୍ମିଳନୀରେ ମୋଦୀ

## ଆମେରିକାର ବୟକଟ୍ ସତ୍ତ୍ୱେ ଜଳବାୟୁ ପରିବର୍ତ୍ତନ ଉପରେ ପ୍ରସ୍ତାବ ଗୃହୀତ



ନୂଆଦିଲ୍ଲୀ,୨୨/୧୧ : ଦକ୍ଷିଣ ଆଫ୍ରିକାରେ ଆୟୋଜିତ ଜି.୨୦ ସମ୍ମିଳନୀରେ ଯୋଗଦେବାକୁ ଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଦକ୍ଷିଣ ଆଫ୍ରିକାଭିତ୍ତିକ ନାସପର୍ସ ସହିତ ଭାରତର ଡିଜିଟାଲ ଇକୋ-ସିଷ୍ଟମରେ ନିବେଶ ଉପରେ ଆଲୋଚନା କରିଛନ୍ତି । ଶିଖର ସମ୍ମିଳନୀ ପୂର୍ବରୁ ମୋଦୀ ନାସପର୍ସର ଅଧ୍ୟକ୍ଷ ଓ ସିଇଓଙ୍କ ସହ ଆଲୋଚନା କରିଥିଲେ । ମୋଦୀ ଜୋହନସବର୍ଗରେ ପହଞ୍ଚିବା ପରେ ତାଙ୍କୁ ବିପୁଳ ସ୍ୱାଗତ କରାଯାଇଥିଲା । ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆଣ୍ଟୋନି ଆଲବାନିଜଙ୍କ ସହିତ ମଧ୍ୟ ମୋଦୀଙ୍କ ସାକ୍ଷାତ ଆଲୋଚନା ହୋଇଛି । ଦୁଇନେତା ପ୍ରତିରକ୍ଷା ଓ ବାଣିଜ୍ୟ ସମେତ ବିଭିନ୍ନ କ୍ଷେତ୍ରରେ ସହଯୋଗ ବୃଦ୍ଧି ନେଇ ଆଲୋଚନା କରିଛନ୍ତି । ଅନ୍ୟନେତାଙ୍କ ସହ ମଧ୍ୟ ମୋଦୀ ଆଲୋଚନା କରିବେ । ଏହି ଅବସରରେ ମୋଦୀ ପ୍ରବାସୀ ଭାରତୀୟଙ୍କୁ ଭେଟିବା କାର୍ଯ୍ୟକ୍ରମ ରହିଛି । ଦୁଇଦିନିଆ ଜି ୨୦ ଶିଖର ସମ୍ମିଳନୀସ ପ୍ରମୁଖ ଅର୍ଥନୀତି ଗୋଷ୍ଠୀର ପ୍ରଥମ ଶିଖର ସମ୍ମିଳନୀ । ଏଥିରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଯୋଗ ଦେଉନାହାନ୍ତି । ଜାତିସଂଘ ମହାସଚିବ ସମ୍ମିଳନୀର ସଫଳତା ନେଇ ବେଶ୍ ଆଶାବାଦୀ ଅଛନ୍ତି । ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗରେ ଅନୁଷ୍ଠିତ ଏ୨୦ ଶିଖର ସମ୍ମିଳନୀରେ ଅଂଶଗ୍ରହଣକାରୀ ଦେଶମାନେ ଜଳବାୟୁ ପରିବର୍ତ୍ତନ ଉପରେ ଏକ ଐତିହାସିକ ଘୋଷଣାନାମା ଗ୍ରହଣ କରିଛନ୍ତି। ଆମେରିକାର ବିରୋଧ ଏବଂ ବୟକଟ ସତ୍ତ୍ୱେ ଏ୨୦ ଗୋଷ୍ଠୀ ଏହି ଘୋଷଣାନାମା ଉପରେ ସର୍ବସମ୍ମତିକ୍ରମେ ସହମତ ହୋଇଛି। ଏ୨୦ ଗୋଷ୍ଠୀର ଏହି ପଦକ୍ଷେପକୁ ପରମ୍ପରାରୁ ବିମୁଖତା ଭାବରେ ବର୍ଣ୍ଣନା କରାଯାଉଛି, କାରଣ ଏ୨୦ ରେ ଅଂଶଗ୍ରହଣକାରୀ ବିଶ୍ୱ ନେତାମାନେ ଆମେରିକାର ଅନୁପସ୍ଥିତିରେ ଜଳବାୟୁ ପରିବର୍ତ୍ତନ ଉପରେ ଏକ ମିଳିତ ଘୋଷଣାନାମା ପାସ୍ କରିଥିଲେ। ଆୟୋଜକ ଦକ୍ଷିଣ ଆଫ୍ରିକା ସହିତ କୂଟନୈତିକ ମତଭେଦକୁ କାରଣ ଭାବରେ ଦର୍ଶାଇ ଆମେରିକା ଜୋହାନ୍ସବର୍ଗରେ ଏ୨୦ ସମ୍ମିଳନୀକୁ ବୟକଟ କରିଥିଲା। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରପତି ସିରିଲ୍ ରାମାଫୋସା କହିଛନ୍ତି ଯେ ଆମେରିକା ମିଳିତ ଘୋଷଣାନାମାର ଶବ୍ଦାବଳୀ ଉପରେ ଆପତ୍ତି କରିଛି। ତଥାପି, ସେ ଜୋର ଦେଇ କହିଛନ୍ତି ଯେ ଜଳବାୟୁ ପରିବର୍ତ୍ତନ ଉପରେ ଘୋଷଣାନାମା ▶▶ପୃଷ୍ଠା ୭

## ଆତଙ୍କବାଦ ବିସ୍ତାର କରୁଛି ସୋମାଲିଆ: ଦେଶର ଲୋକଙ୍କ ପାଇଁ ସୁରକ୍ଷିତ ମାନ୍ୟତା ସମାପ୍ତ କଲେ ଟ୍ରମ୍ପ୍, ଦେଶାନ୍ତର ପାଇଁ ଯୋଜନା



ନୂଆଦିଲ୍ଲୀ,୨୨/୧୧ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଘୋଷଣା କରିଛନ୍ତି, ସେ ମିନେସୋଟାରେ ରହୁଥିବା ସୋମାଲିଆର ଲୋକମାନଙ୍କ ପାଇଁ ଅସ୍ଥାୟୀ ନିର୍ବାସନ ସୁରକ୍ଷା (ଟିପିଏସ) ତୁରନ୍ତ ସମାପ୍ତ କରୁଛନ୍ତି। ଗୃହଯୁଦ୍ଧ କିମ୍ବା ବିପର୍ଯ୍ୟୟ ଯୋଗୁ ନିଜ ଦେଶକୁ ଫେରିପାରି ନଥିବା ଲୋକମାନଙ୍କୁ ସୁରକ୍ଷା ପ୍ରଦାନ କରିବା ପାଇଁ ୩୪ ବର୍ଷ ତଳେ ୧୯୯୧ ମସିହାରେ ରାଷ୍ଟ୍ରପତି ଜର୍ଜ ଏଚ୍.ଡବ୍ଲୁ. ବୁଶଙ୍କ ସମୟରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଟ୍ରମ୍ପ୍ ବର୍ତ୍ତମାନ ବହିଷ୍କାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିଛନ୍ତି। ଟ୍ରମ୍ପ ଶନିବାର ଦିନ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମ, ଟ୍ରୁଥ୍ ସୋସିଆଲରେ ଲେଖିଛନ୍ତି, ସୋମାଲିଆ ଗ୍ୟାଙ୍ଗମାନେ ମିନେସୋଟାରେ ଭୟ ଏବଂ ଅପରାଧ ପ୍ରସାର କରୁଛନ୍ତି। କୋଟି କୋଟି ଡଲାର ଚୋରି ହୋଇଛି। କିନ୍ତୁ ସେ ଏହି ଦାବି ପାଇଁ କୌଣସି ପ୍ରମାଣ ପ୍ରଦାନ କରି ନାହାନ୍ତି। ସେ କହିଛନ୍ତି, ଏହି ପଦକ୍ଷେପ ତୁରନ୍ତ କାର୍ଯ୍ୟକାରୀ ହେବ। ଟ୍ରମ୍ପ୍ ମିନେସୋଟାର ଡେମୋକ୍ରାଟିକ୍ ଗଭର୍ଣ୍ଣର ଟିମ୍ ୱାଲ୍ଜଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ରାଜ୍ୟକୁ ଠକେଇ ଏବଂ ମନି ଲଣ୍ଡରିଂର ଏକ ଗନ୍ତାଘର ବୋଲି କହିଛନ୍ତି। ଏହି ଅଭିଯୋଗଗୁଡ଼ିକ କିଛି ରିପବ୍ଲିକାନ୍ ସାଂସଦଙ୍କ ଦ୍ୱାରା ସେୟାର କରାଯାଇଥିବା ଅସମର୍ଥିତ ରିପୋର୍ଟକୁ ପ୍ରତିଫଳିତ କରୁଛି ଯେ, ଉଗ୍ରବାଦୀ ଗୋଷ୍ଠୀ ଅଲ୍-ଶବାବ୍ ରାଜ୍ୟରେ ଠକେଇ ସହିତ ଜଡ଼ିତ ରହିଛି। ଅନ୍ୟପକ୍ଷରେ ରାଜ୍ୟପାଳ ୱାଲଜ୍ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ରାଷ୍ଟ୍ରପତି ଟ୍ରମ୍ପ୍ ଅନ୍ୟ ପ୍ରସଙ୍ଗରୁ ଧ୍ୟାନ ହଟାଇବା ପାଇଁ ଏକ ସମ୍ପୂର୍ଣ୍ଣ ସମ୍ପ୍ରଦାୟକୁ ଟାର୍ଗେଟ କରୁଛନ୍ତି। ସେ ଏହାକୁ ଏକ ରାଜନୈତିକ ପ୍ରେରଣାଦାୟକ ପଦକ୍ଷେପ ବୋଲି କହିଛନ୍ତି। କଂଗ୍ରେସନାଲ ରିସର୍ଚ୍ଚ ସର୍ଭିସର ଏକ ରିପୋର୍ଟ ଅନୁଯାୟୀ, ସମଗ୍ର ଯୁକ୍ତରାଷ୍ଟ୍ରରେ ବର୍ତ୍ତମାନ କେବଳ ୭୦୫ ସୋମାଲିଆ ଟିପିଏସ ମାନ୍ୟତା ପାଇଛନ୍ତି। ମିନେସୋଟାରେ ରହୁଥିବା ଅଧିକାଂଶ ସୋମାଲିଆ ଆମେରିକୀୟ ନାଗରିକ। ଏଥିରେ ପ୍ରତିନିଧି ଇଲହାନ ଓମାର ମଧ୍ୟ ଅନ୍ତର୍ଭୁକ୍ତ।

## ବାଲି ପାଇଁ ଏମଏସପି ଲାଗୁ କରିବେ ସରକାର: ଖଣି ମନ୍ତ୍ରୀ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ବନ୍ଦ ହେବ ବାଲି ମାଫିଆଙ୍କ ମନମାନୀ । ସାବାଡ ହେବେ ବାଲି ମାଫିଆ । ବେଆଇନ ଭାବେ ବାଲି ଉତ୍ତୋଳନ କରି କେହି କରିପାରିବେନି ବିକ୍ରି । ବାଲି ପାଇଁ ଲାଗୁ ହେବ ଏମଏସପି ଲାଗୁ କରିବେ ସରକାର । ଆଉ ମନ ଇଚ୍ଛା ଦର ବଢାଇ ପାରିବେନି ଲିଜ ଧାରୀ । ସରକାର ନିର୍ଦ୍ଧାରିତ କରିଥିବା ଏମଏସପି ଦରରେ ହିଁ ବିକ୍ରି କରିବେ ଲିଜ୍ ଧାରୀ । ଏମଏସପିରୁ ଅଧିକ ଦରରେ କେହି ବାଲି ବିକ୍ରି କରିପାରିବେନି । ସାରା ରାଜ୍ୟରେ ଗୋଟିଏ ଦରରେ ବିକ୍ରି ହେବ ବାଲି । ଦର କମିବା ସହ ଲୋକଙ୍କୁ ସୁଲଭ ମୂଲ୍ୟରେ ମିଳିବ ବାଲି । ବାଲି ଖଣି ପାଇଁ ହେବନି ଇ-ନିଲାମୀ । ଇ-ଲଟେରୀ ମାଧ୍ୟମରେ ଦିଆଯିବ ଖଣି ଲିଜ । ଏହାସହ ଏଣିକି ବାଲି ଗଚ୍ଛିତ କରି ରଖିବା ପାଇଁ ଷ୍ଟୋରେଜ ଲାଇସେନ୍ସ ଦେବେ ସରକାର ।

## ଘାଣ୍ଟୁଛି ସିବିଆଇ, ଖୋଲିବ ଗୁମର: ପରୀକ୍ଷାର୍ଥୀଙ୍କୁ ଝାଳବୁହା ଜେରା

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ପୁଲିସ ଏସ୍ଆଇ ନିଯୁକ୍ତି ମହାକେଲେଙ୍କାରୀ ମାମଲା । ରାକେଟ୍‌ର ଗୁମର ଖୋଲିବାକୁ ପ୍ରଥମ ପାଳି ପଡ଼ିଛି ଜାମିନରେ ଥିବା ପରୀକ୍ଷାର୍ଥୀଙ୍କର । ୧୦ ଜଣଙ୍କୁ ମାରାଥନ୍ ଜେରା କରି ତଥ୍ୟ ପ୍ରମଣ ଯୋଗାଡ଼ କରୁଛି ସିବିଆଇ । ଚେଷ୍ଟା କରୁଛି ଏହାର ମୁଖ୍ୟ କାର୍ପଟଦାର ପାଖରେ ପହଞ୍ଚିବାକୁ । ସେପଟେ ପରୀକ୍ଷାର୍ଥୀଙ୍କୁ ଜେରା ପରେ ସିବିଆଇ ଖୁବଶୀଘ୍ର ମୁଖ୍ୟ ଅଭିଯୁକ୍ତ ଶଙ୍କର ପୃଷ୍ଟିକୁ ବି ରିମାଣ୍ଡରେ ଆଣିପାରେ ବୋଲି ସୂଚନା ମିଳିଛି । ପୁଲିସ ଏସ୍ଆଇ ନିଯୁକ୍ତି ମହାକେଲେଙ୍କାରୀ ମାମଲାରେ ସିବିଆଇ ଅଫିସରେ ହାଜର ହେଉଛନ୍ତି ଜଣେ ପରେ ଜଣେ ପରୀକ୍ଷାର୍ଥୀ । ଜାମିନରେ ଥିବା ୧୧୪ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ସିବିଆଇ ପ୍ରଥମ ପର୍ଯ୍ୟାୟରେ ୧୦ ଜଣଙ୍କୁ ସମନ୍ କରିଥିଲା । ଗତକାଲି ୪ ଜଣଙ୍କୁ ୮ ଘଣ୍ଟା ଧରି ମାରାଥନ୍ ଜେରା, ଆଉ ଆଜି ବି ହାଜର ହେଉଛନ୍ତି ବାକି ପରୀକ୍ଷାର୍ଥୀ । ସେମାନଙ୍କୁ ଘଣ୍ଟା ଘଣ୍ଟା ଧରି ଗୁଡ଼େଇ ତୁଡ଼େଇ ପ୍ରଶ୍ନ କରୁଛନ୍ତି ସିବିଆଇ ଅଧିକାରୀ । କିଏ, କେତେ, କେବେ, କେମିତି, କାହାକୁ, କାହାଠୁ ଏମିତି ଅନେକ ପ୍ରଶ୍ନବାଣରେ ଘାଇଲା ହୋଇ, ପରୀକ୍ଷାର୍ଥୀମାନେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସିବିଆଇ ଆଗରେ ରଖିଥିବା ସୂଚନା ମିଳିଛି । ସିଣ୍ଡିକେଟ୍‌ର ଗୁମର ଖୋଲିବାକୁ ଆଗକୁ ପଡ଼ିବ ଶଙ୍କର ପୃଷ୍ଟି ପାଳି । ଖୁବଶୀଘ୍ର ମାଷ୍ଟରମାଇଣ୍ଡ ଶଙ୍କର ପୃଷ୍ଟିକୁ ରିମାଣ୍ଡରେ ଆଣି ଘାଣ୍ଟିପାରେ ସିବିଆଇ । ଅନ୍ତରାଜ୍ୟ ନେଟୱର୍କର ଗୁମର ଖୋଲିବା ସହ, ଫୋକସ୍‌ରେ ରହିପାରେ 'ହଜାରେ କୋଟିର ଡିଲ୍' । ଶଙ୍କର ଗିରଫ ହେବା ବେଳେ ଦେଇଥିବା 'ହଜାରେ କୋଟି ଡିଲ୍' ବୟାନର ରହସ୍ୟ ଭେଦିବାକୁ ଚେଷ୍ଟା କରିପାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ । ଏଥିସହ କେଲେଙ୍କାରୀରେ ସମ୍ପୃକ୍ତ ଥିବା ବଡ଼ବଡ଼ିଆଙ୍କ ପାଖରେ ପହଞ୍ଚିବାକୁ ଉଦ୍ୟମ କରିବ। ▶▶ପୃଷ୍ଠା ୭

## ଲଘୁଚାପରେ ପରିଣତ ହେଲା ସମୁଦ୍ରରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟ

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ବାତ୍ୟା ମୋନ୍ଥା ଯନ୍ତ୍ରଣା ମନରୁ ଯାଇନି, ଆଉ ଏକ ବାତ୍ୟା ଡରାଇଲାଣି । ଆଣ୍ଡାମାନ ସାଗରରେ ଘୂର୍ଣ୍ଣିବଳୟ ଲଘୁଚାପର ରୂପ ନେଇ ଆଗକୁ ବଢ଼ିବା ଆରମ୍ଭ କରିଛି । ପାଣିପାଗ ବିଜ୍ଞାନୀ ପୂର୍ବାନୁମାନ କଲେଣି, ଏହା ବାତ୍ୟା ରୂପ ନେଇପାରେ । ଓଡ଼ିଶାକୁ ବି ରହିଛି ବିପଦ। ମାଲାକ୍କା ଓ ଦକ୍ଷିଣ ଆଣ୍ଡାମାନ ସାଗରରେ ସୃଷ୍ଟି ଘୂର୍ଣ୍ଣିବଳୟ ନେଇଛି ଲଘୁଚାପର ରୂପ । ଏହା ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତିକରି ୨୪ ତାରିଖ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବ । ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗରେ ଗତି କରି ପରବର୍ତ୍ତୀ ୪୮ ଘଣ୍ଟାରେ ଗଭୀର ଅବପାତ ରୂପ ନେଇପାରେ । ସମୁଦ୍ର ଭିତରେ ବଳ ଗୋଟାଇ ଏହା ଧୀରେ ଶକ୍ତିଶାଳୀହେବ ଓ ୨୬ରେ ବାତ୍ୟାରେ ପରିଣତ ହୋଇପାରେ । ବାତ୍ୟାର ଗତିପଥ, ତୀବ୍ରତା ନେଇ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇନି । କିନ୍ତୁ ଏହାର ପ୍ରଭାବରେ ଆଣ୍ଡାମାନ, ନିକୋବର ଦୀପପୁଞ୍ଜରେ ବର୍ଷା ଆରମ୍ଭ ହୋଇଗଲାଣି । ୨୭ ବେଳକୁ ଆନ୍ଧ୍ର ଓ ଓଡ଼ିଶା ଉପକୂଳରେ ବର୍ଷା ସମ୍ଭାବନା ରହିଛି । ▶▶ପୃଷ୍ଠା ୭

## ୩୭ ମାଓବାଦୀଙ୍କ ଆତ୍ମସମର୍ପଣ



ଭୁବନେଶ୍ୱର, ୨୨/୧୧ (ନି.ପ୍ର): ସୀମାନ୍ତ ତେଲେଙ୍ଗାନାର ଡିଜିପିଙ୍କ ନିକଟରେ ୩ ଜଣ ସିସିଏମ ନକ୍ସଲ ସମେତ ୩୭ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି। ୩ ଜଣ ଷ୍ଟେଟ କମିଟି ମେମ୍ବର ମଧ୍ୟରୁ ତେଲେଙ୍ଗାନା ଷ୍ଟେଟ କମିଟି ମେମ୍ବର କୋୟଡା ସାମ୍ବାୟା ଓରଫ ଆଜାଦ୍ ଓ ଆପ୍ପାସି ନାରାୟଣ ଓରଫ ରମେଶ ଏବଂ ତେଲେଙ୍ଗାନା ଷ୍ଟେଟ କମିଟିର ମେମ୍ବର ହେଉଛି ମୁଚାକି ସୋମଡା। ଏମାନଙ୍କ ନାମରେ ତେଲେଙ୍ଗାନା ରାଜ୍ୟ ସରକାର ୨୦ ଲକ୍ଷ ଲେଖାଏଁ ପୁରସ୍କାର ଘୋଷଣା କରିଥିଲେ। ଏଥିସହ ଗୋଟିଏ ଏକେ-୪୭ ରାଇଫଲ,ଦୁଇଟି ଏସଏଲଆର ବନ୍ଧୁକ,୪ଟି ୩୦୩ ରାଇଫଲ ଏବଂ ଗୋଟିଏ ଜିଓ ରାଇଫଲ ସମେତ ୩୪୩ ଜୀବନ୍ତ ଗୁଳି ପୁଲିସକୁ ହସ୍ତାନ୍ତର କରିଛନ୍ତି।

## ହେଲଦି ଲାଇଫ ପକ୍ଷରୁ ଶୁଭାରମ୍ଭ ହେଲା ତିନି ଦିନିଆ ଆବାସିକ ପ୍ରାକୃତିକ ଚିକିତ୍ସା ଓ ଆରୋଗ୍ୟ ପ୍ରଶିକ୍ଷଣ ଶିବିର



ବାଲେଶ୍ୱର, ୨୨/୧୧ (ନି.ପ୍ର): ବାଲେଶ୍ୱରରର ଅଗ୍ରଣୀ ଯୋଗ ପ୍ରଶିକ୍ଷଣ ଅନୁଷ୍ଠାନ ହେଲଦି ଲାଇଫ କଲେଜ ଅଫ ଯୋଗ ଓ ଇନଷ୍ଟିଚ୍ୟୁଟ ଅଫ ନେଚର୍ କିୟର ଏଣ୍ଡ ଯୋଗିକ ସାଇନସ୍ ମିଳିତ ଆନୁକୁଲ୍ୟରେ ପ୍ରାକୃତିକ ଚିକିତ୍ସା ଓ ଆରୋଗ୍ୟ ପ୍ରଶିକ୍ଷଣ ଶିବିର ଉଦଘାଟିତ ହେଇଯାଇଛି । ଭୁବନେଶ୍ୱରର ହେଲଥ ଭିଲ୍ଲା ଯୋଗ ଓ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ଓ ଡକ୍ଟର ବିଆରସି କ୍ଲିନିକ ସହଯୋଗରେ ଚାନ୍ଦିପୁର ସ୍ଥିତ ପୁରବୀ ରିସୋର୍ଟ ପରିସରରେ ଆବାସିକ ଭାବେ ଆୟୋଜିତ ହୋଇଥିବା ଏହି ତିନି ଦିନିଆ ଶିବରରେ ଉଦଘାଟନୀ କାର୍ଯ୍ୟକ୍ରମରେ ଦୈନିକ ଖବର କାଗଜ ଧ୍ୱନି ପ୍ରତିଧ୍ୱନୀର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା ଯୋଗ ଦେଇ ନିରୋଗ ଜୀବନଯାପନ ସହ ବିଭିନ୍ନ ରୋଗର ଉପଶମ ପାଇଁ ଏହିଭଳି ଶିବିର ଆୟୋଜନର ଗୁରୁତ୍ୱ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ସାମ୍ବାଦିକ ଅଜିତ କୁମାର ମହାନ୍ତି ଓ ଅଧିପ କୁମାର ଜେନା ଏଥିରେ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ପ୍ରାକୃତିକ ଚିକିତ୍ସା ମାଧ୍ୟମରେ ରୋଗ ମୁକ୍ତ ହେବାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏ କ୍ଷେତ୍ରରେ ହେଲଦି ଲାଇଫର ଉଦ୍ୟମ ସମସ୍ତଙ୍କ ପାଇଁ ପ୍ରେରଣା ଦାୟୀ ହୋଇଛି ବୋଲି ଅତିଥି ଦ୍ୱୟ କହିଥିଲେ। ହେଲଥ ଭିଲ୍ଲାର ମୁଖ୍ୟ ଡାକ୍ତର ନିଲେନ୍ ପରାଶର, ଡାକ୍ତର ନାରାୟଣ ଓ ଇଣ୍ଟରନ୍ୟାସନାଲ ନେଚୁରୋପାଥି ସଂଗଠନର ସଭାପତି ଡାକ୍ତର ସୁବାଷ ଚନ୍ଦ୍ର ଷଡଙ୍ଗୀ, ବିକଳ୍ପ ଚିକିତ୍ସା ବିଶେଷଜ୍ଞ ଡାକ୍ତର ଭଗବାନ ଭୂୟାଁ, ଡାକ୍ତର ଜ୍ଞାନ ରଞ୍ଜନ ବେହେରା ପ୍ରମୁଖ ଏହି ଶିବିରରେ ଯୋଗ ଦେଇ ପ୍ରାକୃତିକ ଚିକିତ୍ସାର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ। ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟର ପ୍ରତିଷ୍ଠାତା ଚିତ୍ତ ରଞ୍ଜନ ସାହୁ ଏଥିରେ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟକ୍ଷା ଦେବୀ ଅର୍ଚ୍ଚନା ଦାସ ଏଥିରେ ପୌରହିତ୍ୱ କରିବା ସହିତ ଶିବିର ପରିଚାଳନା କରିଥିଲେ । ବାଲେଶ୍ୱର, ଭୁବନେଶ୍ୱର, ଖୋର୍ଦ୍ଧା, ଭଦ୍ରକ, କେଉଁଝର, ମୟୂରଭଞ୍ଜ ପ୍ରଭୃତି ଜିଲ୍ଲା ସମେତ ପଶ୍ଚିମବଙ୍ଗରୁ ସଂଖ୍ୟାଧିକ ବ୍ୟକ୍ତି ଶିବିରରେ ଯୋଗ ଦେଇ ପ୍ରାକୃତିକ ଚିକିତ୍ସାକୁ ନେଇ ନିଜସ୍ୱ ଅନୁଭୂତି ଜଣାଇଥିଲେ। ଅଧ୍ୟାପକ ଅଭିଷେକ ଦାସ, ଅଧ୍ୟାପିକା କାନ୍ତି କ୍ରିଷ୍ଣା ଦାଶ ଓ ଅନିତା ମିଶ୍ର, ହେଲଦି ଲାଇଫ ଯୋଗ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଶିବିରରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

## ପୁଣି ଅରୁଣ ମାରିଲେ ତେରଛା ବାଣ : ବିଜେଡିର ଶୀର୍ଷ ନେତୃତ୍ୱ ଉପରେ ଲଗାଇଲେ ପ୍ରଶ୍ନ



ଭୁବନେଶ୍ୱର, ୨୨/୧୧ (ନି.ପ୍ର): ପୁଣି ଅରୁଣ ମାରିଲେ ତେରଛା ବାଣ। ଶୀର୍ଷ ନେତୃତ୍ୱ ଉପରେ ଲଗାଇଲେ ପ୍ରଶ୍ନ। ପରୋକ୍ଷରେ ଉତ୍ତର ଦାୟିତ୍ୱ ପାଠ ପଢାଇଲେ। ନୂଆପଡ଼ା ଉପନିର୍ବାଚନରେ ଲଜ୍ଜାଜନକ ପରାଜୟ ପରେ ବିଜେଡିର ବରିଷ୍ଠ ବିଧାୟକ ଅରୁଣ ସାହୁଙ୍କ ଭାଷଣକୁ ନେଇ ଏବେ ଚର୍ଚ୍ଚା ଜୋର। ଗତକାଲି ନୟାଗଡ଼ରେ ଅନୁଷ୍ଠିତ ବରିଷ୍ଠ ନାଗରିକ ସଭାରେ ଅରୁଣଙ୍କ ଏହି ଭାଷଣ ଦଳରେ ହଲଚଲ ସୃଷ୍ଟି କରିଛି। ଉତ୍ତରଦାୟିତ୍ୱ ନିଜ ଉପରକୁ ନନେଇ ଦାୟିତ୍ୱ ନିର୍ବାହ କରିବାରେ ତୁମେ ବିଫଳ ବୋଲି ଅଧିକ କସରତ ହେଉଛି। ଆହୁରି କହିଛନ୍ତି ଦାୟିତ୍ୱ ନିର୍ବାହ କରିବାରେ ତୁମେ ଅସମର୍ଥ କହି ଯେତେ ପ୍ରକାର ଯୁକ୍ତି ବଢା ଯାଇପାରେ ସେଥିରେ ଆମେ ଖୁବ୍ ଜୋରରେ ମନୋନିବେଶ କରୁ। ସେ ଆହୁରି ମଧ୍ୟ କହିଛନ୍ତି ବିଗତ ସରକାରମାନଙ୍କର ତ୍ରୁଟିର ପରିଣାମ ଆଜି ଭୟଙ୍କର ହେଉଛି। ଅଫିସରଙ୍କଠୁ ନେଇ ଅନ୍ୟ ଯେଉଁମାନେ ଦାୟିତ୍ୱ ନିଅନ୍ତି ସେମାନଙ୍କ ତ୍ରୁଟି ପାଇଁ ଆଜି ସମାଜ କ୍ଷତିଗ୍ରସ୍ତ। ଅଫିସର ରାଜୁତି କଥା କହି ବିଜେଡି ଶାସନ ଓ ପାଣ୍ଡିଆନଙ୍କୁ ପରୋକ୍ଷରେ ନିଶାନା କରିଛନ୍ତି। ପୂର୍ବରୁ ବି ଅରୁଣ ବିଭିନ୍ନ ସଭାରେ ଇସାରା ଇସାରାରେ ଦଳକୁ ଘାଇଲା କରିଛନ୍ତି। ୨୪ ନିର୍ବାଚନରେ ପରାଜୟ ଓ ନୂଆପଡ଼ା ଉପନିର୍ବାଚନରେ ଦଳ ତିନି ନମ୍ବରରେ ରହିବା ପରେ ଅରୁଣ ପୁଣି ବିଷ ଓଗାଳି ସମାଜ ସଂସ୍କାର କଥା କହିଛନ୍ତି। ଅନ୍ୟପଟେ ଅରୁଣଙ୍କ ଭଳି ବରିଷ୍ଠ ବିଜେଡି ନେତା ଭୂପିନ୍ଦର ସିଂ ମଧ୍ୟ ନୂଆପଡ଼ା ବିପର୍ଯ୍ୟୟକୁ ନେଇ ଦଳର ପରିଚାଳନାକୁ ଦାୟୀ କରିଛନ୍ତି। କଳାହାଣ୍ଡି ନେତା ସହିତ ନୂଆପଡ଼ା ଅଭିଜ୍ଞତା ଥାଇ ବି ଦଳ ତାଙ୍କୁ ନୂଆପଡ଼ା ଉପନିର୍ବାଚନରୁ ଦୂରେଇ ରଖିଲା। ଦଳ ଅଣଦେଖା କରି ୩ ନମ୍ବରରେ ରହିଲା ବୋଲି ଭୂପିନ୍ଦର କହିଛନ୍ତି। ଏ ନେଇ ବିଜେଡି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନଥିବା ବେଳେ ଅନ୍ୟପଟେ ରାଜନୈତିକ ସମୀକ୍ଷକଙ୍କ ମତ ହେଲା ବିଜେଡିରେ ସ୍ଥିତି ଏବେ ବେହାଲ୍। ଦଳ ଭିତରେ କ୍ଷମତା ପାଇଁ ଲଢେଇ ଚାଲିଛି। ଆଗକୁ ବଡ଼ ବିସ୍ଫୋରଣ ହୋଇପାରେ।

# ପୁରୀରେ ଜାତୀୟ ଅଡିଟ ସପ୍ତାହ ପାଳିତ

ପୁରୀ,୨୨/୧୧ (ନି.ପ୍ର): ଜାତୀୟ ଅଡିଟ ସପ୍ତାହ ପାଳନ ଅବସରରେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଓଡିଶା ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ସହଯୋଗରେ ସରକାରୀ ପାଣ୍ଠିରେ ଆର୍ଥିକ ଅନିୟମିତତା ଓ ତାହାର ନିରାକରଣ ଉପରେ ଏକ ଆଲୋଚନାଚକ୍ର ସ୍ଥାନୀୟ ସଦଭାବନା ଗୃହ ଠାରେ ଆଜି ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ମହାଲେଖାକାର ଡି. ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଉପ ମହାଲେଖାକାର ମନୋଜ ଏକ୍କା, ନିର୍ଦ୍ଦେଶକ ବିଭ୍ରାଂଶୁ ଶେଖର ନାୟକ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଡେପୁଟି କଲେକ୍ଟର ଆଦ୍ୟାଶା ରଥ ଯୋଗ ଦେଇଥିଲେ । ବରିଷ୍ଠ ଲେଖାଧିକାରୀ ପ୍ରବୀର କୁମାର ସାମଲ, ବରିଷ୍ଠ ଲେଖା ପରୀକ୍ଷକ ରାଜ କିଶୋର ମହାପାତ୍ର ସରକାରୀ ପାଣ୍ଠିର ଆର୍ଥିକ, ଅନିୟମିତତା ଓ ଏହାର ନିରାକାରଣ ଉପରେ ଆଲୋକପାତ କରିଥିଲେ । ପ୍ରଧାନ ମହାଲେଖାକାର ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ସରକାରୀ ପାଣ୍ଠି ଦାୟିତ୍ୱରେ ଥିବା କିଛି ଅଧିକାରୀ ନିକଟରେ କୋଟି କୋଟି ଟଙ୍କାର ଅନିୟମିତତା କରିଥିବା ଏଜିଙ୍କ ଦୃଷ୍ଟିକୁ ଆସିଛି । ଏପରିକି ଅନୁଗୋଳ ଜିଲ୍ଲାର ଜଣେ କର୍ମଚାରୀ ମାସକୁ ୧୪ ଲକ୍ଷ ଟଙ୍କା ଡିଏ ବାବଦରେ ସରକାରୀ ଅର୍ଥ ଆତ୍ମସାତ କରୁଥିଲେ ଯାହାକି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଦରମା ଠାରୁ ମଧ୍ୟ ଅଧିକ । ଏହିଭଳି ବହୁ କେସ ଏଜି ସ୍କାନରରେ ଧରାପଡିଛନ୍ତି କ୍ଷ ଅନ ଲାଇନ ଯୁଗରେ ଏଭଳି ଅର୍ଥ ଆତ୍ମସାତକୁ ନୂତନ ଭାବେ କାର୍ଯ୍ୟକାରୀ କୃତିମ ବୁଦ୍ଧିମତା ବଳରେ ଧରାଯିବ । ଯେଉଁମାନେ ଏହିଭଳି ଅନିୟମିତତା କାର୍ଯ୍ୟରୁ ନିବୃତ ନ ହୁଅନ୍ତି ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସରକାରଙ୍କୁ ଲେଖାଯିବ । ଅନ୍ୟ ମାନଙ୍କ ମଧ୍ୟରେ ଉପ ମହାଲେଖାକାର ସଞ୍ଜୟ କୁମାର, ବିକାଶ କୁମାର ଓ ଭୀମଲେଶ କୁମାର ଯୋଗ ଦେଇଥିଲେ । ବରିଷ୍ଠ ଲେଖାଧିକାରୀ ଭି. ଆନନ୍ଦ ଭଞ୍ଜ ସ୍ୱାଗତ ଭାଷଣ ଦେଇଥିବା ବେଳେ କୃଷ୍ଣଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅପରାହ୍ନରେ ପୁରୀ ସମୁଦ୍ର କୂଳରେ ବାଲୁକା ଶିଳ୍ପୀ ସନ୍ତୋଷ କୁମାର ନାୟକଙ୍କ ଦ୍ୱାରା ବାଲୁକା କଳାକୁ ପ୍ରଧାନ ମହାଲେଖାକାର ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସହକାରୀ ଆୟୁକ୍ତ ପୁରୁଷୋତମ ବଳ, ଦୁର୍ଗା ଶଙ୍କର ପରିଡା, ରାଜେଶ ସିଂହ ଓ ଦୀପ୍ତି ରଞ୍ଜନ ରାଏ ପରିଚାଳନା କରିଥିଲେ । ପୁରୀ ଅଫିସ କାର୍ଯ୍ୟାଳୟରେ ଅନୁଷ୍ଠିତ ରଙ୍ଗୋଲି ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଅଡିଟ ମହାଲେଖାକାର ପ୍ରତ୍ୟକ୍ଷ କରିବା ସହ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା କଳା କାରୁକାର୍ଯ୍ୟକୁ ପ୍ରଶଂସା କରିଥିଲେ ।

# ବ୍ଲକ ସ୍ତରୀୟ ରାଷ୍ଟ୍ରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ

ଜୟପୁର,୨୨/୧୧ (ନି.ପ୍ର): ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଜୟପୁର ଠାରେ ବ୍ଲକ ସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ପ୍ରକାଶ ପଟ୍ଟନାୟକଙ୍କ ତତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜୟପୁର ଗୋଷ୍ଠି ଶିକ୍ଷା ଅଧିକାରୀ ଚନ୍ଦନ ନାୟକ ଏବଂ ସମ୍ମାନିତ ଅତିଥି ଭାବରେ ହରିହର ପଣ୍ଡା, ଏବିଇଓ କେ ଗୋପାଳ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟିତ କରିଛନ୍ତି । ଏହାପରେ ଅତିଥି ବୃନ୍ଦ ବାଲ୍ ବୈଜ୍ଞାନିକ ମାନଙ୍କର ପ୍ରଦର୍ଶନୀ ଦେଖି ଅତ୍ୟନ୍ତ ଆନନ୍ଦିତ ହୋଇଥିଲେ । ପ୍ରଦର୍ଶନୀରେ ୨୦୦ ଜଣ କୁନି କୁନି ବୈଜ୍ଞାନିକ ନିଜର ପ୍ରକଳ୍ପ ଆଣି ଚମତ୍କାର ଭାବରେ ପ୍ରଦର୍ଶନ କରିଥିଲେ । ଏଥିରୁ ୭ଟି ବିଷୟରୁ ୭ଜଣ କୁନି କୁନି ବୈଜ୍ଞାନିକ ଜିଲ୍ଲାସ୍ତରକୁ ଚୟନ ହୋଇଥିଲେ । ଏହାକୁ ଚୟନ କରିଥିବା ବିଚାରକ ମଣ୍ଡଳୀ ହେଲେ ଜି ଭି କେ ରେଡୀ, ସନ୍ତୋଷ ଶତପଥୀ, ଜ୍ୟୋତ୍ସ୍ନା ମିଶ୍ର । ପ୍ରଦର୍ଶନୀ ପରେ ସ୍ୱାଦିଷ୍ଟ ଭୋଜନ । ଭୋଜନ ପରେ ଆରମ୍ଭ ହୋଇଥିଲା ଦ୍ୱିତୀୟ ଅଧିବେଶନ । ଦ୍ୱିତୀୟ ଅଧିବେଶନର ଏହି କାର୍ଯ୍ୟକ୍ରମରେ ସଭାପତି ଥିଲେ ଜୟପୁର ଗୋଷ୍ଠି ଶିକ୍ଷା ଅଧିକାରୀ ଚନ୍ଦନ ନାୟକ, ମୁଖ୍ୟ ଅତିଥି ଥିଲେ ଜୟପୁରର ତହସିଲଦାର ସବ୍ୟସାଚୀ ଜେନା, ସମ୍ମାନିତ ଅତିଥି ଥିଲେ ଅଗ୍ନିସମ ବିଭାଗ ଅଧିକାରୀ ସୁରେଶ କୁମାର ବାରିକ, ଆବାହକ ପ୍ରକାଶ ପଟ୍ଟନାୟକ ଏବଂ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପର୍ଯ୍ୟଟନ ବିଭାଗର ଶିକ୍ଷୟିତ୍ରୀ ସୁବର୍ଣ୍ଣ ଖିଲ । ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ ।

# କଳାହାଣ୍ଡିରେ ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳନ

ଭବାନୀପାଟଣା,୨୨/୧୧ (ନି.ପ୍ର): କଳାହାଣ୍ଡି ଜିଲ୍ଲା ସ୍ଥାନୀୟ ଏସ୍.ଏନ୍. କଲ୍ୟାଣ ମଣ୍ଡପ ପରିସରରେ ଜିଲ୍ଲା ସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ, ୨୦୨୫ ମହା ସମାରୋହରେ ପାଳିତ ହୋଇଯାଇଛି । ୫୦ରୁ ଉର୍ଦ୍ଧ୍ୱ ମତ୍ସ୍ୟ ଚାଷୀ ତଥା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମା ମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, କଳାହାଣ୍ଡି ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମତ୍ସ୍ୟ ଅଧିକାରୀ, କଳାହାଣ୍ଡି, ଜ୍ଞାନ ରଞ୍ଜନ ସେଠୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ପ୍ରମୋଦ ବେହେରା, ଉପ ନିର୍ଦ୍ଦେଶକ, ଜିଲ୍ଲା ପ୍ରାଣୀ ଚିକିତ୍ସାଳୟ, ଡଃ. ବିଜୟ କୁମାର ସେନାପତି, ପ୍ରକଳ୍ପ ନିର୍ଦ୍ଦେଶକ, ମୃତିକା ସଂରକ୍ଷଣ ବିଭାଗ, ପ୍ରଭାକର ନାୟକ, ଜିଲ୍ଲା ପ୍ରୋଜେକ୍ଟ ମ୍ୟାନେଜର, ରିଲାଏନ୍ସ ଫାଉଣ୍ଡେସନ ଦେବେନ୍ଦ୍ର ପଟେଲ, ଷ୍ଟେଟ୍ ଥିମାଟିକ୍ ଲିଡ୍ ସୁଶୀଲ୍ ବେହେରା, ପ୍ରୋଜେକ୍ଟ ଡାଇରେକ୍ଟର, କର୍ତବ୍ୟ ତଥା ଅନ୍ୟ ଅତିଥି ବୃନ୍ଦ ଯୋଗ ଦେଇଥିଲେ । ଏହି ଅବସରରେ ସଫଳ ମତ୍ସ୍ୟଚାଷୀ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କଳାହାଣ୍ଡି ଜିଲ୍ଲାର ମତ୍ସ୍ୟ ବିକାଶ କ୍ଷେତ୍ରରେ କାର୍ଯ୍ୟଧାରା ଉପରେ ଜିଲ୍ଲା ମତ୍ସ୍ୟ ଅଧିକାରୀ ନିଜର ଅଭିଭାଷଣ ରଖିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବିଭାଗୀୟ ପଦାଧିକାରୀ ମାନେ ସୂଚନା ଦେଇଥିଲେ । ଏହା ସହିତ ମତ୍ସ୍ୟ ସମ୍ପଦର ସୁରକ୍ଷା, ଜଳ ସମ୍ପଦର ଦାୟିତ୍ୱପୂର୍ଣ୍ଣ ପରିଚାଳନା ଦିଗ, ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବା ସହ ତୃଣମୂଳ ସ୍ତରରେ ଗ୍ରାମୀଣ ଅର୍ଥ ନୀତିର ବିକାଶ ପାଇଁ ପ୍ରାଣୀ ପାଳନ, କୁକୁଡ଼ା ପାଳନ, ମତ୍ସ୍ୟ ଚାଷ କିପରି ସହାୟକ ହେଇପାରିବ ସେ ସମ୍ପର୍କରେ ବିଶେଷଭାବେ ଅତିଥିମାନେ ମତ୍ସ୍ୟ ଚାଷୀଙ୍କର ଦୃଷ୍ଟି ଆକର୍ଷଣ କରଥିଲେ । ମତ୍ସ୍ୟ ଚାଷ ମାଧ୍ୟମରେ ସ୍ୱାବଲମ୍ବୀ ଚାଷୀ ତଥା ଉଦ୍ୟୋଗୀ ସୃଷ୍ଟି କରିବା ଏବଂ ପ୍ରାଣୀ ସମ୍ପଦକୁ ନିରୋଗ ଏବଂ ନିରାମୟ ରଖିବା ସହ କଳାହାଣ୍ଡି ଜିଲ୍ଲା କିପରି ମାଛ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିବ ସେ ବିଷୟରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲାପାଳ ନିଜର ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସୁଚାରୁରୂପେ ଆୟୋଜନ କରିବାରେ ମତ୍ସ୍ୟ ବିଭାଗର ସମସ୍ତ କର୍ମଚାରୀ ସହାୟତା କରିଥିଲେ ।

# ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

କେନ୍ଦୁଝର,୨୨/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲାରେ ଖରିଫ ୨୦୨୫ -୨୬ ବର୍ଷ ପାଇଁ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଂସଦ କେନ୍ଦୁଝର ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଡ଼ାଃ. ଫକୀର ମୋହନ ନାଏକ, ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ଯୋଗାଣ ଅଧିକାରୀ ପବିତ୍ର କୁମାର ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ପ୍ରକାଶ ଚନ୍ଦ୍ର ସୂତ୍ରଧର, ଚମ୍ପୁଆ ବିଧାୟକଙ୍କ ପ୍ରତିନିଧି ସଂଜୀବ କୁମାର ବେହେରା ଉପସ୍ଥିତ ଥିଲେ ।

ଆସନ୍ତା ମାସ ଡିସେମ୍ବର ୨୬ ତାରିଖରୁ ପର୍ଯ୍ୟାୟ କ୍ରମେ ୭୯୧୦୮ ପଞ୍ଜୀକୃତ ଚାଷୀ ମାନଙ୍କ ଠାରୁ ୯୫ ଗୋଟି ମଣ୍ଡି ଓ ୮୨ ଗୋଟି ପ୍ୟାକ୍ସ ତଥା ଲ୍ୟାମ୍ପସ ମାଧ୍ୟମରେ ପ୍ରଥମ ପର୍ଯ୍ୟାୟରେ ୧୩,୧୩,୦୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।

ଜିଲ୍ଲାପାଳ ଚାଷୀମାନଙ୍କ ସୁବିଧା ପାଇଁ ମଣ୍ଡିରେ ପର୍ଯ୍ୟାପ୍ତ ସୁବିଧା, ଶୀଘ୍ର ଧାନ ଉଠିବା ପାଇଁ ନିଆଯାଉଥିବା ପଦକ୍ଷେପ ଓ ଚୋରା ଚାଲାଣ ହେଉଥିବା ଧାନ ଗାଡ଼ିକୁ ଜବତ କରିବା ସହ ଗତଥର ମଣ୍ଡିରେ ଉପୁଜିଥିବା ବିଭିନ୍ନ ସମସ୍ୟାର ପୁନରାବୃତି ନଘଟିବା, ଚାଷୀମାନେ ଯେପରି କଟଣି ଛଟଣୀର ଶିକାର ନହେବେ ସେଥିପ୍ରତି ବିଶେଷ ଧାନ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ସାଂସଦ ଶ୍ରୀ ନାୟକ ଅଧିକ ଆଦର୍ଶ ମଣ୍ଡି ଖୋଲିବା ପାଇଁ ପ୍ରସ୍ତାବ ଦେଇଥିଲେ । ବିଧାୟକ ବୃନ୍ଦ ଝୋଟ ବସ୍ତାର ପର୍ଯ୍ୟାପ୍ତ ଯୋଗାଣ, ମଣ୍ଡିରେ ବିଜୁଳି, ଭିତିଭୂମି, ଆଶ୍ରୟ ସ୍ଥଳ, ଟୋକନ୍ ସମୟ ସୀମା, ସମସ୍ତ ବ୍ଲକରେ ଓଜନ ମେସିନର ଉପଲବ୍ଧି ଉପରେ ଆଲୋଚନା କରିବା ସହ ଚାଷୀ ପ୍ରତିନିଧି, ମିଲର ତଥା ପ୍ରଶାସନିକ ସହଯୋଗରେ ଚଳିତ ଖରିଫ ଧାନ ସଂଗ୍ରହକୁ ବିନା କୌଣସି ଅସୁବିଧାରେ ସମ୍ପନ୍ନ କରିବାକୁ ଆହ୍ୱାନ ଦେଇଥିଲେ ।

ରାଜ୍ୟ ସରକାରଙ୍କ ନିଷ୍ପତି କ୍ରମେ ପୂର୍ବ ବର୍ଷ ଭଳି ଚଳିତ ବର୍ଷ ଏଫ୍.ଏ.କ୍ୟୁ ଧାନ ର ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରତି କୁଇଂଟାଲ ପିଛା ୨୩୬୯/- ଟଙ୍କା ଏବଂ ଗ୍ରେଡ୍-ଏ ମୂଲ୍ୟ ପ୍ରତି କୁଇଂଟାଲ ପିଛା ୨୩୮୯/- ଟଙ୍କା ରଖାଯାଇଛି । ପ୍ରତ୍ୟେକ ଧାନ ମଣ୍ଡିରେ ଗୁଣାତ୍ମକ ମାନ ଯାଂଚ୍ କରିବା ପାଇଁ ବ୍ୟବସ୍ଥା କରାଯିବ । ଏଥିନିମନ୍ତେ ରେଜିଷ୍ଟର ରଖାଯାଇ ମାନ ଯାଂଚ୍ ର ତଥ୍ୟ ଓ କୃଷକ ମାନଙ୍କ ନାମ ଉଲ୍ଲେଖ ରହିବ । ଏଥିନିମନ୍ତେ ପ୍ରାଥମିକ କୃଷି ସମବାୟ ସମିତି ଓ ନିୟନ୍ତ୍ରଣ ବଜାର କମିଟି ସମ୍ପାଦକ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବେ । ସଂଗୃହୀତ ଧାନର ମାନ ନିରୀକ୍ଷଣ କରିବା ପାଇଁ ଯନ୍ତ୍ରର ବ୍ୟବହାର କରାଯିବ ଏବଂ ସମସ୍ତ ମଣ୍ଡି ମାନଙ୍କରେ ଡିଜିଟାଲ ଆଦ୍ରତା ମାପ ଯନ୍ତ୍ର ଲଗାଯିବ ବୋଲି ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୂଚନା ଦେଇଥିଲେ । ଅସାଧୁ ବ୍ୟକ୍ତି ଯେପରି ଧାନ ସଂଗ୍ରହ ପ୍ରକ୍ରିୟାରେ ହସ୍ତକ୍ଷେପ ନକରନ୍ତି ଏଥିପ୍ରତି ଧାନ ଦେବାକୁ ବିଧାୟକ ମାନେ ପରାମର୍ଶ ଦେଇଥିଲେ । ଧାନ ସଂଗ୍ରହ କାର୍ଯ୍ୟକୁ ସଫଳ କରାଇବା ପାଇଁ ପ୍ରତିଟି ଆର୍ ଏମ ସିର ଅଧକ୍ଷ ମାନଙ୍କୁ ଗାଆଁ ଗାଆଁ ବୁଲି ଚାଷୀ ମାନଙ୍କ ସହିତ ଉତମ ଯୋଗାଯୋଗ ରଖିବା ସହ ଧାନର ଏଫଏକ୍ୟୁ ମାନ ବିଷୟରେ ଚାଷୀଙ୍କୁ ପୂର୍ବରୁ ସଚେତନ କରିବା, ମଣ୍ଡିକୁ ଧାନ ଆସିବାର ଯଥା ସମୟ ପୂର୍ବରୁ ଚାଷୀ ମାନଙ୍କୁ ଟୋକେନ୍ ଦେବା ବ୍ୟବସ୍ଥା କରିବା, କଳାବଜାରୀ ଭଳି ବେଆଇନ କାର୍ଯ୍ୟଗୁଡିକୁ ରୋକିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା ।

ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉପ-ଜିଲ୍ଲାପାଳ କେନ୍ଦୁଝର ଉମାଶଙ୍କର ଦଳାଇ, ଉପଜିଲ୍ଲାପାଳ ଚମ୍ପୁଆ ଉମାକାନ୍ତ ପରିଡା, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ ପୃଥିରାଜ ମଣ୍ଡଳ, ଡ଼ିଆରସିଏସ ପର୍ଶୁରାମ ପାତ୍ର, କୃଷକ ପ୍ରତିନିଧି ଓ ଜିଲ୍ଲା ଯୋଗାଣ ବିଭାଗର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ ।

# ବଲାଙ୍ଗିରରେ ନିଶା କାରବାର: ଗୋଷ୍ଠୀ ସଂଘର୍ଷରେ ଜଣେ ଗୁରୁତର

ବଲାଙ୍ଗିର,୨୨/୧୧ (ନି.ପ୍ର): ବଲାଙ୍ଗିର ସହରର ଲକ୍ଷ୍ମୀପୋର ଥାନା ଅନ୍ତର୍ଗତ ଆନନ୍ଦ ନଗର ଅଂଚଳରେ ଗୋଷ୍ଠୀ ସଂଘର୍ଷରେ ଜଣେ ଯୁବକ ଗୁରୁତର ହୋଇଛନ୍ତି । ଗୁରୁତର ଯୁବକ ବଲାଙ୍ଗିର ଟାଉନ ଥାନା ଶାସ୍ତ୍ରୀ ନଗରର ଭାସ୍କର ପରିଚ୍ଛା ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି । ଗୁରୁବାର ରାତି ପ୍ରାୟ ୯ଟା ୩୦ରେ ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି କାରଣରୁ ମାରପିଟ୍ ହୋଇଥିଲା । ଗୋଟିଏ ଗୋଷ୍ଠୀର ଆକ୍ରମଣରେ ଭାସ୍କର ଗୁରୁତର ହୋଇଥିଲେ ହେଁ ମାରଣାସ୍ତ୍ରରେ ତାଙ୍କ ଉପରେ ଆକ୍ରମଣ ହୋଇଥିବା ଜଣାପଡ଼ିଛି । ଆକ୍ରମଣକାରୀ ଆକ୍ରମଣରେ ଏକ ସ୍କୁଟି ଭାଙ୍ଗିରୁଜି ଯାଇଥିବା ଦେଖିବାକୁ ମିଳିଛି । ବଲାଙ୍ଗିର ଟାଉନ ଥାନା ପିସିଆର୍ ଭ୍ୟାନ୍ ଭାସ୍କରଙ୍କୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ଚିକିତ୍ସାଳୟରେ ଭର୍ତି କରିଛି । ସହର ମଧ୍ୟରେ ବେଆଇନ ନିଶା କାରବାରକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟିଥିବା ସ୍ଥାନୀୟ ଅଂଚଳରେ ଆଲୋଚନା ହେଉଛି । ଲକ୍ଷ୍ମୀପୋର ଥାନା ଅଧିକାରୀ ଶୁଭରାଜ ଧରୁଆ ତଦନ୍ତ କରୁଛନ୍ତି । ତଦନ୍ତ ଜାରି ରହିଥିବାରୁ ତଦନ୍ତ ପରେ ସମ୍ପୂର୍ଣ ସୂଚନା ଦିଆଯିବ ବୋଲି ବଲାଙ୍ଗିର ଏସଡିପିଓ ସରୋଜ ଉପାଧ୍ୟାୟ ସୂଚନା ଦେଇଛନ୍ତି । ସହରରେ ବଢ଼ି ଚାଲିଥିବା ନିଶା କାରବାର ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିବାକୁ ସହରବାସୀ ଦାବି କରିଛନ୍ତି ।

ପ୍ରକାଶ ଯେ, ବଲାଙ୍ଗିର ସହର ଭିତରେ ବେଆଇନ ନିଶା କାରବାର ବୃଦ୍ଧି ପାଇବାରେ ଲାଗିଛି । ଗଞ୍ଜେଇ ଓ କଫସିରପ ସହ ଚୋରାମଦ କାରବାର ବଢୁଛି । ଚା ପାନ ଦୋକାନରେ ମାଦକ ଦ୍ରବ୍ୟ ଉପଲବ୍ଧ ହେଉଥିବାରୁ ଯୁବଗୋଷ୍ଠି ନିଶାଗ୍ରସ୍ତ ହେଉଛନ୍ତି । ଅପରାଧୀଙ୍କୁ କାବୁ କରିବାରେ ପୁଲିସ ବିଫଳ ହେଉଛି ।

# ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ପାଳିତ

ମାଲକାନଗିରି,୨୨/୧୧ (ନି.ପ୍ର): ବିଶିଷ୍ଟ ରାଜନୀତିଜ୍ଞ ତଥା ଜନନାୟକ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଜୟନ୍ତୀ ମାଲକାନଗିରି ଜିଲ୍ଲାରେ ପାଳିତ ହୋଇଯାଇଛି । ଆଜି ମାଲକାନଗିରି ଜିଲ୍ଲା ସଦର ମହକୁମା ସ୍ଥିତ ବଙ୍ଗାଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ମୁଖ୍ୟବକ୍ତା ଭାବେ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ସାମ୍ବାଦିକ ରତ୍ନାକର ଦାଶ, ସମ୍ମାନୀତ ଅତିଥି ଭାବେ ବରିଷ୍ଠ ଶିକ୍ଷୟତ୍ରୀ ପ୍ରଭାରାଣୀ ଦାସ ଓ ପ୍ରମିଳା ଦେବୀ ଉପସ୍ଥିତ ରହି ବିଦ୍ୟାଳୟ ପରିସରରେ ପ୍ରତିଷ୍ଠିତ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଡ. ମହତାବ ଏକାଧାରରେ ଗାନ୍ଧି ବାଦୀ, ସ୍ୱାଧୀନତା ସଂଗ୍ରାମୀ, ରାଷ୍ଟ୍ରନୀତିଜ୍ଞ, କୂଟନୀତିଜ୍ଞ, ଐତିହାସିକ, ଶିଶୁସାହିତ୍ୟିକ, ଔପନ୍ୟାସିକ, କବି, ନାଟ୍ୟକାର, ପ୍ରାବନ୍ଧିକ, ନିର୍ଭୀକ ଓ ନବ ଉତ୍କଳର ନିର୍ମାତା ଥିଲେ । ତାଙ୍କର ତ୍ୟାଗ, ତିତିକ୍ଷା ଓ ସେବା ଜାତି ତଥା ଦେଶ ପାଇଁ ଅବିସ୍ମରଣୀୟ ମହାନ୍ ଦାନ । ଉତ୍କଳଭୂମିର ଅନ୍ୟତମ ବରପୁତ୍ର ଓ ସୁଯୋଗ୍ୟ ସନ୍ତାନ ହେଉଛନ୍ତି ସ୍ୱର୍ଗତ ଡକ୍ଟର ହରେକୃଷ୍ଣ ମହତାବ । ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଭଲ ମଣିଷ ହେବା ପାଇଁ ଅତିଥିମାନେ ଛାତ୍ର ଛାତ୍ରୀଙ୍କୁ ଦିଗଦର୍ଶନ ଦେଇଥିଲେ । ବିଦ୍ୟାଳୟର ଛାତ୍ରୀମାନେ ଦେଶାତ୍ମବୋଧ ସଙ୍ଗୀତ ଗାନ କରିଥିଲେ । ଏହି ଅବସରରେ ବିଦ୍ୟାଳୟର ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି ଡ. ମହତାବଙ୍କ ସ୍ମୃତିଚାରଣ କରିଥିଲେ ।

# ଫୁଲବାଣୀରେ ଜିଲ୍ଲା ସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ

କନ୍ଧମାଳ,୨୨/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ବିଶ୍ୱ ମତ୍ସ୍ୟ ଦିବସ-୨୦୨୫ ପାଳିତ ହୋଇଯାଇଛି । ଜିଲ୍ଲା ମତ୍ସ୍ୟ ଅଧିକାରୀ ବିଶ୍ୱରଂଜନ ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଭଗବତ ଘୋଷ, ଅତିରିକ୍ତ ପ୍ରାଣୀ ଚିକିତ୍ସକ ଅଧିକାରୀ ଡ. ପ୍ରଣବ କିଶୋର ପଟ୍ଟନାୟକ, ସହକାରୀ କୃଷି ଅଧିକାରୀ, ଫୁଲବାଣୀ ଶ୍ରୀମତୀ ଶୁଭଲକ୍ଷ୍ମୀ ବେହେରା ଏବଂ ସହକାରୀ ମତ୍ସ୍ୟ ଅଧିକାରୀ, ବାଲିଗୁଡ଼ା ବିଶ୍ୱନାଥ ଖେତି ପ୍ରମୁଖ ମଂଚାସୀନ ଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ଶ୍ରୀ ରଥ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଏହି ଦିବସର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଜିଲ୍ଲାର ୧୨ ଗୋଟି ବ୍ଲକରୁ ୭୦ ଜଣ ମତ୍ସ୍ୟ ଚାଷୀ, ମତ୍ସ୍ୟ ଉଦ୍ୟୋଗୀ, ମାଛ ଯାଆଁଳ ଉତ୍ପାଦନକାରୀ, ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର ସଦସ୍ୟ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ସମେତ ବ୍ଲକର ସମସ୍ତ ସହକାରୀ ମତ୍ସ୍ୟ ଅଧିକାରୀର ମାନେ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ଘୋଷ ଚାଷୀ ମାନଙ୍କୁ ମତ୍ସ୍ୟ ଚାଷ ସମ୍ବନ୍ଧୀୟ ବିଭିନ୍ନ ଯୋଜନାରୁ ଫାଇଦା ଉଠାଇବା ପାଇଁ ପ୍ରବର୍ତାଇ ଥିଲେ । ଏବଂ ପ୍ରାଣୀ ବିଭାଗ ଯୋଜନା ଗୁଡିକ ଅବଗତ କରାଇଥିବା ବେଳେ କୃଷି ବିଭାଗର ଅଧିକାରୀ ଶ୍ରୀମତୀ ବେହେରା ସମନ୍ୱିତ ମତ୍ସ୍ୟ ଚାଷ ଉପରେ ଗୁରୁତ୍ୱାରୋପ କରିବା ସହିତ ମତ୍ସ୍ୟ ଚାଷୀଙ୍କୁ ଉତ୍ସାହିତ କରିଥିଲେ । ଏହି ଦିବସରେ ୧ ଜଣ ସଫଳ ମତ୍ସ୍ୟ ଚାଷୀ, ୧ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା । ସହକାରୀ ମତ୍ସ୍ୟ ଅଧିକାରୀ, ଚକାପାଦ, ଜି. ଦୀପକ୍ ରେଡ୍ଡୀ ମତ୍ସ୍ୟ ବିଭାଗର ବିଭିନ୍ନ ଯୋଜନା ସମ୍ବନ୍ଧରେ ଆଲୋକପାତ କରିଥିଲେ । ସହକାରୀ ମତ୍ସ୍ୟ ଅଧିକାରୀ, ଖଜୁରୀପଡ଼ା ଶ୍ରୀମତୀ ଆରୋଷୀ ଅର୍ପିତା ମିଶ୍ର ସଭାରେ ମଂଚ ପରିଚାଳନା କରିଥିଲେ । ଶେଷରେ ସହକାରୀ ମତ୍ସ୍ୟ ଅଧିକାରୀ, ଫୁଲବାଣୀ କାହ୍ନୁ ଚରଣ ମୁଖି ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜ୍ଞାନ ମେଳାରେ ଛାତ୍ରୀଙ୍କ କୃତିତ୍ୱ

କେନ୍ଦୁଝର,୨୨/୧୧ (ନି.ପ୍ର): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଶିକ୍ଷା ମଣ୍ଡଳ ଅନୁର୍ଗତ ଯମୁନା ପଶି ଉଚ୍ଚ ବିଦ୍ୟାଳୟ ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ଏହି ବ୍ଲକ ସ୍ତରୀୟ ବିଜ୍ଞାନ ମେଳା ରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମୋଟ ୧୨୫ଟି ପ୍ରକଳ୍ପ ଅଂଶ ଗ୍ରହଣ କରିଥିଲେ । ଏହି ବିଜ୍ଞାନ ମେଳା ରେ ପାଟଣା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦଶମ ଶ୍ରେଣୀ ଛାତ୍ରୀ କ୍ରିୟା ଶ୍ରେୟ ସାହୁ ବର୍ଜ୍ୟବସ୍ତୁ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପରେ ଭାଗ ନେଇଥିଲେ । ଏଥିରେ ବିଚାରକ ମଣ୍ଡଳୀଙ୍କ ଚୟନରେ ଶ୍ରିୟା ଶ୍ରେୟସୀଙ୍କ ବର୍ଜ୍ୟବସ୍ତୁ ବିଦ୍ୟୁତ୍ ଉତ୍ପାଦନ ପ୍ରକଳ୍ପ ପ୍ରଥ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି । ବିଜ୍ଞାନ ମେଳାରେ ଛାତ୍ରୀଙ୍କ କୃତିତ୍ୱ ନେଇ ଶିକ୍ଷକ ଶିକ୍ଷୟତ୍ରୀ ମହଲରେ ଆନନ୍ଦର ଲହରୀ ଖେଳିଯାଇଛି । ଛାତ୍ରୀଙ୍କ କୃତିତ୍ୱକୁ ନେଇ ପ୍ରଧାନ ଶିକ୍ଷକ କୃଷ୍ଣ ମହାନ୍ତ, ଗାଇଡ୍ ଶିକ୍ଷକ ପାର୍ଥ ହରେକୃଷ୍ଣ ସାରଥି ବେଜ୍ ଓ ଅନ୍ୟମାନେ ଶୁଭେଚ୍ଛା ଜଣାଇଛନ୍ତି ।

# ବାଚସ୍ପତି ସୁରମା ପାଢୀଙ୍କୁ ଧର୍ମଶାଳାରେ ସ୍ୱାଗତ ସମ୍ବର୍ଦ୍ଧନା

ଧର୍ମଶାଳା,୨୨/୧୧ (ନି.ପ୍ର): ଶୁକ୍ରବାର ବାଚସ୍ପତି ସୁରମା ପାଢୀ କେନ୍ଦୁଝର ଜିଲା ଗସ୍ତ କରିଛନ୍ତି । ତାଙ୍କ ଗସ୍ତ ସମୟରେ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ପକ୍ଷରୁ ଜାରକାସ୍ଥ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ଶହଶହ ବିଜେପି କର୍ମୀ ତାଙ୍କୁ ସ୍ୱାଗତ କରିବା ସହ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ବିଜେପି ଜିଲା ସଭାନେତ୍ରୀ ଦେବଯାନୀ ପ୍ରଧାନଙ୍କ ସମେତ ଧର୍ମଶାଳା ବ୍ଲକ ଅଧକ୍ଷା, ଉପାଧକ୍ଷା, ମହିଳା ନେତ୍ରୀ ଓ ଯୁବନେତା ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ ।

# ଉପଯୁକ୍ତ ପ୍ରମାଣ ଅଭାବରୁ ଦୁଇ ମୁଦାଲା ନିର୍ଦ୍ଦୋଷରେ ଖଲାସ

କନ୍ଧମାଳ,୨୨/୧୧ (ନି.ପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ଥାନା ଅଂଚଳର ୨୦୧୭ ମସିଆରେ ପୋସ୍କୋ କେସରେ ତତକାଳୀନ ଥାନାଧିକାରୀ ଥାନା କେଶ୍ ନମ୍ବର -୪୩/ତା ୨୪.୦୩.୨୦୧୭ ରିଖରେ ରେଜିଷ୍ଟ୍ରେସନ କରି ତଦନ୍ତ ଚଳାଇ ତିନି ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟରେ ହାଜର କରାଇଥିଲେ । ସେଥି ମଧ୍ୟରୁ ଥାନା ଅଧିକାରୀ ଖମ୍ବାରୀ ଦୁଇ ମୁଦାଲା ବିପିନ ନାୟକ ଓ ସୁକାନ୍ତି ନାୟକଙ୍କୁ ଗିରଫ କରି ଅଦାଲତକୁ ହସ୍ତାନ୍ତର କରିଥିଲେ । ଗିରଫ ପରେ ଉପରୋକ୍ତ ମୁଦାଲା ମାନେ ଫୁଲବାଣୀ ସହରର ଜଣାଶୁଣା ଆଇନଜୀବି ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କୁ ମୋକଦ୍ଦମା ପରିଚାଳନା କରିବା ପାଇଁ ଦାୟିତ୍ୱ ଦେଇ ନିର୍ଦ୍ଧାରିତ ସମୟରେ ତ୍ୱଲରେ ଆସି ମକଦ୍ଦମା ସଂଖ୍ୟା ସିଟି ୧୭/ ୨୦୧୭ର ବିଚାର ପ୍ରକ୍ରିୟାରେ ସ୍ଥାନୀୟ ଫୁଲବାଣୀ ଫାଷ୍ଟ୍ ଟ୍ରାକ୍ ପୋସ୍କୋ ଅଦାଲତରେ ବିଚାର ପ୍ରକ୍ରିୟାରେ ଅଂଶ ନେଇଥିଲେ । ଏହି ମାମଲାର ସମସ୍ତ ତଥ୍ୟ ସାକ୍ଷୀ ପ୍ରମାଣର ଆଧାରକୁ ବିଚାରକୁ ନେଇ ବର୍ତମାନର ଅତିରିକ୍ତ ଜିଲ୍ଲା ତଥା ସ୍ୱତନ୍ତ୍ର କୋର୍ଟର ପୋସ୍କୋ ବିଚାରପତି କୈଳାସ ଚନ୍ଦ୍ର ସ୍ୱାଇଁ ଉପଯୁକ୍ତ ପ୍ରମାଣ ଅଭାବରୁ ଉପରୋକ୍ତ ମୁଦାଲା ଦ୍ୱୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି ବୋଲି ନିଜ ରାୟରେ ପ୍ରକାଶ କରିଛନ୍ତି । ମୋକଦ୍ଦମା ଶେଷ ପର୍ଯ୍ୟନ୍ତେ ଏହି ମୋକଦ୍ଦମାକୁ ଫୁଲବାଣୀର ଓକିଲ ଆଦିତ୍ୟ ପ୍ରସାଦ ତ୍ରିପାଠୀଙ୍କ ଜରିଆରେ ମୁଦାଲା ମାନଙ୍କ ତରଫରୁ ପରିଚାଳନା କରୁଥିଲେ ।

# ସିୟୁଓ ଓ ୟୁନିସେଫ୍ ମିଳିତ ଭାବେ କରିବେ 'ଜନଜାତୀୟ ସଂଚାର କେନ୍ଦ୍ର'

ଜୟପୁର,୨୨/୧୧ (ନି.ପ୍ର): ଓଡିଶାର ସମ୍ପନ୍ନ ଆଦିବାସୀ ସଂସ୍କୃତିକ ଐତିହ୍ୟକୁ ସୁରକ୍ଷିତ କରିବା ଓ ଜନଜାତିୟ ସମୁଦାୟମାନଙ୍କର କଥାକୁ ଦୃଢ଼ ଭାବରେ ସାମ୍ନାକୁ ଆଣିବା ପାଇଁ କେନ୍ଦ୍ରୀୟ ଓଡିଶା ବିଶ୍ୱବିଦ୍ୟାଳୟ (ସିୟୁଓ), କୋରାପୁଟ ଓ ୟୁନିସେଫ୍ ଓଡିଶା ମିଳିତ ଭାବରେ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍ ?ରେ 'ଜନଜାତୀୟ ସଂଚାର କେନ୍ଦ୍ର ସ୍ଥାପନ ପାଇଁ ରଣନୀତିମୂଳକ ସହଯୋଗରେ ଅବତୀର୍ଣ୍ଣ ହୋଇଛନ୍ତି । ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଜନଜାତିୟ ସମୁଦାୟର ସାମାଜିକ-ଆର୍ଥିକ ସଶକ୍ତିକରଣ, ପାରମ୍ପରିକ ଜ୍ଞାନ ଓ ପ୍ରଥାମାନଙ୍କ ସୁରକ୍ଷା ଏବଂ ସମୃଦ୍ଧି ସହିତ ସମାନ ସୁଯୋଗ ନିଶ୍ଚିତ କରି ରାଜ୍ୟର ଉନ୍ନୟନ ମୁଖ୍ୟଧାରାରେ ତାଙ୍କୁ ଅନ୍ତର୍ଭୁକ୍ତ କରିବା ।

୨୦ ନଭେମ୍ବର ୨୦୨୫ ରେ ସୁନାବେଡା ସ୍ଥିତ ସିୟୁଓ କ୍ୟାମ୍ପସ୍ ରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ପ୍ରଫେସର ନରସିଂହ ଚରଣ ପଣ୍ଡା ଓ ୟୁନିସିଏଫ ଓଡିଶାର ଫିଲ୍ଡ ଅଫିସ୍ ର ଚିଫ୍ ଉଇଲିଆମ୍ ହାନ୍ଲନ୍ ଔପଚାରିକ ଭାବେ ଉଦ୍ଦେଶ୍ୟ ପତ୍ରକୁ ସ୍ୱାକ୍ଷର କରିଥିଲେ । ଏହି ଅବସରରେ ବିଶ୍ୱବିଦ୍ୟାଳୟର ବିତ ଅଧିକାରୀ ଦୁର୍ଯୋଧନ ସେଠୀ, ପତ୍ରକାରିତା ଏବଂ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ମୁଖ୍ୟ ଡ଼. ନିଖିଲ କୁମାର ଗୌଡ଼ ଓ ଅଧ୍ୟାପକ ମଣ୍ଡଳୀ, ୟୁନିସେଏଫ ଓଡିଶାର ଏସବିସି ବିଶେଷଜ୍ଞ ଡ଼. ସୁଗତ ରାୟ, ସିୟୁଓ ର ଲୋକସମ୍ପର୍କ ଅଧିଲାରୀ ଡ଼. ଫଗୁନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ପଦକ୍ଷେପକୁ ବିଶ୍ୱବିଦ୍ୟାଳୟ ପାଇଁ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ବୋଲି ବ୍ୟାଖ୍ୟା କରି ପ୍ରଫେସର ପଣ୍ଡା କହିଥିଲେ ଯେ, "ବିଶ୍ୱବିଦ୍ୟାଳୟରେ ଜନଜାତୀୟ ସଂଯୋଗ କେନ୍ଦ୍ର ସ୍ଥାପନ ହେବା ଆମ ପାଇଁ ଗର୍ବର ବିଷୟ । ଏହା ଛାତ୍ରଛାତ୍ରୀ ଓ ଜନଜାତୀୟ ସମୁଦାୟ—ସମସ୍ତଙ୍କୁ ସଶକ୍ତ କରିବ ଓ ଆଦିବାସୀ ବହୁଳ ଅଂଚଳମାନଙ୍କ ସାମଗ୍ରିକ ବିକାଶରେ ମୂଲ୍ୟବାନ ଭୂମିକା ନିର୍ବାହ କରିବ । ଏହା ସହ ଜନଜାତୀୟ ଅଧିକାର ଓ ପ୍ରତିନିଧିତ୍ୱକୁ ସୁଦୃଢ କରିବାରେ ଏହା ହେଉଛି ଐତିହାସିକ ପଦକ୍ଷେପ" । ଟିସିସି ଜନଜାତୀୟ ସଂସ୍କୃତି, ପରମ୍ପରା ଓ ସଂଯୋଗ ପ୍ରଥାମାନଙ୍କର ସୁସଂଗଠିତ ପ୍ରଲେଖନ କରିବ । ଏହା ସ୍ଥାନୀୟ ଭାଷାମାନରେ ବିଭିନ୍ନ ସାମଗ୍ରୀ ତିଆରି କରି ଏହାର ପ୍ରଚଳନକୁ ବୃଦ୍ଧି କରିବ । ଛାତ୍ରଛାତ୍ରୀ, ଗବେଷକ ଓ ସମୁଦାୟ ପ୍ରତିନିଧିମାନଙ୍କ ପାଇଁ ଏହା ଏକ ସକ୍ରିୟ ମଂଚ ଭାବେ କାର୍ଯ୍ୟ କରି ବିଶେଷ ଭାବେ ଶିକ୍ଷା, ସ୍ୱାସ୍ଥ୍ୟ, ପୋଷଣ, କିଶୋର ବିକାଶ ଓ ଜଳବାୟୁ ସହନଶୀଳତା ବିଷୟରେ ଅନୁସନ୍ଧାନ ଓ ଆଲୋଚନାକୁ ପ୍ରୋତ୍ସାହନ ଯୋଗାଇବ । ସହଭାଗୀତାମୂଳକ ପ୍ରକଳ୍ପ, କାର୍ଯ୍ୟଶାଳା ଓ କ୍ଷେତ୍ର ପରିଦର୍ଶନ ମାଧ୍ୟମରେ ଏହି କେନ୍ଦ୍ର ପାରମ୍ପରିକ ଜ୍ଞାନକୁ ଆଧୁନିକ ଜ୍ଞାନ ଓ ଉନ୍ନୟନ ଆବଶ୍ୟକତା ସହିତ ସମନ୍ୱୟ କରିବ । ସହଯୋଗର ଗୁରୁତ୍ୱ ଉଲ୍ଲେଖ କରି ଉଇଲିଆମ୍ ହାନ୍ଲନ୍ ଜୁନିୟର କହିଥିଲେ ଯେ, ଏହି ଭାଗୀଦାରୀ ଆମର ମିଳିତ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ—ଯାହା ଉନ୍ନୟନର କେନ୍ଦ୍ରବିନ୍ଦୁରେ ଜନଜାତୀୟ ଦୃଷ୍ଟିଭଙ୍ଗୀକୁ ସ୍ଥାନ ଦେବାକୁ ଗୁରୁତ୍ୱ ଦେବ ।

# ୫୩ ନମ୍ବର ଜାତୀୟ ରାଜପଥରେ ଗଳି ପୋଲ ଦାବି ଜୋର ଧରିଲା

ଧର୍ମଶାଳା,୨୨/୧୧ (ନି.ପ୍ର): ଯାଜପୁର ଜିଲା ଚଣ୍ଡିଖୋଲ-ଡୁବୁରୀ ୫୩ ନଂ ଜାତୀୟ ରାଜପଥ କନ୍ତପଡା ଛକରେ ଏକ ଗଳି ପୋଲ ନିର୍ମାଣ ଦାବି କରିଛନ୍ତି ଅଂଚଳବାସୀ । ଏନେଇ ଏକ ୭ ଦଫା ଦାବିପତ୍ର ନେଇ ଯାଜପୁର ଜିଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ପ୍ରଦାନ କରିଛନ୍ତି । କନ୍ତପଡା ଛକଟି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭାବେ ବେଶ୍ ପରିଗଣିତ । ଏଠାକୁ ଦୈନଦିନ ଶହଶହ ଲୋକେ ଯାତାୟତ କରୁଥିବା ବେଳେ ସ୍କୁଲ କଲେଜ ଛାତ୍ରଛାତ୍ରୀ ସକାଳ ଓ ଅପରାହ୍ନରେ ଯିବା ଆସିବା କରିଥାନ୍ତି । ୫୩ ନଂ ଜାତୀୟ ରାଜପଥ ଥିବାରୁ ଉଭୟ ପାର୍ଶ୍ୱକୁ ଯିବାକୁ ବହୁ ସମୟ ଅପେକ୍ଷା କରିବାକୁ ପଡୁଛି । ଏହି ସ୍ଥାନ ଏକ ଦୁର୍ଘଟଣାପ୍ରବଣ ଅଂଚଳ ଭାବେ ପରିଚିତ । ଅତୀତରେ ଏହି ସ୍ଥାନମାନଙ୍କରେ ଦୁର୍ଘଟଣା ଘଟି ଅନେକ ଲୋକଙ୍କ ଧନ ଜୀବନ ହାନି ହୋଇଥିବାର ନଜିର ରହିଛି । ଏହାକୁ ଦୃଷ୍ଟିରେ ରଖି ଜାତୀୟ ରାଜପଥ ଉପରେ ଏକ ଗଳି ପୋଲି ନିର୍ମାଣ କରିବାକୁ ଅଂଚଳବାସୀ ଅଂଟା ଭିଡିଛନ୍ତି । ଯାହାକୁ ନେଇ ଆଜି ଏକ ଦାବି ପତ୍ର ଜିଲା ପ୍ରଶାସନ ନିକଟରେ ପ୍ରଦାନ କରିଛନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୩ ନଭେମ୍ବର ୨୦୨୫
email : rabibarachayan2015@gmail.com

ର ବି ବା ର ଚ ୟ ନ

ପୃଷ୍ଠା ୩

......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ ଉପନ୍ୟାସ

### ଡ.ଭାଗବତ ବେହେରା



# ବୈଦେହୀ

ଭାଗ-୧୨୨
(ପୂର୍ବ ପ୍ରକାଶିତ ଉତ୍ତାରୁ...)



**'ବୈଦେହୀ' ସୀତାଙ୍କର ଅନ୍ୟ ଏକ ନାମ। ଆର୍ଯ୍ୟା ଭାରତୀୟ ନାରୀ ସମାଜରେ ସୀତା ହେଉଛନ୍ତି ମଉଡ଼ମଣି । ତାଙ୍କ ତୁଲ୍ୟା ନାରୀ ବିଶ୍ୱରେ ଅନ୍ୟତ୍ର ବିରଳ । ସେବା, ତ୍ୟାଗ, ଶ୍ରଦ୍ଧା, ଦୟା, କ୍ଷମାର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସୀତାଦେବୀ । ଜୀବନଯାକ ଦୀପ ଭଳି ଜଳିଜଳି ସେ ନିଜ ପରିବାରକୁ, ସମାଜକୁ ଆଲୋକ ଦାନ କରି ଯାଇଛନ୍ତି । ତାଙ୍କ ତୁଲ୍ୟ ପତିବ୍ରତା, ପତି ପରାୟଣା, ପତି ସୋହାଗିନୀ ନାରୀ ତାଙ୍କ ପରେ ଆଉ ଦେଖିବାକୁ ମିଳନ୍ତି ନାହିଁ । ସେହି ମହନୀୟା, ଆଦର୍ଶ ସ୍ଥାନୀୟା, ମହିୟସୀ ଚରିତ୍ରକୁ ନେଇ ଡ. ଭାଗବତ ବେହେରା ତାଙ୍କର 'ବୈଦେହୀ' ଉପନ୍ୟାସଟିକୁ ରଚନା କରିଛନ୍ତି । ଡ. ବେହେରାଙ୍କର 'ବୈଦେହୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ହସ୍ତଯୋଡ଼ି ଚକ୍ଷୁବୁଜି ଛିଡ଼ା ହୋଇଥାନ୍ତି ସୀତାଦେବୀ । ନୟନରୁ ଧାରଧାର ହୋଇ ଝରି ଯାଉଛି ଅଶ୍ରୁଜଳ । ସ୍ତବ୍ଧ ନୈମିଷାରଣ୍ୟ । ସ୍ତବ୍ଧ ପ୍ରକୃତି, ଜୀବଜଗତ, ସ୍ତବ୍ଧ ରାଜାପ୍ରଜା, ମୁନିଋଷି, ସାଧୁସନ୍ଥ, ସମସ୍ତଙ୍କ ଚକ୍ଷୁରେ ଅଶ୍ରୁର ଝରଣା ।

ଏତେପରେ ଆଉ ନିଜକୁ ସମ୍ଭାଳି ପାରିଲେ ନାହିଁ ବିଶ୍ୱାମିତ୍ର । ଗର୍ଜିଉଠିଥିଲେ ସେ । କୁହ କୁହ ରାମ, ଏହାପରେ ତୁମେ କ'ଣ କହିବାକୁ ଚାହୁଁଛ । ଏହାପରେ ତୁମେ କି ପରୀକ୍ଷା ନେବାକୁ ଚାହୁଁଛ । ତୁମ ମନରେ କ'ଣ ଏତେ ପରେ ବି ସୀତା ପ୍ରତି ସନ୍ଦେହ ରହିଛି ?

ପାଟି ଖୋଲିଥିଲେ ପ୍ରଭୁ ଶ୍ରୀରାମ । ଗୁରୁଦେବ ! ମୁଁ ଯେଉଁ ପରୀକ୍ଷା ନେବାକୁ ଚାହୁଁଛି ସେ ପରୀକ୍ଷା ମୋ ପାଇଁ ନୁହଁ, ମୋ ପ୍ରଜାଙ୍କ ପାଇଁ ।

ପ୍ରଜା ପ୍ରଜା ପ୍ରଜା । ସବୁବେଳେ ପ୍ରଜାଙ୍କ ନାମରେ ଦ୍ୱାହିଦେଇ, ଯେତେ ସବୁ ଅନ୍ୟାୟ କର୍ମ ତୁମେ କରି ଆସିଛ । ଆଜି ମୁଁ ଯାହା ଜାଣୁଛି ପ୍ରଜା ନୁହଁନ୍ତି, ପତି ଶ୍ରୀରାମ ହିଁ ପତ୍ନୀ ସୀତାଙ୍କ ଠାରୁ ପରୀକ୍ଷା ନେବାକୁ ଚାହୁଁଛନ୍ତି ।

ବାଷ୍ପ ଗଦ୍‌ଗଦ୍ କଣ୍ଠରେ କୋହକୁ ଚାପି ନପାରି ସୀତାଦେବୀ କହିଥିଲେ, "ମୋର ଶେଷ ପରୀକ୍ଷାର ବେଳ ଉପନୀତ ହୋଇଯାଇଛି ଗୁରୁଦେବ । ଏବେ ଏ ଶେଷ ପରୀକ୍ଷା ଦେବା ପୂର୍ବରୁ ମୁଁ ମୋର ଭୁଲ୍ ପାଇଁ ସମସ୍ତଙ୍କ ଠାରୁ କ୍ଷମା ମାଗିନେଉଛି । ପ୍ରଥମେ କ୍ଷମା ମୁଁ ମୋ ସ୍ୱାମୀ ଦେବତାଙ୍କ ଠାରୁ ମାଗି ନେଉଛି । ଯେତେଦିନ ମୁଁ ତାଙ୍କ ନିକଟରେ ଥିଲି, ସେହିଦିନ ମାନଙ୍କରେ ମୁଁ ଯଦି ତାଙ୍କ ସେବାରେ, ତାଙ୍କ କର୍ମରେ, ତାଙ୍କ ଧର୍ମରେ କିଛି ଅବହେଳା କରିଛି ସେ ମୋତେ ତାଙ୍କର ମହନୀୟତା ଗୁଣରେ କ୍ଷମା କରିଦେବେ । ଯେଉଁଥିପାଇଁ ସେ ମୋତେ ପତ୍ନୀର ମର୍ଯ୍ୟାଦା ଦେଇଥିଲେ 'ପୁତ୍ରାର୍ଥେ କ୍ରିୟତେ ଭାର୍ଯ୍ୟା' ତାଙ୍କର ଦୁଇପୁଅ ମଧ୍ୟ ଆଜି ତାଙ୍କ ପାଖରେ । ରଘୁବଂଶର ମାନମର୍ଯ୍ୟାଦାରେ ମୁଁ ତିଳେହେଲେ ଆଞ୍ଚ ଆସିବାକୁ ଦେଇନାହିଁ । ଦଶରଥ ରାଜାଙ୍କ ପୁତ୍ରବଧୂ ଭାବରେ ମୁଁ ଯଦି ମୋ ଶାଶୁ ଶଶୁରଙ୍କ ସେବାରେ କିଛି ଅବହେଳା କରିଥାଏ, ତାହେଲେ ମୋର ଶାଶୁମା' ମାନେ ମୋତେ କ୍ଷମା କରିଦେବେ । ଜୀବନରେ ସାଧୁସନ୍ଥ, ଅତିଥି, ଅଭ୍ୟାଗତ, ମୁନିଋଷିଙ୍କ ସେବାଚର୍ଯ୍ୟାରେ ଯଦି କିଛି ତ୍ରୁଟି କରିଥାଏ ତାହେଲେ ସେମାନେ ମଧ୍ୟ ମୋତେ କ୍ଷମା କରିଦେବେ । ଶେଷରେ ଅଯୋଧ୍ୟାର ପ୍ରଜାକୁଳଙ୍କୁ କ୍ଷମାପ୍ରାର୍ଥନା କରି କହୁଛି ଯଦି ଏ ସୀତା କେବେବି ତାଙ୍କ ପ୍ରତି କିଛି ଅବିଚାର ଅନ୍ୟାୟ କରିଥିବ, ତାହେଲେ ସେମାନେ ମଧ୍ୟ ମୋତେ କ୍ଷମା କରିଦେବେ । ସୀତା ଆଜି ଯୋଡ଼ହସ୍ତରେ ସମସ୍ତଙ୍କୁ କ୍ଷମା ମାଗିନେଉଛି । ଏହା ହେଉଛି ମୋର ଶେଷ ପ୍ରାର୍ଥନା ।" ହେ ମା' ବସୁନ୍ଧରୀ ! ତୁ ମୋର ଜନ୍ମଦାତ୍ରୀ ମା । ଦୀର୍ଘଦିନ ତୋ କୋଳରେ ଧାରଣ କରି ତୁ ମୋତେ ଜନକ ରାଜାଙ୍କ ହସ୍ତକୁ ଟେକି ଦେଇଥିଲୁ । ତୋ ଆଶୀର୍ବାଦରୁ ତୋ କନ୍ୟା, ଜଣେ ଝିଅ ଭାବରେ ପିତାଗୃହରେ, ଜଣେ ବଧୂ ଭାବରେ ଶଶୁର ଗୃହରେ, ଜଣେ ପତ୍ନୀ ଭାବରେ ସ୍ୱାମୀର ଅନ୍ତରରେ, ଜଣେ ମାତା ଭାବରେ ମୋ ସନ୍ତାନଙ୍କୁ ଯାହା ଦେବା କଥା ମୁଁ ଦେଇସାରିଛି । ମୋ ନିକଟରେ ଆଜି ଆଉ କାହାରିକୁ କିଛି ଦେବାର ନାହିଁ । ତୁ ଏବେ ମୋତେ ତୋ କୋଳ ପ୍ରସାରଣ କରି, ତୋ କୋଳକୁ ନେଇଯା ମା' । ହେ ଆର୍ଯ୍ୟାବର୍ତ୍ତର ନାରୀମାନେ, ସମସ୍ତେ ହୃଦୟର ସହିତ ମୋର ଗୋଟିଏ ନିବେଦନ ଗ୍ରହଣ କର । ନାରୀ ଆମେ । ବିଧାତା ଆମକୁ ନାରୀର ଗୁଣ ସ୍ନେହ, ପ୍ରେମ, ଦୟା, କ୍ଷମା, ମମତା, ଭକ୍ତି, ତ୍ୟାଗ, ସହନଶୀଳତା ଆଦି ଗୁଣ ଦେଇ ଜନ୍ମ ଦେଇଛନ୍ତି । ମାଟି ଆମେ । ଆମେ କନ୍ୟା, ଜାୟା, ଜନନୀ, ଭଗିନୀ, ସର୍ବୋପରି ମାତା । ଜୀବନରେ ଯେତେ ଦୁଃଖ, ଯେତେ ଯାତନା, ଯେତେ ଝଡ଼ଝଞ୍ଜା ଆସିଲେ ବି ନାରୀ କେବେ ଭୁଲିଯିବ ନାହିଁ, ସେ ମା, ମାଟି, ମମତାର ତ୍ରିବେଣୀ ଧାରା । ତା ଅନ୍ତରରେ ପ୍ରବାହିତ ହୁଏ ଗଂଗାର ପ୍ରେମ, ଯମୁନାର ନିର୍ମଳ ମମତା, ଆଉ ସରସ୍ୱତୀର ସ୍ୱଚ୍ଛ ପବିତ୍ର ସ୍ନେହ ଧାରା । ଶତ ନିର୍ଯାତନା ଶତ ଦୁଃଖ ସହି ସେ କେବେବି ଭୁଲିଯିବ ନାହିଁ ତାର କର୍ତ୍ତବ୍ୟକୁ, ସ୍ୱାମୀଙ୍କୁ, ସଂସାରକୁ ଆଉ କର୍ତ୍ତବ୍ୟବୋଧକୁ । ସର୍ବଶେଷରେ ଏଠି ସୀତା ସକଳ ନାରୀ ସମାଜକୁ ନିବଦେନ କରି କହୁଛି, ଶତ ବାଧାବିଘ୍ନ ଆସିଲେ ବି ନାରୀ କେବେ ନଇଁଯିବ ନାହିଁ, ଭାଂଗିଯିବ ନାହିଁ । ସହି ସହି ପଥରଟିଏ ହୋଇ ନିଜକୁ ପରୀକ୍ଷାର ଅଗ୍ନିରେ ଜାଳିଦେବ ସେ । ସବୁ ସହି ପ୍ରମାଣ ସେ କରିଦେଇଯିବ, ମୁଁ ନରଦେହରେ ଖାଲି ନାରୀଟିଏ ନୁହେଁ ମୁଁ ନରଦେହୀ 'ନାରାୟଣୀ' ।

ହେ ମା' ବସୁଧା ! "ମୁଁ ତୋତେ ଯୋଡ଼ହସ୍ତ ହୋଇ ପ୍ରଣାମ କରୁଛି, ତୁ ଯଦି ତୋ କନ୍ୟାର ଏ ଦୁଃଖ ଦେଖିପାରୁଥିବୁ ନିଶ୍ଚିତ । ତା'ହେଲେ ଆଉ ବିଳମ୍ବ କରନା ମା । ମୁଁ ଆଉ ପରୀକ୍ଷା ଦେଇପାରିବି ନାହିଁ । ସମସ୍ତ ପରୀକ୍ଷା ମୋର ଶେଷ ହୋଇଯାଇଛି । ମୁଁ ଯଦି ପ୍ରକୃତରେ ତୋର କନ୍ୟା ହୋଇଥାଏ ତା'ହେଲେ ତୁ ଫାଟିଯା ମା' । ତୁ ବିଦୀର୍ଣ୍ଣ ହୋଇ ଦୁଇଫାଳ ହୋଇଯା, ମୋତେ ତୋ ଗର୍ଭରେ ସ୍ଥାନ ଦେ । ମୁଁ ଆଉ ଏ କଷ୍ଟ ସହିପାରୁ ନାହିଁ ମା' । ଭୋ ଭୋ ହୋଇ କାନ୍ଦିଉଠିଥିଲେ ସୀତାଦେବୀ । ତାଙ୍କ ସହିତ ସେଠାରେ ରୁଣ୍ଡ ହୋଇଥିବା ସମସ୍ତ ଜନତା ମଧ୍ୟ ଅଶ୍ରୁ ବିସର୍ଜନ କରିବାକୁ ଲାଗିଲେ । ସହସା ପ୍ରଳୟ ବେଗରେ ପବନ ବହିବାକୁ ଲାଗିଲା । ତା' ସହିତ ଭୟଙ୍କର ଗର୍ଜନ । ଅନ୍ଧାର ମାଡ଼ିଆସିଲା । ଦୋହଲି ଉଠିଲା ବସୁଧା । ଜନପ୍ରାଣୀ ବିଚଳିତ ହୋଇଉଠିଲେ । ସହସା ମହାପ୍ରଳୟର ସୂଚନା । ଦୋହଲିଗଲା ବସୁଧା । ବିଦୀର୍ଣ୍ଣ ହୋଇଗଲା ମାଟି ମା'ର ଛାତି ।

କ୍ଷଣିକରେ ସବୁ ସ୍ତବ୍ଧ ହୋଇଗଲା । ପବନ ସ୍ତମ୍ଭିଗଲା । ଦୂରୀଭୂତ ହୋଇଗଲା ଅନ୍ଧାର । ଏକ ଉଜ୍ଜ୍ୱଳ ଆଲୋକ ଖେଳିଗଲା ନୈମିଷାରଣ୍ୟରେ । ସତେଯେମିତି ସୂର୍ଯ୍ୟ ଦ୍ୱିଗୁଣ ଆଲୋକ ବର୍ଷି ଦେଲେ ନୈମିଷାରଣ୍ୟରେ ।

ଏ କ'ଣ...? ଏ କ'ଣ...? ସମସ୍ତେ ଚକିତ ।

ସୀତାଦେବୀ ଛିଡ଼ା ହୋଇଥିବା ସ୍ଥାନରେ ବସୁଧା ଫାଟି ଦୁଇଭାଗ ହୋଇଯାଇଛି । ସେହି ଫଟା ମାଟି ଭିତରୁ ହସହସ ମୁହଁରେ ସ୍ୱର୍ଣ୍ଣ ସିଂହାସନଟିଏ ଧରି ଉଠି ଆସୁଛନ୍ତି ଉଜ୍ଜ୍ୱଳ ଭୂଷଣା ନାରୀ ଜଣେ । ଅପୂର୍ବ ସେ । ରୂପ ଶୋଭାରେ ତାଙ୍କର ଝଲସି ଉଠୁଛି ବନଭୂମି । ହସିହସି ସେ ହସ୍ତ ପ୍ରସାରଣ କରି ଡାକୁଛନ୍ତି, ମା' ଜାନକୀ ଆ' ମୋ କୋଳକୁ ଫେରିଆ । ମା' ତୋର ତୋତେ ସବୁଦିନ ଅନାଇ ବସିଛି । ତୁ କେବେ ମୋତେ ଡାକିବୁ । ତୋର ଦୁଃଖ ଦେଖି ହୃଦୟ ମୋର ଫାଟି ଯାଉଥିଲା ମା' । ହେଲେ ମୁଁ ଆସିପାରୁ ନଥିଲି ।

(କ୍ରମଶଃ)

♥ ଦର୍ଜୀପୋଖରୀ, ରାଣୀପାଟଣା,
ବାଲେଶ୍ୱର
(ମୋ) ୬୩୭୦୫୦୯୧୦୪

# ପ୍ରେମର ପରିବର୍ତ୍ତିତ ପରିଭାଷା: ନୂଆ ଶବ୍ଦକୋଷ

## ଡ଼ ଗୋଲକ ବିହାରୀ ଆଚାର୍ଯ୍ୟ



(ପୂର୍ବ ପ୍ରକାଶିତ ଉତ୍ତାରୁ)

**୫. ଲଭ୍ ବମିଂ (Love Bombing)**

ଯେତେବେଳେ ପ୍ରେମ ଫୁଲ ନୁହେଁ, ବିସ୍ଫୋରଣ ହୋଇଯାଏ- ଅତ୍ୟଧିକ ସ୍ନେହ ଓ ଧ୍ୟାନର ବନ୍ୟାରେ ଅନ୍ୟଜଣ ବୁଡ଼ିଯାଏ। ସମ୍ପର୍କ ଆରମ୍ଭରେ ଅତ୍ୟଧିକ ସ୍ନେହ ଓ ଧ୍ୟାନ ଦେଇ ଅନ୍ୟଜଣଙ୍କୁ ଆକର୍ଷିତ କରି ନିଜ ନିୟନ୍ତ୍ରଣ ଗଢ଼ିବାର ଚେଷ୍ଟାକୁ ଲଭ୍ ବମିଂ କୁହାଯାଏ। ଏହା ଅତି ଆକର୍ଷକ ହେଲେ ମଧ୍ୟ ବିପଦସୂଚକ ହୋଇପାରେ। ଏହା ପ୍ରେମ ନୁହେଁ-ଏକ ନିୟନ୍ତ୍ରଣର ଆରମ୍ଭ।

**୬. ଜୋନିଂ ଆଉଟ୍ (Zoning Out)**

ଶରୀର ଥାଏ ସାମ୍ନାରେ, ମନ ଅନ୍ୟତ୍ର। ଆଖି ଫୋନର ସ୍କ୍ରିନ୍ ଉପରେ, ହୃଦୟ ହେଲେ ଅଜଣା ଦିଗରେ। କେହି ଯେତେବେଳେ ଶାରୀରିକ ଭାବେ ଥିଲେ ମଧ୍ୟ ମନୋଯୋଗ ଅନ୍ୟତ୍ର ରହେ-ଫୋନ, ମେସେଜ କିମ୍ବା ଅନ୍ୟ କାହାରେ-ସେତେବେଳେ ସେ "ଜୋନିଂ ଆଉଟ୍" କରୁଛନ୍ତି କୁହାଯାଏ ।

ପ୍ରେମର ସମାଧିରେ ଏହି ହେଉଛି ନିରବ ବିଚ୍ଛେଦ।

**୭. Simp (ସିମ୍ପ୍)**

ଏକ ଲୋକ ଯେତେବେଳେ ଅତ୍ୟଧିକ ନମ୍ର, ଆଜ୍ଞାକାରୀ ଓ ପ୍ରେମିକାପ୍ରତି ଅନାବଶ୍ୟକ ଭାବେ ଭକ୍ତିଶୀଳ ହୋଇପଡ଼େ, ବୁଦ୍ଧି ନିରବୀ ଯାଇ ଯେତେବେଳେ ପ୍ରେମର ସନ୍ନ୍ୟାସୀ ହୋଇପଡ଼େ, ତାହାକୁ ସିମ୍ପ୍ କୁହାଯାଏ। ସାଧାରଣତଃ ଏହି ପଦ ହାସ୍ୟାସ୍ପଦ ଭାବରେ ବ୍ୟବହୃତ ହୁଏ। ସେଠି ବୁଦ୍ଧି ନିରବ ହୋଇଯାଏ।

**୮. Soft Ghosting (ସଫ୍ଟ ଗୋଷ୍ଟିଂ)**

ଯେତେବେଳେ କେହି ଧୀରେ ଧୀରେ ସମ୍ପର୍କରୁ ଦୂରେଇଯାଏ-କିନ୍ତୁ ସିଧାସଳଖ ଭାବେ "ବିଦାୟ" କହେନି—ସେତେବେଳେ ତାହାକୁ ସଫ୍ଟ ଗୋଷ୍ଟିଂ କୁହାଯାଏ। ଧୀରେ ଧୀରେ ମେସେଜ ହ୍ରାସ, ସ୍ମିତି ମିଞ୍ଚିମିଞ୍ଚି ହୋଇଯାଏ। କୌଣସି ଆଲିଙ୍ଗନ ନାହିଁ, କୌଣସି ବିଦାୟ ମଧ୍ୟ ନାହିଁ।ଏହା ହେଉଛି ସଫ୍ଟ ଗୋଷ୍ଟିଂ ବା ନିରବ ବିଚ୍ଛେଦର ନୂଆ ଶୈଳୀ।

**୯. ହାର୍ଡ ଲଞ୍ଚ୍ (Hard Launch)**

ଯେତେବେଳେ କେହି ନିଜ ନୂଆ ସମ୍ପର୍କକୁ ସୋସିଆଲ ମିଡିଆରେ ସାର୍ବଜନିକ ଭାବେ ଘୋଷଣା କରନ୍ତି-ଫଟୋ, ପୋଷ୍ଟ କିମ୍ବା ଘୋଷଣା ମାଧ୍ୟମରେ-ତାହାକୁ ହାର୍ଡ ଲଞ୍ଚ୍ କୁହାଯାଏ।

ଏହା ହେଉଛି ଡିଜିଟାଲ ଯୁଗର ଘଣ୍ଟାଧ୍ୱନି-"ଦେଖ, ଆମେ ଏକାଠି ହେଉଛୁ । ବର୍ଷ ବର୍ଷ ଧରି ସ୍ତ୍ରୀ ସହ ତିକ୍ତ ସମ୍ପର୍କରେ ଘାରି ହେଉଥିବା ସ୍ୱାମୀ ବି ଆନିଭର୍ଷାରୀ ପାଳନର ଉଜ୍ଜ୍ୱଳ ଫଟୋ, ଫେସବୁକ ବ୍ଲକରେ ଭାଙ୍ଗିବା ଏହି ଧରଣର ।

**୧୦. Slow Fade (ସ୍ଲୋ ଫେଡ୍)**

ଧୀରେ ଧୀରେ ସମ୍ପର୍କରୁ ଆଗ୍ରହ ଓ ସଂପର୍କ ହ୍ରାସ ପାଉଥିବା ପ୍ରକ୍ରିୟାକୁ ସ୍ଲୋ ଫେଡ୍ କୁହାଯାଏ— ଏହା ଅନ୍ତର୍ନିହିତ ବିଦାୟର ରୂପ। ନାହିଁ ଯୁଦ୍ଧ, ନାହିଁ ବିଦାୟ-କେବଳ ଏକ ଧୀର ଅନ୍ଧକାର। ଶ୍ରେଣୀ ଶେଷ ହେଲି ବେଳକୁ ଅବା ଚାକିରିରୁ ବଦଳି ହେବା ବେଳକୁ ନିରବୀ ଯାଉଥିବା ପ୍ରେମ ଏହି ପ୍ରକାରର ।

**୧୧. Orbiting (ଅର୍ବିଟିଂ)**

ଯେତେବେଳେ କେହି ଅନ୍ୟଜଣଙ୍କ ଜୀବନରେ ସିଧାସଳଖ ନୁହେଁ, କିନ୍ତୁ ସୋସିଆଲ ମିଡିଆରେ 'ଲାଇକ୍', 'ଭ୍ୟୁ' ଓ ଫଲୋ ମାଧ୍ୟମରେ ଚାରିପାଖେ ଘୁରୁଛନ୍ତି-ତାହାକୁ ଅର୍ବିଟିଂ କୁହାଯାଏ।ଅଦୃଶ୍ୟ ଆକାଶର ଗୁପ୍ତ ଉପସ୍ଥିତି।ଏହା ହେଉଛି ଅର୍ବିଟିଂ-ସଂପର୍କ ନୁହେଁ, ଚକ୍ରଣ। ଆଶା ଦିନେ କକ୍ଷ ପଥରେ ଦେଖାହେବ ।

**୧୨. Bae (ବେ)**

"**Before Anyone Else**"ର ସଂକ୍ଷିପ୍ତ ରୂପ। ନିଜ ପ୍ରେମିକ/ପ୍ରେମିକା କିମ୍ବା ସବୁଠୁ ଆପଣଙ୍କ ପ୍ରିୟ ବ୍ୟକ୍ତିକୁ "ବେ" ବୋଲି କୁହାଯାଏ।ପ୍ରେମର ସବୁଠୁ ପ୍ରିୟ ନାମ।ଯେଉଁଠି ଏକ ଶବ୍ଦରେ ଗୁପ୍ତ ହୋଇଅଛି ସାରା ହୃଦୟର ସ୍ନେହ।

**୧୩. Droid / Catfishing (ଡ୍ରୋଇଡ୍ / କ୍ୟାଟଫିଶିଂ)**

ଯେତେବେଳେ କେହି ନିଜକୁ ଭୁଲ ଚିହ୍ନଟିରେ ପ୍ରଦର୍ଶନ କରନ୍ତି-ନକଲ ଫଟୋ, ଭୁଲ ନାମ, ଭୁଲ ତଥ୍ୟ କିମ୍ବା ନକଲ ଅକାଉଣ୍ଟ ମାଧ୍ୟମରେ ଅନ୍ୟଙ୍କୁ ଠକନ୍ତି-ସେହି ଆଚରଣକୁ କ୍ୟାଟଫିଶିଂ କୁହାଯାଏ। ଏହା ସତ୍ୟର ଛାୟାରେ ଥିବା ଭାବନା।

ଏହା ହେଉଛି ଡିଜିଟାଲ ଠକେଇର ପ୍ରେମ-ଯେଉଁଠି ଅସତ୍ୟ ମଧ୍ୟ ହୃଦୟକୁ ଆନ୍ଦୋଳିତ କରେ।

**୧୪. Thinning the Herd (ଥିନିଂ ଦ ହର୍ଡ୍)**

ଯେତେବେଳେ କେହି ଏକାଧିକ ଲୋକ ସହ ଅସ୍ପଷ୍ଟ ଭାବେ ଡେଟ୍ କରି ନିଜ ଅପସନ୍ ଖୋଲା ରଖନ୍ତି-ସେହି ଆଚରଣକୁ ଥିନିଂ ଦ ହର୍ଡ୍ କୁହାଯାଏ। ସମୟ ସହିତ ଅନେକ ସମ୍ଭାବନା, ଅନେକ ମୁହଁ-ଏକକୁ ନୁହେଁ, ଅନେକକୁ ପରୀକ୍ଷା। ଏହା ପ୍ରେମ ନୁହେଁ, ଚୟନ ପ୍ରକ୍ରିୟା-ହୃଦୟ ହେଉଛି ଏକ ଇଣ୍ଟରଭ୍ୟୁ ରୁମ୍।

**୧୫. Killing It (କିଲିଂ ଇଟ୍)**

ଯେତେବେଳେ କେହି ନିଜ ପ୍ରେମଜୀବନ, ଦୈହିକ ଆକର୍ଷଣ କିମ୍ବା ଆତ୍ମବିଶ୍ୱାସରେ ଅସାଧାରଣ ଭାବେ ସଫଳ ହେଉଛନ୍ତି-ସେହି ପ୍ରକାର ପ୍ରେମକୁ କିଲିଂ ଇଟ୍ ବୋଲି କୁହାଯାଏ। ଯେତେବେଳେ ଆତ୍ମବିଶ୍ୱାସ ସମ୍ବିତ ହୁଏ, ଆକର୍ଷଣ ଦିପ୍ତିମାନ୍ ହୋଇଯାଏ, ଓ ସମାଜ ଆଖି ହୋଇ ଦେଖିଥାଏ—"ସେ ଆଜି ପ୍ରେମରେ କିଲିଂ ଇଟ୍ କରୁଛି।

**'Cuffing Season, Fleabagging, Pocketing, Gaslighting, Submarining, Cushioning, Hunting, Icing, Rizz, Green Flagging'** ପରି ଆହୁରି ଅନେକ ଶବ୍ଦ ଆଧୁନିକ ପ୍ରେମର ଏବଂ ବେଳେବେଳେ ପାରମ୍ପରିକ ପ୍ରେମର ପରିଚାୟକ ।

॥ ଉପସଂହାର ॥

ପ୍ରେମ ଓ ସମ୍ପର୍କର ଭାଷା ଯେପରି ଆମ ସମାଜର ପରିବର୍ତ୍ତନକୁ ପ୍ରତିବିମ୍ବିତ କରେ, ଏହି ନୂଆ ପଦଗୁଡ଼ିକ ମଧ୍ୟ ଆଧୁନିକ ମନୋଭାବ, ଡିଜିଟାଲ ଆଚରଣ ଓ ମାନବ ସମ୍ପର୍କର ନୂତନ ସଂକଟକୁ ପ୍ରକାଶ କରୁଛି। ପ୍ରେମ ଏବେ କେବଳ ହୃଦୟର ନୁହେଁ-ସେହିଟା ଏକ ଆଲଗୋରିଦମ୍ ମଧ୍ୟ ହୋଇପଡ଼ିଛି। ପ୍ରେମ ଆଜି ମେସେଜରେ ଲେଖାଯାଉଛି, ଇମୋଜିରେ ଭାବନାର ସଞ୍ଚରଣ କରାଯାଉଛି ଓ ଆଲଗୋରିଦମରେ ଖୋଜାଯାଉଛି,

ତଥାପି ହୃଦୟ ଅବିକଳ-ସେ ଏପରି ନୂଆ ଶବ୍ଦରେ ମଧ୍ୟ ଆପଣଙ୍କୁ ଖୋଜି ନେବ। ସେହି ପ୍ରେମ ଯେଉଁଠି ନିରବତା ମଧ୍ୟ କବିତା ହୋଇଯାଏ।

ବିବାହ ଏକ ସୈଦ୍ଧାନ୍ତିକ ବିଚାର ମାତ୍ର ଭଲପାଇବା ଏକ ଭାବପ୍ରବଣ ମାନସିକତା । ପ୍ରେମ ଯେଉଁ ଯୁଗରେ ଅଛି, ସେଠାରେ ଭାଷା ନିଜେ ଏକ ସାକ୍ଷୀ-ଏହି ନୂତନ ପଦାବଳୀ କେବଳ ଆଧୁନିକ ଯୁବମନର ଖେଳ ନୁହେଁ," ଏହା ମାନବୀୟ ଅନୁଭବର ନୂତନ ଅଭିନୟ, ଯେଉଁଠି ଭାବ, ଅସ୍ପଷ୍ଟତା ଓ ଆଶା ମିଶି" ଏକ ନୂତନ ଭାଷା ଗଠନ କରିଛି।" ସମୟ ଶିଖାଇଛି-ପ୍ରେମ ଅନିଶ୍ଚିତ ହୋଇପାରେ, ତଥାପି ତାହା ଅବିନାଶୀ ଏବଂ ଶବ୍ଦ ଯେତେ ବଦଳି ଯାଉ, ପ୍ରେମ ସଦା ଏକ-ମନୁଷ୍ୟ ହୃଦୟର ସବୁଠୁ ଅବିରତ କବିତା ।

(ଏହି ଲେଖକ ପାଠକମାନଙ୍କୁ ବିନମ୍ର ନିବେଦନ କରେକି, ଇଂରାଜୀରେ ବ୍ୟବହୃତ ଶବ୍ଦଗୁଡ଼ିକର ତତ୍ତୁଲ୍ୟ ଓଡ଼ିଆ ଶବ୍ଦ ଜଣାଥିଲେ, ଜଣାଇବେ ।)

(ସମାପ୍ତ)

♥ କେଶଦୁରାପାଳ, କେନ୍ଦୁଝର- ୭୫୮୦୨୫
ମୋ: ୯୯୩୮୧୭୫୧୦୦

## କବିତା...



### ଯାଯାବର
**ବାବାଜୀ ଚରଣ ଜେନା**

ଯାଯାବର ଜୀବନରେ
କଣ୍ଟକିତ ପଥ ମୋର
ପାଗଳ ପରି ଘୁରଇ
ନାହିଁ ମୋତେ ଅବସର
ଯାଯାବର ଯାଯାବର ।୦।

ଶବ୍ଦ ସଙ୍ଗେ ଖେଳୁଥାଏ
ବସି ରହି ଅହରହ
ଲେଖୁଥାଏ କବିତାକୁ
ନଦେଇମୋ ପରିଚୟ
ନାହିଁ ବନ୍ଧୁ ପରିଜନ
ନାହିଁ କେହି ଆପଣାର
ଯାଯାବର ଯାଯାବର ।୧।

କେବେ ଏଠି କେବେ ସେଠି
ନାହିଁ ମୋର ଥଳକୂଳ
ସୁଖ ଦେଖା ଦେଇ ଯାଏ
ଦୁଃଖଥାଏ ପାଖେ ମୋର
ଘରଦ୍ୱାର ନାହିଁ ବୋଲି
ତିଳେ ଦୁଃଖ ନାହିଁ ମୋର ।୨।

ଅହଲ୍ୟା ନିବାସ, ପୋପରଡା
ନୂଆବଜାର, କଟକ-୪
ମୋ-୯୪୩୭୮୩୪୭୧୯

### ନିଜର ଶୂନ୍ୟତାର ମୋହରେ
**ଶିଶିର ନାୟକ**



ଗାଲିବର ବିରହ କବିତା ପରି
ଭାସି ଆସୁଛି କାହା ମୁହଁର ଛାୟା
ତୁଚ୍ଛ ସବୁକୁ ଘୁଂଚେଇ ଘୁଂଚେଇ
କଷ୍ଟରେ ଫୁଟିଛି ଆଜି ଢେର ତାରା

ପୋଲିସ ଘେରିଛନ୍ତି ଦିନସାରା
ସନ୍ଦେହ କପଟ ଓ ଭଲପାଇବାର
ପ୍ରବାହରେ ଆଜି ଆମ ଗାଆଁ

ଅନ୍ଧାର ନଇଁ ଆସୁଛି
ଏଇ ଫଗୁଣ ପାଖକୁ
କହୁଥିଲ ଆମେ ଆଜି ଟିକେ ବୁଲିଯିବା
ସ୍ୱଦେଶୀ ମେଳାରୁ
କନ୍ଧମାଳ ହଳଦୀ ଆଣିବା
ବେତରେ ଗୋଟେ ଫୁଲ ଟାଙ୍ଗୁଡ଼ା କିଣିବା

ସୁନ୍ଦର ସନ୍ଧ୍ୟାଟିଏ
ସେଦିନ ପାଇଥିଲେ ଆମେ

ଏଇ ମାସ ମଙ୍ଗଳବାର ବାର ତାରିଖରେ
ଦି ପାଦ ଚାଲୁଥିଲେ ପୁଣି ଦି ପାଦ ଅଟକୁ ଥିଲେ
ଜୀବନକୁ ନେଇ ଜୀବନ ସାଥିରେ

ପ୍ରତିଟି ସତ୍ୟ ଓ ଅସମୟ ଉପରେ
ଖେଳୁଥିଲା ଜ୍ୟୋତ୍ସ୍ନା
ତା ପାଖକୁ ଥିଲା ଆମ ନିର୍ଜନତା

ଥରେ ଥରେ କଳ୍ପନା ଛକ ଆଡୁ
ମସ୍ତବଡ଼ ଜହ୍ନ ଉଠେ
ଲିଭେ ପୁଣି ବରମୁଣ୍ଡା ବସଷ୍ଟାଣ୍ଡରେ

ମନେପଡେ ଭଲପାଅ ବୋଲି କାଳେ
ଚୈତ୍ରମାସ ଆସେ
କହିଥିଲ ଲୁହ ଡବ ଡବ ଆଖିରେ

କ୍ୟାଲେଣ୍ଡରର ବୟସ ବଢୁ ବଢୁ
ଦୀର୍ଘଦିନ ବାପା ହସ୍ପିଟାଲରେ ଶୋଉ ଶୋଉ
କେହି ଆଉ ଦେଖିବାକୁ ଗଲେନି
ମାଉସୀ ପାଖରେ ଲୁହ ବନ୍ଧା ରଖି
ଆଗେ ଚାଲିଗଲା ବୋଉ ।

ସକାଳୁ ସକାଳୁ
ପୁଅକୁ ସ୍କୁଲ ଛାଡ଼ି ଫେରୁ ଫେରୁ
ରାସ୍ତା କଡ ଚୁଲିରୁ
ଆକାଶକୁ ଉଠୁଥାଏ
କେଉଁ ଦୁଃଖିନୀର ଛୁଙ୍କ ବାସ୍ନା
ବାଲିଅନ୍ତା ବିଦ୍ୟାଳୟର ପଡିଆ କଣରେ
ହସୁଥାଏ କୃଷ୍ଣଚୂଡ଼ା

ରହିଯାଏ ଟିକେ ମୁଁ ହଂସପାଳ ଛକରେ
ନିଜର ଶୂନ୍ୟତାର ମୋହରେ ।

♥ ଘର ନଂ - ୧୦୪ , ମଞ୍ଜନାଥ ଭିଲା
, ଫେଜ୍ -୨, ବାଲିଅନ୍ତା,
ଭୁବନେଶ୍ୱର -୭୫୨୧୦୧
ମୋ - ୯୯୩୭୪୯୦୬୪୭

### ଫେରିବାର ବେଳ
**ନିହାରିକା ରାୟ ବରାଳ**



ମୋ ଫେରିବାର ବେଳ ଆସନ୍ନ
ଯାଏଁ, କଣ କଣ
ବାକିକାମ ସବୁ ସାରିବାର ଅଛି
କେଷଉଠି କେମିତି ସମ୍ପର୍କ ମାନଙ୍କଠାରୁ କିଛି
ହିସାବ ନିକାଶର
ଖାତା ବୁଜିବାର ଅଛି
ମୋ ଦେହରେ ଲତା ପରି ମାଡି ଥିବା
ଛୋଟ ସଂସାର ଚିର ଆତ୍ମ ବିଶ୍ୱାସକୁ
କାଢି ସଲଖେଇ ବାର ଅଛି
ବନ୍ଧୁ, ବାନ୍ଧବ, ଜ୍ଞାତି କୁଟୁମ୍ବଙ୍କ ଠାରୁ
ନିହାତି ବିଦାୟ ଶବ୍ଦ ଟିକୁ ଶୁଣିବାର ଅଛି
ମୋ ଫେରିବାର ବେଳ ଆସନ୍ନ

ଯାଏଁ, ମତେ ଜନ୍ମ ଦେଇଥିବା
ଆଖିପତା ତଳେ ସାଇତି ରଖିଥିବା
ମୋ ପାଇଁ ବାରବ୍ରତ, ତେର ଉପାସ କରୁଥିବା
ଆତ୍ମାର ଆତ୍ମୀୟଙ୍କୁ ଛାଡି ଯିବାର
ଗୋପନୀୟ ଖସଡ଼ାଟିଏ
ତିଆରି ଲାଗିବାର ଅଛି

ନାମଫଳକ ଲାଗିଥିବା ଘରଟିରୁ
ପରିଚୟର ଦସ୍ତବିଜକୁ
ଖୋଲି ରଖିବାର ଅଛି
କ୍ଷତ ଜର୍ଜର, ତାଳିପକା ସୁଖକୁ
ଧନ୍ୟବାଦ ଦେବାର ଅଛି

ଦିନ ଦୁଃଖୀଙ୍କର ସଭାମଣ୍ଡପରେ
ନିଜ ନାଁକୁ ନାହିଁ ନାହିଁର ସୀମାରେଖାରୁ
ବିସ୍ତୃତ ପଟୁଆରର ପଦଯାତ୍ରାରୁ
ଓହରେଇ ଆଣିବାର ଅଛି
ମୋ ଫେରିବାର ବେଳ ଆସନ୍ନ
ଭାଗ୍ୟର କିଅକ୍ଷରୀରେ ଲହରୁ ଥିବା
ନିନ୍ଦା, ପ୍ରଶଂସା, ଆଶୀର୍ବାଦକି
ଅଭିଶାପକୁ ଅମଳ କରି

କର୍ମର ଅମାରରେ ସାଇତିବାର ଅଛି
ଆଘାତ ପ୍ରାପ୍ତ, କ୍ଷତବିକ୍ଷତ ଜୀବନର
ଯନ୍ତ୍ରଣା ବୋଧକୁ
ନିର୍ବାଣର ମୃତ୍ୟୁ ସଂଜୀବନୀ ଲେପିବାର ଅଛି

ମହାର୍ଘ୍ୟ ସମୟର ଭାତହାଣ୍ଡିରୁ
ଟକମକ ଫୁଟୁଥିବା
ଅଭିମାନ, ହୀନ୍ୟମନତ୍ୟାର ଦାନକ୍ଷ ସବୁକୁ
ଗୋଟିଗୋଟି କରି
ଧୈର୍ଯ୍ୟର ପାତ୍ରରେ ଭରିବାର ଅଛି
କେତେ ପାଇଲି କେତେ ହରାଇଲି, ସବୁର
ମିଶାଣ ଫେଡାଣକୁ
ଟିପା ଖାତାରେ ଟିପିବାର ଅଛି
ଜୀବନର ଅଣନିଶ୍ୱାସୀ ଦୌଡରେ
ଥିବା ଇନ୍ଦ୍ରିୟର ଘୋଡାମାନଙ୍କୁ
ଲଗାମ ଦେବାର ଅଛି

ମୋ ଆତ୍ମାର ଆତ୍ମିୟଟିକୁ
ଥରେ, କେବଳ ଥରେ ମାତ୍ର
ବରଦାନୀ ହାତରେ ଆଉଁସି ଦେବାର ଅଛି
କାହିଁକି ନା, ଏବେ
ମୋ ଫେରିବାର ବେଳ ଅସନ୍ନ ।

♥ ଅନୁରାଗ, ବି / ୧୦
ପ୍ରତିଭା ଏନକ୍ଲେଭ
ବିଜେବି ନଗର, ଭୁବନେଶ୍ୱର

### ଏଇଅଛି ଏଇନାହିଁ
**ପ୍ରଶାନ୍ତ କୁମାର ଦାଶ**



କେତେ ମୁଁ ପାଇଲି କେତେ ହରେଇଲି ହିସାବ ତ ରଖିନାହିଁ
ବାଟ ମୁଁ ଚାଲୁଛି ଜୀବନ ସାଥିରେ ଏଇଅଛି ଏଇନାହିଁ

ଯେତିକି ପାଇଛି ସେତିକି ବି ମୋର ନୁହେଁ ବୋଲି ଜାଣିଅଛି
ଜାଣି ଜାଣି ପୁଣି ପଥହୁଡା ହୁଏ ହାରିବାର କିନ୍ତୁ ନାହିଁ

ଦୁଃଖସୁଖ ମୋର ମଇତ୍ର ସମାନ ସବୁବେଳେ ସହଯାତ୍ରୀ
ଜୀବନର ମାନେ ଅଧିକା କଅଣ ଖାଲି ହଁ ନାହିଁ ହଁ ନାହିଁ

କି ମୋର ଥିଲା ଯେ ହରେଇଛି ମୁହିଁ ଭାବୁଅଛି ଆଜି ବସି
ମନ ମନ୍ଦିରରୁ ଶୂନ୍ୟବାଣୀ ହୁଏ କିଛିନାହିଁ କିଛିନାହିଁ

ଭଲରେ ଖାଲି ମୁଁ ଭଲପାଇଅଛି ଶତ୍ରୁ ସଖା ସହୋଦର
ଯିଏ ଯାହା ଦେଲେ ସାଇତି ରଖିଲି ଆଉକିଛି ଲୋଡାନାହିଁ

ନବେଭାଗ ଦୁଃଖ ଦଶଭାଗ ସୁଖ ତଥାପି ହସୁଥା ଜୀବନ
ପ୍ରଶାନ୍ତର କାନେ କହିଦେଉଥିବୁ ସତକୁ ଛାଡିବୁ ନାହିଁ

♥ ରେଗଡା, ଏମ୍.ରାମପୁର, କଳାହାଣ୍ଡି
ମୋ-୭୭୩୫୪୧୯୫୭୩

# ଲେଖକମାନଙ୍କର ଦୃଷ୍ଟିଭଙ୍ଗୀ ବଦଳିଲେ ଯାଇ ସ୍ଥିତିଶୀଳତାର ପରିବର୍ତ୍ତନ ଘଟିବ : ରସାନନ୍ଦ ସାହୁ

**ରସାନନ୍ଦ ସାହୁ** ଓଡ଼ିଆ ସାହିତ୍ୟ ଜଗତର ଜଣେ ଶ୍ରଦ୍ଧାଶୀଳ ବ୍ୟକ୍ତିତ୍ୱ । କେବଳ କବିତା ନୁହେଁ, ଅନେକ ଭଲ ଗଳ୍ପ ଓ ଉପନ୍ୟାସର ସେ ସଫଳ ସ୍ରଷ୍ଟା । 'ଅନ୍ୟ ଏକ ଚିତ୍ରପଟ' କବିତା ସଂକଳନ ଠାରୁ ଆରମ୍ଭ ହୋଇଥିବା ଏ ଯାତ୍ରା ପଞ୍ଚମ ପୁସ୍ତକ 'ଛୁଆ ଠାକୁରାଣୀ' ଗଳ୍ପ ସଂକଳନ ପର୍ଯ୍ୟନ୍ତ ପହଂଚି ସାରିଥିଲେ ବି ରାସ୍ତା ଅନେକ ବାକି । ତାଙ୍କ ଲେଖାରେ ଦୃଶ୍ୟମାନ ହୁଏ ଯେଉଁ କୁହୁକ ବାସ୍ତବତା ତାହା ପାଠକଙ୍କୁ ଆଚ୍ଛନ୍ନ କରି ରଖେ । 'କବିତା କ୍ଷେତ୍ରରେ ଅତିଶୟ ଆତ୍ମକୈନ୍ଦ୍ରିକତା ଓ ଅଯଥା ଦୁର୍ବୋଧତା ବୋଧେ ପାଠକଙ୍କଠାରୁ ଦୂରତାର କାରଣ' ବୋଲି କହୁଥିବା ଲେଖକଙ୍କ ସହ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



## ■ ଅଳ୍ପରେ ରସାନନ୍ଦ ସାହୁ



ନାମ - ରସାନନ୍ଦ ସାହୁ
ପିତା - ଶ୍ରୀଯୁକ୍ତ ଡମ୍ବରୁଧର ସାହୁ
ମାତା- ଶ୍ରୀମତୀ ଡାଳିମ୍ବ ସାହୁ
ଜନ୍ମ ତାରିଖ - ୦୩-୧୧- ୧୯୫୭
ଜନ୍ମସ୍ଥାନ - ଗ୍ରାମ/ ପୋ:ଅ : - ବସାଲଇ, ଥାନା/ ଜିଲ୍ଲା - ଦେବଗଡ଼
ବର୍ତ୍ତମାନର ଠିକଣା - ପ୍ଲଟ ନମ୍ବର - ୪୯୯/ ୧୪୮୬, ୫୦୦/୧୪୮୭, ସାଇ ବିହାର, ଟଙ୍କପାଣି ରୋଡ୍, ଭୁବନେଶ୍ୱର - ୭୫୧୦୧୮
(ମୋ)- ୭୭୫୧୦୨୫୦୮୮

ପ୍ରକାଶିତ ପୁସ୍ତକ -
୧-ଅନ୍ୟ ଏକ ଚିତ୍ରପଟ ( କବିତା)
୨- ବଗିଚାରେ ଥିବାଯାଏ (ଗଳ୍ପ)
୩- ରତୁର ନାଁ ପଲ୍ଲବୀ ( ଉପନ୍ୟାସ)
୪ - ବନ୍ ସାଇ ( କବିତା)
୫- ଛୁଆ ଠାକୁରାଣୀ ( ଗଳ୍ପ)

■ **କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟ ସ୍ଫୁରଣ ?**

■■ ପ୍ରଥମେ ଗୋଟେ ବୀଜ ମାଟିରେ ପଡ଼େ / ପୋତାହୁଏ : ଜଳ, ବାୟୁ, ଉତ୍ତାପ ପାଏ ତ ଅଙ୍କୁରିତ ହୁଏ, ବୀଜପତ୍ର ମେଲେ । ଠିକ୍ ସେହିପରି ମୋ ଭିତରେ ସୃଜନର ବୀଜ ପଡ଼ିଛି, ଠିକଣା ସମୟରେ ବାୟୁ, ଜଳ, ଉତ୍ତାପ ରୂପକ ପ୍ରୋତ୍ସାହନ ପାଇ ଅଙ୍କୁରିତ ହୋଇଛି । ମୋର ଜନ୍ମ ଅବିଭାଜ୍ୟ ସମ୍ବଲପୁର ଜିଲ୍ଲାର (ବର୍ତ୍ତମାନ ଦେବଗଡ ଜିଲ୍ଲା) ବସାଲଇ ନାମକ ଗୋଟିଏ ଗାଁରେ । ପ୍ରାୟ ଶହେରୁ ଦେଢଶହ ଘରକୁ ନେଇ ଗୋଟେ ମଧ୍ୟମ ଧରଣର ମୋ ଗାଁ ପଞ୍ଚାୟତର ସଦର ମହକୁମା ହୋଇଥିବାରୁ ପଂଚାୟତ ଅଫିସ ସହିତ ପ୍ରାଥମିକ ସ୍କୁଲ, ମଧ୍ୟ ଇଂରାଜୀ (ମ.ଇ.) ସ୍କୁଲ, ଡାକଘର ଇତ୍ୟାଦି ଥିଲା । ଷଷ୍ଠ ଶ୍ରେଣୀ ପଢିଲା ବେଳକୁ ଗାଁକୁ ବିଜୁଳିବତୀ ଆସି ଯାଇଥିଲା । ବାପା ଆମର ପୈତୃକ ସମ୍ପତ୍ତି ରୂପେ କିଛି ବି ଚାଷଜମି ପାଇ ନଥିଲେ । ତେଣୁ ଗାଁ ସନ୍ନିକଟ କିଛି ଅନାବାଦୀ ଜଙ୍ଗଲ ସଫା କରି, ମାଟିଖୋଳି ପ୍ରାୟ ଦୁଇ ଏକର ଚାଷଜମି ବନେଇ ଥିଲେ । ନୂଆଜମି ଯୋଗୁ ଧାନ ଉତ୍ପାଦନ କମ୍ ହେଉଥିବାରୁ ସେ ଅଭାବୀ ସମୟରେ ଦୈନନ୍ଦିନ ଗୁଜୁରାଣ ମେଣ୍ଟେଇବା ପାଇଁ ବାପା ଗୋଟେ ଛୋଟ କିରାଣା ଦୋକାନ ମଧ୍ୟ କରିଥିଲେ । ଜମିରୁ ମିଳୁଥିବା ଧାନ ଓ ଦୋକାନରୁ ମିଳୁଥିବା ଯତ୍ କିଞ୍ଚିତ ଲାଭରେ ଆମ ପରିବାର କଷ୍ଟେମଷ୍ଟେ ଚଳି ଯାଉଥିଲା । ବାପା ଆମର ଦିନରାତି କଠିନ ପରିଶ୍ରମ କରୁଥିଲେ । ତାଙ୍କରି ଯୋଗୁ ଆମ ଛଅ ଜଣିଆ ଛୋଟ ପରିବାରଟି (ବାପା, ମାଆ, ନାନୀ, ମୁଁ, ମୋ ତଳ ଭଉଣୀ ଓ ସାନ ଭାଇ) ବର୍ଷାଜନିତ ମଡ଼କରେ ବି ବିନା ଭୋକ ଉପାସରେ ଚଳି ଯାଉଥିଲୁ । ମୋ ଗାଁଟି ଦେବଗଡ଼ ସହରର ୧୧ କି. ମି. ପୂର୍ବକୁ, ଏନ୍. ଏଚ୍.- ୬ ( କୋଲକାତାରୁ ମୁମ୍ବାଇ)ର ୩ କି. ମି. ଦକ୍ଷିଣକୁ ଅବସ୍ଥିତ । ଆମ ଗାଁ ବସଷ୍ଟାଣ୍ଡ ଯାହା ଜନବସତିରୁ ୩ କି. ମି. ଦୂରରେ ଏନ୍. ଏଚ୍ - ୬ ସହ ପିଚୁ ସଡକ ଦ୍ୱାରା ସଂଯୁକ୍ତ ହୋଇଛି, ମୋ ପିଲାଦିନେ ବି ସେଇ ରାସ୍ତା ଥିଲା, ଫରକ୍ ଏତିକି ଥିଲା ସେବେ ଥିଲା ମୋରମ୍ । ମୋରମ୍ ରାସ୍ତାର ଉଭୟ ପଟ ଥିଲା ଝାଡ ଜଙ୍ଗଲ, କେଉଁଠି ପତଳା ତ କେଉଁଠି ଅଳ୍ପ ଘଞ୍ଚ । ତ ଦିନବେଳେ ବି ସେ ରାସ୍ତାରେ ଗଲାବେଳେ ଡର ଡର ଲାଗୁଥିଲା । ଉତ୍ତର ଦିଗରେ ନିଘଞ୍ଚ ଅରଣ୍ୟ ଓ ପର୍ବତମାଳା, ପୂର୍ବରେ ମତୁଆଳୀ ନାମ୍ନୀ କଳକଳ ହେଇ ବହି ଯାଉଥିବା ଖରସ୍ରୋତା ଛୋଟ ନଈ, ଗାଁକୁ ଲାଗି ଚାରିପାଖରେ ଦୂର ଦିଗନ୍ତ ଯାଏ ଶାଗୁଆ ଶସ୍ୟକ୍ଷେତ, ଦକ୍ଷିଣରେ ସ୍କୁଲକୁ ଲାଗି ଦୁଇଟା ବୃହତ୍ ଖେଳ ପଡିଆରେ ଯା'ର ଭୂଭାଗ, ସେହି ପ୍ରାକୃତିକ ନିଃସର୍ଗ ଭୂମି ମୋ ପ୍ରିୟତମ ଗାଆଁ । ଅଭାବରେ ବି ହସି ପାରୁଥିବା, ସରଳ, କର୍ମଠ ଥିଲେ ଯାର ଅଧିବାସୀ । ତାହାର ପଶୁପକ୍ଷୀ, ନଦୀନାଳ, ଝରଣା,କୂଅ, ପୋଖରୀ, ଚୁଆ, ବିଭିନ୍ନ ପ୍ରକାର ସର୍ପ ଓ ସରୀସୃପମାନଙ୍କ ସହିତ ପ୍ରତ୍ୟକ୍ଷ ସମ୍ପର୍କ ଗାଆଁ ମୋତେ ଦେଇଛି । ଭେଟ କରାଇଛି ଅଭାବ, ଦାରିଦ୍ର୍ୟର ଚିତ୍ର ସହ ସବୁ ଦୁଃଖ, ଅନାଟନକୁ ପଛରେ ପକେଇ ମେଳା ମଉଛବ, ଯାନି ଯାତରା ବିଭୋର ହୋଇ ମନାଉଥିବା ମଳିମୁଣ୍ଡିଆ ଚରିତ୍ର ମାନଙ୍କ ସହ। ଏମାନେ ସବୁ ମୋ ଗପ, କବିତାର ଚିତ୍ର ଓ ଚରିତ୍ର । ହଁ, ଓଡ଼ିଆ ଭାଷା, ଅକ୍ଷର, କାବ୍ୟ କବିତା ପ୍ରତି ଅସମ୍ଭବ ଭଲ ପାଇବା ପିଲାଦିନୁ ରହି ଆସିଛି ଯା'କୁ ଆପଣମାନେ ମୋର ଦୁର୍ବଳତା କହି ପାରନ୍ତି । ଦ୍ୱିତୀୟ ଶ୍ରେଣୀ ବେଳକୁ ପ୍ରାୟ ସମସ୍ତ ଯୁକ୍ତାକ୍ଷର ଉପରେ ମୋର ଦଖଲ ଆସି ଯାଇଥିଲା ଏବଂ ପଞ୍ଚମ ଶ୍ରେଣୀ ବେଳକୁ ଆମ ଘରେ ଥିବା ଜୈମିନୀ ମହାଭାରତ ପୁରାଣକୁ ପୋଖତ ପୁରାଣକାର ମାନଙ୍କ ପରି ଅନର୍ଗଳ ବୋଲି ଗାଁ ଲୋକଙ୍କ ପ୍ରଶଂସା ସାଉଁଟି ପାରୁଥିଲି । ଅବଶ୍ୟ ଏ ବୋଲିବା ଶୈଳୀ ବାପାଙ୍କୁ ଅନୁକରଣ କରି ମୁଁ ଆୟତ୍ତ କରିଥିଲି । ଷଷ୍ଠ ଶ୍ରେଣୀ ବେଳକୁ ଜନ୍ମାଷ୍ଟାମୀ ଦିନ ଜନ୍ମାଷ୍ଟମୀ ଓଷା ପାଳୁଥିବା ଲୋକଙ୍କ ଘରକୁ ନିମନ୍ତ୍ରିତ ହୋଇ ହରିବଂଶ ପୁରାଣ ପାଠ କରୁଥିଲି । କାଳକ୍ରମେ ଓଡ଼ିଆ କବିତା ପ୍ରତି ମୋର ଏତେ ଆକର୍ଷଣ ବଢ଼ି ଯାଇଥିଲା ଯେ ଅଷ୍ଟମ ପଢୁଥିବା ବେଳେ କଟକରୁ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କାଳଜୟୀ କାବ୍ୟ 'ଲାବଣ୍ୟବତୀ' ଡାକଯୋଗେ ମଗାଇ ପାଠ କରିଥିଲି ତ ମୋ ଅଜାଣତରେ ଧୀରେ ଧୀରେ ମୋ ଭିତରେ କବିଟିଏ ଜନ୍ମ ନେଲା । ସେହି ବର୍ଷ 'ହାରାବତୀ ବିବାହ' ନାମକ ରୀତିଯୁଗୀୟ ଶୈଳୀରେ ଏକ କାବ୍ୟ ମୋର ଲେଖିଥିବାର ମନେ ଅଛି । ଏହାପରେ ଦଶମ ପଢୁଥିଲାବେଳେ ମୋ ହାଇସ୍କୁଲ (ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ, ଦେବଗଡ଼) ର ମୁଖପତ୍ର 'ବାଣୀ' ପାଇଁ ମହାଭାରତର କାହାଣୀ ଉପରେ ଆଧାରିତ 'ସତ୍ୟ ଆମ୍ବ ବୃତ୍ତାନ୍ତ' ନାମକ ଗପଟିଏ ଲେଖିଥିଲି । ତାହାହିଁ ଥିଲା ମୋର ପ୍ରଥମ ଛାପା ଅକ୍ଷରରେ ପ୍ରକାଶିତ ସୃଷ୍ଟି । ପତ୍ରିକାରେ ପ୍ରକାଶିତ ମୋର ପ୍ରଥମ କବିତାର ଶୀର୍ଷକ ଥିଲା' ଯୌବନର କଇଁଟି ଝଡିଗଲା ପରେ' । ସମ୍ବଲପୁରରେ ବି.ଇଡି. ଟ୍ରେନିଂ ନେଲାବେଳେ 'ସପ୍ତର୍ଷି' ପତ୍ରିକାରେ ତାହା ପ୍ରକାଶିତ ହୋଇଥିଲା । ମୋର ପ୍ରଥମ ପ୍ରକାଶିତ ଗଳ୍ପ ହେଲା 'ପଦ୍ମବନ' । କବି ସୂର୍ଯ୍ୟ ମିଶ୍ର, କବି କଥାକାର ତଥା ଆଲୋଚକ ନକୁଳ ଚନ୍ଦ୍ର ସାହୁ ଇତ୍ୟାଦିଙ୍କ ମିଳିତ ସମ୍ପାଦନାରେ ପ୍ରକାଶିତ ହେଉଥିବା 'ଅନୁରୂପା' ପତ୍ରିକାରେ ତାହା ମୁଦ୍ରିତ ହୋଇଥିଲା । ଏହିପରି ଭାବେ ଗାଁର ବିମୋହକ ପ୍ରାକୃତିକ ପରିବେଶ, ସ୍କୁଲରେ ପଢିଥିବା ଛୋଟବଡ଼ ଗଦ୍ୟପଦ୍ୟସବୁ, ପାଠ୍ୟଖସଡ଼ା ବାହାରେ ପଢିଥିବା ନାନା କାବ୍ୟ, ପୁରାଣ, ଉପନ୍ୟାସ, ଡିଟେକଟିଭ୍ ଉପନ୍ୟାସ, ରହସ୍ୟ ଉପନ୍ୟାସ, ନାଟକ ଆଦିରୁ ମୋ ସର୍ଜନାର ଭିତ୍ତି ନିର୍ମିତ ହୋଇଛି ।

■ **ଆପଣଙ୍କ ଲେଖକ ଜୀବନର ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?**

■■ ଏହାର ଉତ୍ତର ମୋ ପାଖରେ ସେମିତି କିଛି ନାହିଁ । ସତ କହିଲେ ପ୍ରକୃତିର ବୈଚିତ୍ର୍ୟତା ଭିତରେ ମୁଁ ବଢିଛି । କିନ୍ତୁ ପ୍ରକୃତି କଲମ ଧରିବାକୁ ମୋତେ କେବେ ଉଦ୍‌ବୁଦ୍ଧ କରିନି। ସେଇଥିପାଇଁ ବୋଧେ ପ୍ରକୃତି ମୋ ଲେଖାରେ ତାର ଉପସ୍ଥିତିକୁ ସେତେ ଜାହିର କରିପାରିନି । ଅବଶ୍ୟ ପ୍ରକୃତିର ଅନ୍ୟ ଗୋଟେ ଦିଗ ପାଠକ ମୋ ଲେଖାରେ ଭରପୂର ଦେଖି ପାରନ୍ତି । ତା'ହେଲା ମଣିଷ ଓ ତାର ରହସ୍ୟମୟ ପ୍ରକୃତି, ତାର ଉଭୟ ଆଲୋକିତ ଓ ଅନ୍ଧକାର ଦିଗ । ମଣିଷ ହିଁ ମୋତେ ମଣିଷକୁ କିଛି ମାତ୍ରାରେ ପଢିବାରେ ସକ୍ଷମ କରାଇ ପାରିଛି । ଖୋଦ୍ ମଣିଷ, ସ୍କୁଲରେ ପଢିଥିବା ଉଭୟ ଗଦ୍ୟ ଓ ପଦ୍ୟ, ଜୈମିନୀ ମହାଭାରତ, ହରିବଂଶ ମୋ ଲେଖକ ଜୀବନର ପ୍ରେରଣା ବୋଲି କହିବି । ସାହିତ୍ୟର ଆଦ୍ୟଗୁରୁ ଭାବେ ମୁଁ ଜୈମିନୀ ମହାଭାରତର କବି (ଯାହାଙ୍କ ନାଁ ମୁଁ ଦୁର୍ଭାଗ୍ୟବଶତଃ ଜାଣିନି) ତାଙ୍କୁ ହିଁ ଶ୍ରେୟ ଦେବି । ସେ କବିଙ୍କ ପାଇଁ ଶୈଶବରୁ ମୁଁ ସାହିତ୍ୟ ମନସ୍କ ହୋଇ ଯାଇଥିଲି । ସେ ପୁରାଣ ମୋ ଭିତରେ ଗଭୀର ପ୍ରଭାବ ପକେଇ ପରବର୍ତ୍ତୀ ସମୟରେ କବିତ୍ୱର ଡ଼ାଳପତ୍ର ବିସ୍ତାର କରିଥିଲା । 'କର୍ଣ୍ଣ ବଧ'ରେ କର୍ଣ୍ଣ ଓ ଅର୍ଜ୍ଜୁନର ଯୁଦ୍ଧ ବିଦ୍ୟାକୁ ନେଇ କବିଙ୍କ ଚମତ୍କାରିତା ଦେଖନ୍ତୁ ଯାହା ଏତେ ବର୍ଷ ପରେ ବି ମୋ ସ୍ମୃତିରେ ତାଜା ହେଇ ରହିଛି :-

'ଦୁହେଁ ପୁଣି ଶିଖିଛନ୍ତି ଏକ ଗୁରୁଠାରୁ
ଦୁହିଁଙ୍କ ରଥ ଅଟଳ ଯେହ୍ନେ ମହାମେରୁ ।
ଧନୁ ଧରିଛନ୍ତି ଇନ୍ଦ୍ରଧନୁର ସମାନ
ବିଜୁଳିଠାରୁ ଅଧିକ ବାଣର ସନ୍ଧାନ ।'

ଓଡିଶା ସଚିବାଳୟରେ ଚାକିରିରେ ଯୋଗଦେଲା ପରେ କବି ଓ ସମ୍ପାଦକ ଭିକାରୀ ଧଳଙ୍କ ସହ ଦେଖାହେଲା । ସେ ମୋତେ ପିଲାଦିନୁ ଲେଖାଲେଖି କରୁଥିବାର ଜାଣିବାପରେ ଖୁବ୍ ଖୁସି ହେଲେ ଓ ତାଙ୍କଦ୍ୱାରା ସମ୍ପାଦିତ ପତ୍ରିକା 'କାବ୍ୟଲୋକ'କୁ କବିତା ଦେବାକୁ କହିଲେ । ଦେଲି ଓ ଛପାହେଲା । ଯା' ପରଠୁ ଚାଲିଛି ତ ଚାଲିଛି, ଆଉ ପଛକୁ ଫେରି ଚାହିଁନି । କବିତା ପାଇଁ ତେଣୁ ସେ ମୋର ପ୍ରେରଣାଦାତା ବୋଲି କହିବି ।

■ **ବର୍ତ୍ତମାନ କେଉଁ କେଉଁ ସମସ୍ୟା ଉପରେ ଲେଖକମାନେ ଗୁରୁତ୍ୱ ଦେବା ଆବଶ୍ୟକ ? ସାହିତ୍ୟ ମାଧ୍ୟମରେ ସମାଜର ପାରିବର୍ତ୍ତନ ସମ୍ଭବ କି ?**

■■ ଆମ ସମାଜରେ ସମସ୍ୟା ବହୁବିଧ । ପୂରାତନ ସମସ୍ୟା କୁସଂସ୍କାର, ଅନ୍ଧବିଶ୍ୱାସ, ଧର୍ମ, ଜାତି, ସମ୍ପ୍ରଦାୟ, ଲିଙ୍ଗଗତ ବୈଷମ୍ୟତା ଠାରୁ ଆରମ୍ଭ କରି ନୂଆକରି ଜନ୍ମ ନେଇଥିବା ଏ. ଆଇ. ପର୍ଯ୍ୟନ୍ତ । ଯେହେତୁ ଲେଖକ ଜଣେ ସାମାଜିକ ପ୍ରାଣୀ ଓ ପ୍ରାୟତଃ ସବୁ ସମସ୍ୟା ଦ୍ୱାରା ସେ ପ୍ରତ୍ୟକ୍ଷରେ ହେଉ କି ପରୋକ୍ଷରେ ହେଉ ଉଣାଅଧିକେ ପ୍ରଭାବିତ, ତେଣୁ ସେସବୁର ଯଥାସମ୍ଭବ ଦୂରୀଭୂତ ପାଇଁ ନିଜର ସାମର୍ଥ୍ୟ ଓ ସୀମିତତାକୁ ନେଇ ଲେଖାନୀ ଚାଳନା କରିବା ଉଚିତ । ଲେଖା ଭିତରେ ସମସ୍ୟା କଥା ରହୁ କିନ୍ତୁ ସାହିତ୍ୟ ସମସ୍ୟା ଭିତ୍ତିକ ନ ହେଉ । ଏମିତି ହେଲେ ସାହିତ୍ୟର ସାହିତ୍ୟିକ ବିଭବ, ସୁକୁମାର୍ଯ୍ୟ ନଷ୍ଟ ହେଇଯିବ, ସାହିତ୍ୟ ସାହିତ୍ୟ ହେଇ ଆଉ ରହିବ ନାହିଁ । ତେଣୁ ମୋ ମତରେ ଲେଖକକୁ ଯେଉଁ ସମସ୍ୟା ଗୁଡିକ ଅଧିକ ଆକ୍ରାନ୍ତ କରୁଛି, ସେଗୁଡିକୁ ସେ ସାହିତ୍ୟ କରୁ । ହଁ, ସାହିତ୍ୟ ମାଧ୍ୟମରେ ସମାଜର ପରିବର୍ତ୍ତନ ସମ୍ଭବ । ଫରାସୀ ବିପ୍ଳବ ସେ ଦେଶର ପ୍ରଖ୍ୟାତ ଲେଖକ ଓ ଦାର୍ଶନିକ ରଷୋ, ଭଲତାୟାର, ମଣ୍ଟେସକ୍ୟୁଙ୍କ ଲେଖା ଦ୍ୱାରା ପ୍ରଭାବିତ ହୋଇ ଏକ ଯୁଗାନ୍ତକାରୀ ରାଜନୈତିକ, ସାମାଜିକ ପରିବର୍ତ୍ତନ କରିଥିଲା । ସେହିପରି 'ଟମକକାଙ୍କ କୁଟୀର' (Uncle Tom's Cabin) ଭଳି ଏକ ବହି ଦ୍ୱାରା ଆମେରିକାରୁ ଘୃଣ୍ୟ କଳା ଗୋରା ଭେଦଭାବ ହଟି ସାମାଜିକ ପରିବର୍ତ୍ତନ ହୋଇଥିଲା । ଆମ ଦେଶର ସ୍ୱାଧୀନତା ଲାଭରେ ଉତ୍କଳମଣି ଗୋପବନ୍ଧୁ ଦାସ, ଜାତୀୟ କବି ବୀର କିଶୋର ଦାସ, ବାଞ୍ଛାନିଧି ଦାସଙ୍କ ଦେଶପ୍ରେମ କବିତାମାନଙ୍କ ଅବଦାନ ଅନସ୍ୱୀକାର୍ଯ୍ୟ । କିନ୍ତୁ ସାହିତ୍ୟ ଦ୍ୱାରା ପରିବର୍ତ୍ତନ ଦେଶ ତଥା ଦଶର ହିତ ପାଇଁ ହେବା ସର୍ବାଦୌ ବିଧେୟ ।

■ **ତୁଳନାତ୍ମକ ଭାବେ ପୂର୍ବ ଅପେକ୍ଷା ଏବେ ଅଧିକ ସଂଖ୍ୟାରେ ଗଳ୍ପ ଲେଖାଯାଉଥିଲେ ମଧ୍ୟ ସାଧାରଣ ପାଠକଙ୍କ ସଂଖ୍ୟା ସେହି ପରିମାଣରେ ବୃଦ୍ଧି ପାଉନଥିବା ଅଭିଯୋଗ ହୁଏ, ଏ ବାବଦରେ କଣ କହିବେ ? କଣ କଲେ ସେ ସମସ୍ୟାର ସମାଧାନ କରିହେବ ?**

■■ ହଁ, ଏହା ସତ୍ୟ । ଉତ୍ପାଦନ ବହୁତ, ବିକ୍ରି କିନ୍ତୁ ଆଶାନୁରୂପ ନୁହଁ । ଏ ସମସ୍ୟାର ନିରାକରଣ ପାଇଁ ପ୍ରଥମେ ପାଠକଙ୍କ ସଂଖ୍ୟା ବୃଦ୍ଧି ନ ହେବାର କାରଣ ଅନୁଧ୍ୟାନ କରିବାକୁ ପଡିବ । ମୋ ବିଚାରରେ ପ୍ରଯୁକ୍ତି ବିଦ୍ୟାର ବିକାଶ ଏହାର ମୂଳ କାରଣ । କିନ୍ତୁ ପାଠକଙ୍କ ସହ କାହାଣୀକୁ ସଂପୃକ୍ତି ନ କରିପାରିବା ଆମ ମାନଙ୍କର ବଡ଼ ବିଫଳତା ବୋଲି ମୁଁ କହିବି । କବିତା କ୍ଷେତ୍ରରେ ଅତିଶୟ ଆତ୍ମକୈନ୍ଦ୍ରିକତା ଓ ଅଯଥା ଦୁର୍ବୋଧତା ବୋଧେ ପାଠକଙ୍କଠାରୁ ଦୂରତାର କାରଣ । ଏ ସମ୍ବନ୍ଧରେ ଆତ୍ମ ଅନୁଶୀଳନ, ଗବେଷଣାର ଅପେକ୍ଷା ରହିଛି । ବିଶ୍ୱବିଦ୍ୟାଳୟମାନେ ଏଥିପାଇଁ ଆଗେଇ ଆସିବା ଏ ସମୟର ସମୟୋଚିତ ଆହ୍ୱାନ ।

■ **କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?**

■■ ପ୍ରଥମତଃ କହିବି ଆମ ଭାଷା ଆଦୌ ସଂକଟରେ ନୁହଁ । ହଁ, ସଂକଟରେ ଅଛି ସେଇ ଧଳାହାତୀମାନଙ୍କ ପରିସଂଖ୍ୟାନରେ, ଯେଉଁମାନେ ସଭା ସମିତିରେ ମାତୃଭାଷା ପାଇଁ କୁମ୍ଭୀର କାନ୍ଦଣା କାନ୍ଦନ୍ତି, ଯେଉଁମାନେ ଶେଷ ଥର ପାଇଁ କେବେ ପୈତୃକ ଗାଁକୁ ଯାଇଥିଲେ ସେମାନଙ୍କର ମନେନାହିଁ, ଯେଉଁମାନଙ୍କର ପିଲାମାନେ ବାତାନୁକୂଳିତ ବଡ଼ ବଡ଼ ଇଂରାଜୀ ମାଧ୍ୟମ ସ୍କୁଲ / କଲେଜରେ ପାଠ ପଢ଼ନ୍ତି । ଏସବୁ ସ୍କୁଲ ବିଦେଶୀ ଭାଷା, ସଂସ୍କୃତିର ପରିତୋଷକ, ବାହକ । ଗାଁକୁ ଯାଆନ୍ତୁ, ଭେଟିବେ ସେଠି ମାତୃଭାଷାକୁ, ତାର ସହସ୍ର ଭୁଜର କାୟାକୁ, ତାର ଆପଣାପଣକୁ, ଏକଚାଟିଆପଣକୁ । ସେଠି ଆଉ କାହାରି ରାଜ୍ ନାହିଁ । ପ୍ରଥମେ କୁହନ୍ତୁ ଆମ ରାଜ୍ୟର ଶତକଡା କେତେ ଭାଗ ପିଲା ଇଂରାଜୀ ମାଧ୍ୟମ ସ୍କୁଲରେ ପାଠ ପଢୁଛନ୍ତି ? ତାପରେ ଯାଇ କୁହନ୍ତୁ ମାତୃଭାଷାକୁ ବିପଦ ! ମୁଁ ତ କହିବି ଏସବୁ ପାଗଳର ପ୍ରଳାପ ।

■ **ସମାଜରେ ଯେଉଁ ଯେଉଁ ଅବ୍ୟବସ୍ଥା ଦେଖା ଯାଉଛି ଲେଖକଟିଏ ଚାହିଁଲେ ତା' ଲେଖାରେ ସେ ସବୁର ପରିବର୍ତ୍ତନ କରିପାରିବ ବୋଲି ଆପଣ କେତେ ଆଶାବାଦୀ ?**

■■ ସମ୍ପ୍ରତି ଅନେକ ସାମାଜିକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ତଥାକଥିତ ଦେଶର ବିକାଶ ସହ ଏମାନଙ୍କର ସଂଖ୍ୟା ବଢୁଛି, ଚରିତ୍ର ବି । ଗୋଟେ ଗୋଟେ ଏମିତି ନୂଆ ଅବ୍ୟବସ୍ଥା ଜନ୍ମ ହେଉଛି ଯେ ତାକୁ ଦେଖି ବୁଦ୍ଧି ହଜି ଯାଉଛି । ଯଥା - ନୂଆ ପ୍ରଜନ୍ମର ପିଲାମାନେ ଆଉ ପାରମ୍ପରିକ ବିବାହ କରିବା ବଦଳରେ ପ୍ରେମ ବିବାହ କରିବାକୁ ଜିଦି କରୁଛନ୍ତି ଓ ସେଥିପାଇଁ ଡ଼େଟିଙ୍ଗକୁ ଅନୁମତି ଦେବାକୁ ବାପାମା'ଙ୍କ ଉପରେ ଚାପ ପକାଉଛନ୍ତି । ଯୁକ୍ତି କରୁଛନ୍ତି ଯେ ଜଣେ ଆଜ୍ଞାତକୁ ବିବାହ କରି ନିଜ ଭବିଷ୍ୟତକୁ ନଷ୍ଟ କରିବୁ କାହିଁକି ? ଆମେ ତାକୁ ବାଛିବୁ ଯିଏ ଆମ ସହ ଖାପ ଖୁଆଇ ଚଳିପାରିବ । ପ୍ରେମ ବିବାହର ଯେ ଅନ୍ଧକାର ଦିଗ ବି ଅଛି, ଏ କଥା ସେମାନେ ଶୁଣିବାକୁ ନାରାଜ । କେହି କେହି ତ ଆହୁରି ଦି' ପାଦ ଆଗକୁ ଯାଇ ଯୌବନକୁ ଉପଭୋଗ କରିବା ନିଶାରେ ଲିଭିଙ୍ଗ ଟୁଗେଦରରେ ନିଜ ମୂଲ୍ୟବାନ ମୁହୂର୍ତ୍ତକୁ ନଷ୍ଟ କରିବାକୁ ଗୌରବ ମନେ କରୁଛନ୍ତି । ଏ ହେଲା ଗୋଟେ ଅବ୍ୟବସ୍ଥା, ଏମିତି ସମସ୍ତ ଅବ୍ୟବସ୍ଥାକୁ ଗୋଟି ଗୋଟି ଆଲୋଚନା କରିବା ଏଠି ସମ୍ଭବ ନୁହଁ । ହଁ, ଲେଖକ ଚାହିଁଲେ ଲେଖା ମାଧ୍ୟମରେ ଅବ୍ୟବସ୍ଥା ଗୁଡିକର କ୍ଷତିକାରକ ଦିଗ ଗୁଡିକୁ କବିତାରେ, ଗଳ୍ପ, ଉପନ୍ୟାସର ଚରିତ୍ରମାନଙ୍କ ମାଧ୍ୟମରେ ପ୍ରଦର୍ଶନ କରି ସମାଜରେ ଅବଶ୍ୟ ପରିବର୍ତ୍ତନ ଆଣିପାରିବ । ରାତିକରେ ତ ହୋଇ ପାରିବନି । ସମୟ ଲାଗିବ କିନ୍ତୁ ହେବା ନିଶ୍ଚୟ ହେବ । ଏ ଦିଗରେ କଥାଶିଳ୍ପୀ ଫକୀରମୋହନ, କାହ୍ନୁଚରଣ ଅନେକ କାମ କରି ଯାଇଛନ୍ତି । ଆମେ ତାଙ୍କ ପଥରେ ଆମ ବାଗରେ ଚାଲିବାର ଅଛି ।

■ **ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ ଆପଣ କେତେ ଆଶାବାଦୀ ?**

■■ ବିଶେଷ ଆଶାବାଦୀ ନୁହଁ । ଆମ ଭାଷା ଶାସ୍ତ୍ରୀୟ ଭାଷା । କିନ୍ତୁ ସେ ଅନୁସାରେ ସର୍ବ ଭାରତୀୟ ସ୍ତରରେ ଆମର ପତିଆରା କାହିଁ ? ଭାବନ୍ତୁ ଆମ ସାହିତ୍ୟର ଶାସ୍ତ୍ରୀୟ ଶ୍ରେଣୀର ଲେଖା ସବୁର ପ୍ରକାଶକାଳ କେବେ ସବୁ ହୋଇଛି ? ବିଗତ ତିରିଶ ବର୍ଷ ଭିତରେ ଆମେ ଛମାଣ ଆଠଗୁଣ୍ଠ, ବାଲିରାଜା, ମାଟି ମଟାଳ, ଅମୃତର ସନ୍ତାନ, ପରଜା, ମାଟିର ମଣିଷ, ଯାଜ୍ଞସେନୀ, ଶ୍ରୀରାଧା, ବାଜି ରାଉତ ସ୍ତରର କେତୋଟି କୃତି ଉତାରିଛୁ ? ନିଃସନ୍ଦେହରେ ଏହାର ଉତ୍ତର ଉତ୍ସାହଜନକ ନୁହଁ । ଏହାର କାରଣ ହେଲା ଆମେ ସୃଜନମନସ୍କ ନୋହୁଁ, ପୁରସ୍କାର, ମାନପତ୍ର, ମଞ୍ଚମନସ୍କ । କାହାକୁ ପଢୁନା ଏପରିକି ନିଜକୁ ବି ନୁହେଁ । ଦ୍ୱିତୀୟରେ ଆମର ପ୍ରତିନିଧି ଶ୍ରେଣୀୟ କୃତି ଗୁଡିକର ଇଂରାଜୀ ତଥା ଅନ୍ୟାନ୍ୟ ଭାରତୀୟ ଭାଷାରେ ସଫଳ ଅନୁବାଦର ପ୍ରଭୁତ ଆବଶ୍ୟକତା ରହିଛି । କାରଣ ଏହା ହେଲେ ଆମକୁ ବିଶ୍ୱ ଜାଣିବ । ସମାଲୋଚନା ସାହିତ୍ୟ ଓ ଶିଶୁ ସାହିତ୍ୟ ଏ ଦୁଇ ବିଭାଗ ପ୍ରତି ଯଥାକ୍ରମେ ଏକାଦେମୀ ଓ ଲେଖକମାନଙ୍କର ଦୃଷ୍ଟିଭଙ୍ଗୀ ବଦଳିଲେ ଯାଇ ସ୍ଥିତିଶୀଳତାର ପରିବର୍ତ୍ତନ ଘଟିବ ।

■ **ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?**

■■ ଯେ କୌଣସି ସର୍ଜକ ପାଇଁ ପୁରସ୍କାର ଅନେକ କିଛି ମାଇନା ରଖେ । ଏହା ତାକୁ ଆଗକୁ ଯିବାକୁ ପ୍ରେରିତ କରାଏ । ଗୋଟେ ପରିଚୟ, ସ୍ୱୀକୃତି ଦିଏ । କିନ୍ତୁ ମନେ ରଖିବାକୁ ହେବ ପୁରସ୍କାର ସବୁକିଛି ନୁହଁ । ଆପଣ ଲକ୍ଷ୍ୟ କଲେ ଜାଣି ପାରିବେ ଯେ ବିଭିନ୍ନ ସର୍ଜନଶୀଳ କ୍ଷେତ୍ରରେ ଅନେକ ବ୍ୟକ୍ତି ଥିଲେ, ଅଛନ୍ତି ଯେଉଁମାନେ କିଛି ପୁରସ୍କାର ପାଇ ନାହାନ୍ତି କିନ୍ତୁ ସେମାନଙ୍କର ସୃଷ୍ଟି ପୁରସ୍କୃତ ପ୍ରତିଭାମାନଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁ ବରଂ କ୍ଷେତ୍ର ବିଶେଷରେ ଅଧିକ ବି । ଏସବୁ ଘଟିବାର କାରଣ ଅନେକ, ସେଥିରୁ କିଛି ହେଲା ଭ୍ରମାତ୍ମକ ଚୟନ ପଦ୍ଧତି, ଆସାଧୁ ସଂସ୍ଥା / ବିଚାରକ / ଲେଖକ । ମୁଁ ସନ୍ଦିହାନ ଯେ ମୁଁ କଣ ? କବି ନା ଗାଳ୍ପିକ; ନା ଉଭୟ ! ନା କେଉଁଟା ବି ନୁହଁ ! କାହାକୁ ଉପଦେଶ ଦେବା ତ ଧୃଷ୍ଟତା ମୁଁ ଭାବିବି । ତେଣୁ ଆଗ୍ରଜ ମାନଙ୍କୁ କିଛି କହିବା ଆସ୍ପର୍ଦ୍ଧା ହେବ : ସମସାମୟିକ ମାନଂକୁ କହିଲେ ଗ୍ରହଣ କରିବେନି, ଅନୁଜମାନଙ୍କୁ ଉପଦେଶ ଦେବିନି, ଅନୁରୋଧ କରିବି ସେମାନେ କାହାରି ମାଗଣା ପରାମର୍ଶ ପ୍ରତି ସତର୍କ ରୁହନ୍ତୁ । ବିଶେଷତଃ ତୁମ୍ଭ ମାନଙ୍କର ଉନ୍ନତି ପାଇଁ ଚିନ୍ତା କରୁଥିବା ଲୋକର ଆଖିକୁ ପଢ । ସେଠି କିଛି ମନ୍ଦ ଉଦ୍ଦେଶ୍ୟ ଆତ୍ମଗୋପନ କରିନି ତ ! ଦ୍ୱିତୀୟତଃ ପୁରସ୍କାର, ମାନପତ୍ର, ପ୍ରଶଂସା ପଛରେ ଅନ୍ଧ ପରି ନ ଦୌଡ଼ି ଆମ ଭାଷାର ପ୍ରତିନିଧି ଶ୍ରେଣୀର ଲେଖା ସବୁ ପଢିବାରେ କିଛି ସମୟ ଦିଅ, ଆମ ପୂର୍ବଜମାନଙ୍କୁ ଜାଣ, ଜାଣ ସେମାନଙ୍କର ଅମୂଲ୍ୟ କୃତିକୁ; କାରଣ ତୁମ୍ଭେମାନେ ହିଁ ଏ ଭାଷା ଓ ସାହିତ୍ୟର କର୍ଣ୍ଣଧାର । ❤❤



ସୁଖୀ ପରିବାର : ପୁଅ, ବୋହୂ ଓ ପତ୍ନୀଙ୍କ ସହ ଲେଖକ ରସାନନ୍ଦ ସାହୁ...



ସମଧର୍ମା ବନ୍ଧୁମାନଙ୍କ ସହ ଲେଖକ ରସାନନ୍ଦ ସାହୁ...

# ପ୍ରେମଚାନ୍ଦଙ୍କ ଭାରତୀୟ କୃଷି ଦର୍ଶନ

## ଡକ୍ଟର ଲକ୍ଷ୍ମଣ ସାହୁ



ସାଧାରଣତଃ ଏହା ବିଶ୍ୱାସ କରାଯାଏ ଯେ ଯେକୌଣସି ଆନ୍ଦୋଳନ, କଳା ଓ ଛାତ୍ରବୃତ୍ତିରେ ମଧ୍ୟବିତ୍ତ ଶ୍ରେଣୀର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ମଧ୍ୟବିତ୍ତ ବର୍ଗର ଗୋଟିଏ ଅଂଶ ସରକାରଙ୍କ ସମର୍ଥକ ଓ ଅନ୍ୟଟି ଆନ୍ଦୋଳନର ଆବଶ୍ୟକତାର ସମର୍ଥକ । ଏହି ଦ୍ୱିତୀୟ ଅଂଶ ଆଦର୍ଶଗତ ପରିସ୍ଥିତି ସୃଷ୍ଟି କରିବାରେ ଏହାର ଭୂମିକା ଗ୍ରହଣ କରେ । କିନ୍ତୁ ସର୍ବଦା ଏକ ଆନ୍ଦୋଳନ ଆରମ୍ଭ କରିବାର ଦାୟିତ୍ୱକୁ ଏଡାଇ ଦିଆଯାଏ । ଏହା କେବଳ ପୁରୁଣା ଓ ବ୍ୟାପକ ହେଲେ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରେ । ପ୍ରେମ ଚାନ୍ଦଙ୍କ ପୁସ୍ତକ ପଢ଼ିବା ପରେ ମନେହେଲା ପ୍ରେମଚାନ୍ଦ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ସମୟରେ ସେ ଉଚ୍ଚ ବର୍ଗର ଉଦାସୀନତାରେ କେବଳ ବିରକ୍ତ ନଥିଲେ, ବରଂ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ, ପ୍ରତାରଣା, ସାମନ୍ତବାଦୀ ଶୋଷଣ, ମଧ୍ୟବର୍ତ୍ତୀ ଶ୍ରେଣୀ ପ୍ରତି ଶ୍ରେଣୀ ବୈଷମ୍ୟ ଉଚ୍ଚ ବର୍ଗର ଉଦାସୀନତା ଓ ନିରପେକ୍ଷତାରେ ଅବିଚାର ମଧ୍ୟ ଅସନ୍ତୁଷ୍ଟ ଥିଲେ ।

୧୯୩୬ ମସିହାରେ ପ୍ରେମଚାନ୍ଦ ତାଙ୍କ ପ୍ରବନ୍ଧ 'ମହାଜନୀ ସଭାତା'ରେ ଲେଖିଛନ୍ତି ଯେ 'ମାନବ ସମାଜକୁ ଦୁଇଟି ଭାଗରେ ବିଭକ୍ତ କରାଯାଇଛି । ବଡ଼ ଭାଗ ହେଉଛି ସେମାନଙ୍କର ଯେଉଁମାନେ ମରିଯାଆନ୍ତି ଓ ବହୁତ କମ୍ ଅଂଶ ହେଉଛି ସେମାନଙ୍କର ଯେଉଁମାନେ ନିଜର ଶକ୍ତି ଓ ପ୍ରଭାବ ଦ୍ୱାରା ବୃହତ ସମ୍ପ୍ରଦାୟକୁ ନିୟନ୍ତ୍ରଣ କରନ୍ତି । ସେମାନଙ୍କର ଏହି ବଡ଼ ଅଂଶ (ଯେଉଁମାନେ ମୃତ୍ୟୁ ଯାଆନ୍ତି ଓ ଗ୍ରାସ କରନ୍ତି) ପ୍ରତି କୌଣସି ସହାନୁଭୂତି ନାହିଁ, କୌଣସି ଅନୁକମ୍ପା ନାହିଁ । ସେମାନଙ୍କର ଅସ୍ତିତ୍ୱ କେବଳ ଝାଳ ବୁହାଇବା, ସେମାନଙ୍କର ମାଲିକଙ୍କ ପାଇଁ ରକ୍ତପାତ କରିବା ଓ ଚୁପଚାପ୍ ଏହି ଦୁନିଆରୁ ବିଦାୟ ନେବା ପାଇଁ ।

ଏହି ଉକ୍ତିରୁ ପ୍ରେମଚାନ୍ଦଙ୍କ ମୌଳିକ ସାମାଜିକ ଚିନ୍ତା କ'ଣ ଥିଲା ତାହା ସ୍ପଷ୍ଟ । ସେ ଭଲ ଭାବରେ ବୁଝିପାରିଥିଲେ ଯେ ସମାଜର ଏକ ଉଚ୍ଚ ବର୍ଗର ଦୁଃଖ ପାଇଁ ଦାୟୀ ଲୋକମାନେ, ଅର୍ଥାତ୍ ବହୁଜନ ସମାଜ, ଯେଉଁମାନେ ସେମାନଙ୍କ ଉପରେ ଶାସନ କରୁଥିଲେ ଓ ସେମାନଙ୍କୁ ଶୋଷଣ କରୁଥିଲେ, ସେମାନେ କେବଳ କିଛି ପୁଞ୍ଜିପତି, ଜମିଦାର, ବ୍ୟବସାୟୀ ନଥିଲେ, ବରଂ ବ୍ରିଟିଶ ଶାସନରେ ସାମିଲ ଥିଲେ । ଉଚ୍ଚ ଜାତିର ନିମ୍ନ ମଧ୍ୟବିତ୍ତ/ମଧ୍ୟବିତ୍ତ ବର୍ଗ (ଚାକର) ମଧ୍ୟ ସମାନ ଭାବରେ ଦୋଷୀ ଥିଲେ । କୃଷକ, ଶ୍ରମିକ, ଦଳିତ ବର୍ଗ କେବଳ ଶୋଷିତ ଓ ଖରାପ ଅବସ୍ଥାରେ ନଥିଲେ, ବରଂ ଏକ ସମ୍ପୂର୍ଣ୍ଣ ଅସହାୟ ଓ ନିୟନ୍ତ୍ରିତ ଦାସତ୍ୱରେ ମଧ୍ୟ ଜୀବନଯାପନ କରୁଥିଲେ ।

ମନେହୁଏ ପ୍ରେମଚାନ୍ଦଙ୍କ ପୂର୍ବରୁ, ହିନ୍ଦୀ ସାହିତ୍ୟରେ କେହି ଉଭୟ ବର୍ଗକୁ ସ୍ପଷ୍ଟ ଭାବରେ ଚିହ୍ନଟ କରି ନଥିଲେ । ଗୋଟିଏ ପଟେ ସାମ୍ରାଜ୍ୟବାଦୀ ବ୍ରିଟିଶ କବ୍ଜା ଥିଲା , ସେହିପରି ଅନ୍ୟପଟେ ସାମନ୍ତବାଦୀ ଶୋଷଣର ଶୀର୍ଷ ଥିଲା । ଗୋଟିଏ ପଟେ ଦେଶକୁ ବ୍ରିଟିଶଙ୍କ ପ୍ରଭୁତ୍ୱରୁ ମୁକ୍ତ କରିବା ପାଇଁ ଏକ ଆନ୍ଦୋଳନ ଚାଲିଥିଲା, ଅନ୍ୟପଟେ ଜମିଦାର ଓ ପୁଞ୍ଜିପତିଙ୍କ ବିରୋଧରେ ବିରୋଧ କିମ୍ବା ପ୍ରତିରୋଧରେ କୌଣସି ବିଦ୍ରୋହ ସ୍ୱରସଙ୍ଗତ ରୂପ ନେଉ ନଥିଲା । ଅଧିକାଂଶ ମଧ୍ୟବିତ୍ତ ବର୍ଗ ଡିଜି ଶାସନକୁ ସମର୍ଥନ କରିଥିଲେ । କାରଣ ସେମାନେ ବିଳାସପୂର୍ଣ୍ଣ ସାମଗ୍ରୀ, କିଛି ଅଧିକାର ଓ ଅହଂକାରର ମିଥ୍ୟା ପ୍ରଦର୍ଶନରେ ସାଧାରଣ ଗର୍ବ ଅନୁଭବ କରୁଥିଲେ ।

୧୯୨୧ ମସିହାରେ ପ୍ରେମଚାନ୍ଦ ତାଙ୍କ ଅନ୍ୟ ଏକ ଲେଖା (ଅସହଯୋଗ ଆନ୍ଦୋଳନ ଏବଂ ଗାନ୍ଧୀଜୀଙ୍କ ପ୍ରଭାବରେ) 'ସ୍ୱରାଜକୁ ସମର୍ଥନ ଓ ବିରୋଧ କରୁଥିବା ବ୍ୟବସ୍ଥା' ଶୀର୍ଷକରେ ଲେଖିଥିଲେ ଯେ 'ଶିକ୍ଷିତ ସମ୍ପ୍ରଦାୟ ସର୍ବଦା ସରକାରଙ୍କ ଉପରେ ନିର୍ଭରଶୀଳ । ତେଣୁ ସେମାନେ ହିଁ ପ୍ରଶାସନିକ ହୋଇ କାର୍ଯ୍ୟ କରନ୍ତି, ତେଣୁ ସେମାନଙ୍କ ସ୍ୱାର୍ଥରେ ସରକାର ଦକ୍ଷ ରହିବା ଓ ସେମାନେ ନିଜେ ସରକାରଙ୍କ ଅତ୍ୟାଚାର (ଅତ୍ୟାଚାର, ସ୍ୱେଚ୍ଛାଚାରିତା ଓ ଅରାଜକତା )ରେ ଅଂଶଗ୍ରହଣ କରିବା । ଇତିହାସରେ ଏପରି ଘଟଣାର ଅଭାବ ନାହିଁ , ଯେତେବେଳେ ଶିକ୍ଷିତ ବର୍ଗ ନିଜ ସ୍ୱାର୍ଥ ପାଇଁ ଦେଶ ଓ ଦେଶକୁ ବଳିଦାନ ଦେଇଛନ୍ତି । ଏହି ସମ୍ପ୍ରଦାୟ ବିଭୀଷଣ ଓ ଈଶ୍ୱରଙ୍କ ସେବକମାନଙ୍କରେ ପରିପୂର୍ଣ୍ଣ । ପ୍ରତ୍ୟେକ ଜାତି ସର୍ବଦା ଚାଷୀ କିମ୍ବା ଶ୍ରମିକଙ୍କ ଦ୍ୱାରା ରକ୍ଷା ପାଇଛି ।' ଏହି ନିଷ୍କର୍ଷ ଆଜି ମଧ୍ୟ ସମ୍ପୂର୍ଣ୍ଣ ପ୍ରାସଙ୍ଗିକ । ୧୯୧୯ ମସିହାରେ 'ଜମାନା'ରେ ସେ ଏକ ଲେଖା ଲେଖିଥିଲେ ଯେଉଁଥିରେ ସେ କହିଥିଲେ ଯେ ଏହି ଦେଶରେ ୧୦ ପ୍ରତିଶତ ଚାଷୀ କିଷାନ ସଭା ନାହିଁ । ୧୯୨୫ ମସିହାରେ କିଷାନ ସଭା ଗଠିତ ହୋଇଥିଲା ।

ପ୍ରେମଚାନ୍ଦ ବିଶ୍ୱାସ କରନ୍ତି ଯେ 'କୃଷକଙ୍କ ଦୁଃଖଦ ଜୀବନ ପରିବର୍ତ୍ତନ ଦ୍ୱାରା ହିଁ ଦେଶର ଚେହେରା ବଦଳିବ ।' ବ୍ରିଟିଶ ଶାସନରେ, ଦାରିଦ୍ର୍ୟ, ଶ୍ରମିକ ଓ କୃଷକଙ୍କ ଅବସ୍ଥା ସମାଜର ଅନ୍ୟ ଯେକୌଣସି ଅଂଶ ପରି ଖରାପ ଓ ଖରାପ ହେଉଛି । ତାଙ୍କ ପାଇଁ ଜାତୀୟତାବାଦ କିମ୍ବା ସ୍ୱରାଜ ହେଉଛି ଏକ ବିଶାଳ କୃଷକ ଜାଗରଣର ସ୍ୱପ୍ନ, ଯାହା ମାଧ୍ୟମରେ ଏକ ଭେଦଭାବ ଓ ଶୋଷଣ ମୁକ୍ତ ସମାଜ ବାଛି ହେବ ।' ତାଙ୍କ ନିଜ ଭାଷାରେ - ଆମେ ଯେଉଁ ଜାତୀୟତାବାଦର ସ୍ୱପ୍ନ ଦେଖୁଛୁ ସେଥିରେ ଶ୍ରେଣୀର ଗନ୍ଧ ମଧ୍ୟ ରହିବ ନାହିଁ । ଏହା ଆମର ଶ୍ରମିକ ଓ କୃଷକମାନଙ୍କର ସାମ୍ରାଜ୍ୟ ହେବ। ପ୍ରେମଚାନ୍ଦ ଭଲ ଭାବରେ ବୁଝିଥିଲେ ଯେ ଭାରତରେ ସବୁଠାରୁ ଖରାପ ଅବସ୍ଥା ଚାଷୀ ଓ ଶ୍ରମିକମାନଙ୍କର । ଗୋଟିଏ ପଟେ ଜମିଦାର ଶୋଷଣ ଓ ଅନ୍ୟ ପଟେ ପୁଞ୍ଜିପତି, ଶିଳ୍ପପତି ତଥା ମଝିରେ ସୁଧଖୋର ମହାଜନ ଅଛନ୍ତି ।

ଦେଖିବାକୁ ଗଲେ ପ୍ରାୟ ଅର୍ଦ୍ଧ ଶତାବ୍ଦୀ ପୂର୍ବରୁ ପ୍ରେମଚାନ୍ଦ ଗ୍ରାମୀଣ ଭାରତ ଓ କୃଷକଙ୍କ ଦୁର୍ଦ୍ଦଶା ବିଷୟରେ ଲେଖିଥିଲେ, 'ତୁମେ ଯେଉଁଠାକୁ ଚାହିଁବ, ସେଠାରେ ପୁଞ୍ଜିପତିମାନଙ୍କ ମଧ୍ୟରେ ଏକ ଜାତି ଅଛି । କୃଷକଙ୍କ ଚାଷ ସେମାନଙ୍କର କଳା ଦ୍ୱାରା ନଷ୍ଟ ହୋଇଯାଉଛି । ଆଜି ମଧ୍ୟ ପରିସ୍ଥିତି ବଦଳି ନାହିଁ । କୃଷକ, କୃଷି ଶ୍ରମିକ ଓ ଅସଂଗଠିତ ଶ୍ରମିକମାନେ କଷ୍ଟ ପାଉଛନ୍ତି । ସେମାନେ ସଂଘର୍ଷ କରୁଛନ୍ତି ଓ ଭିଜାଆଖିରେ ସ୍ୱପ୍ନ ରଖିଛନ୍ତି । ସେମାନେ ସେହି ଦିନକୁ ଅପେକ୍ଷା କରିଛନ୍ତି, ଯେତେବେଳେ ସେମାନଙ୍କ ଜୀବନରେ କିଛି ଉଜ୍ଜ୍ୱଳତା ଆସିବ।

କିନ୍ତୁ ସତ୍ୟ ଏହି ଉଦାରୀକରଣର ଏହି ଝଡ଼ରେ, ଦେଶୀ ଓ ବିଦେଶୀ ପୁଞ୍ଜି ମାଲିକମାନେ ସରକାରୀ ନୀତିର କୋଳରେ ନିଜକୁ ଉପଭୋଗ କରୁଛନ୍ତି ଓ ପ୍ରଚୁର ଲାଭ ପାଉଛନ୍ତି । ଏବେ ଗ୍ରାମୀଣ ଭାରତର ମୁହଁ ବଦଳାଇବା ନାମରେ, ଗ୍ରାମୀଣ ଅଞ୍ଚଳକୁ ଭିତ୍ତିଭୂମି ବିକାଶ ନେବା ନାମରେ, ଏହି ମେଣ୍ଟ ଚାଷୀମାନଙ୍କୁ ପୁଞ୍ଜି କରିବାକୁ ଚାହୁଁଛି । ଯଦି ପ୍ରକୃତରେ ଦେଶୀ ଓ ବିଦେଶୀ ପୁଞ୍ଜିର ମେଣ୍ଟ ଯୋଗୁଁ, ଚାଷୀମାନେ ସେମାନଙ୍କର ଜମି ଓ ଚାଷରୁ ସମ୍ପୂର୍ଣ୍ଣ ବିସ୍ଥାପିତ ହୁଅନ୍ତି । ତେବେ କ୍ଷୁଦ୍ର, ମଧ୍ୟମ ଓ ସୀମାନ୍ତ ଗରିବ ଚାଷୀ ନିଶ୍ଚିତ ଭାବରେ ନିଶ୍ଚିହ୍ନ ହୋଇଯିବେ । ଏହା ସହିତ, କୃଷି ଶ୍ରମିକଙ୍କ ବିଶାଳ ସମ୍ପ୍ରଦାୟ କ୍ଷୁଧା, ଦାରିଦ୍ର୍ୟ ଓ ବିସ୍ଥାପନର ଅଧିକ ଗୁରୁତର ଶିକାର ହୋଇଯିବେ ।

ସମାଜରେ ଜୀବିତ ଥିଲେ ମଧ୍ୟ ସେମାନଙ୍କୁ ଜୀବିତ ବୋଲି କୁହାଯିବ ନାହିଁ । କୃଷିର କର୍ପୋରେଟାଇଜେସନ ଯୋଗୁଁ, ଦେଶରେ କୃଷି ବ୍ୟବସାୟ କରୁଥିବା କମ୍ପାନୀଗୁଡ଼ିକୁ ପ୍ରୋତ୍ସାହନ ମିଳିବ । ଯାହାହେଉ, ସେମାନେ ପୂର୍ବରୁ ପ୍ରୋତ୍ସାହନ ପାଉଛନ୍ତି । ପ୍ରକୃତରେ, କୃଷି ବ୍ୟବସାୟ କରୁଥିବା କମ୍ପାନୀଗୁଡ଼ିକ ଚାଷୀମାନଙ୍କୁ ଘୃଣା କରନ୍ତି । ଆମେରିକା ଓ ୟୁରୋପରେ, କମ୍ପାନୀଗୁଡ଼ିକ ଚାଷୀମାନଙ୍କୁ ଚାଷରୁ ବିତାଡିତ କରିଛନ୍ତି । ଫଳାଫଳରୁ ଏହା ସ୍ପଷ୍ଟ ଯେ ୩୦ କୋଟି ଜନସଂଖ୍ୟା ବିଶିଷ୍ଟ ଆମେରିକାରେ କୃଷକଙ୍କ ସଂଖ୍ୟା ପ୍ରାୟ ଲକ୍ଷ ପରିବାରକୁ ହ୍ରାସ ପାଇଛି । ୟୁରୋପର ୧୫ଟି ଦେଶରେ କେବଳ ୭୦ ଲକ୍ଷ ଚାଷୀ ବାକି ଅଛନ୍ତି ।

ଏହି ପ୍ରକାରର କୃଷି ମଡେଲ ଏକ ସ୍ପଷ୍ଟ ବାର୍ତ୍ତା ଦେଉଛି ଯେ ଚାଷୀମାନଙ୍କୁ କୃଷିରୁ ବାହାର କରିଦିଆଯିବା ଉଚିତ୍ । ଯେତେବେଳେ ଚାଷୀମାନଙ୍କୁ କୃଷିରୁ ବାହାର କରିଦିଆଯିବ, ସେତେବେଳେ କୃଷି ଶ୍ରମିକଙ୍କ ଅବସ୍ଥା ଆହୁରି ଭୟଙ୍କର ହୋଇଯିବ। ଆଜି ଆମେ ଦେଖୁଛେ ଯେ ପ୍ରତିବର୍ଷ ହଜାର ହଜାର ଚାଷୀ ନିଜ ଘର ଛାଡିବାକୁ ବାଧ ହେଉଛନ୍ତି । ଗ୍ରାମାଞ୍ଚଳରେ ଗରିବ ଲୋକମାନେ ଆତ୍ମହତ୍ୟା କରୁଛନ୍ତି । ସେମାନଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଉଛି । ଆମେ ସବୁ କେବଳ ନୀରବ ଦର୍ଶକ। ଆମ ପାଇଁ ଚାଷୀ ଆତ୍ମହତ୍ୟା ଭଳି ନକାରାତ୍ମକ ଘଟଣା କେବଳ ଏକ ଖବର ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ନୁହେଁ ।

ସ୍ୱାଧୀନତାର ୭୭ ବର୍ଷ ପରେ ମଧ୍ୟ, ବିଶାଳ ଗ୍ରାମାଞ୍ଚଳ ଓ ଭାରତର ପ୍ରାୟ ଦୁଇ-ତୃତୀୟାଂଶ ଜନସଂଖ୍ୟା ଏକ ବ୍ୟାପକ ମୌଳିକ ପରିବର୍ତ୍ତନ ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ୨୦୦୭ ମସିହାର ତଥ୍ୟ ଅନୁଯାୟୀ, ଦେଶର ୫୩୩ ଜଣ କୋଟିପତିଙ୍କ ମୋଟ ସମ୍ପତ୍ତି ୧୨ ଲକ୍ଷ ୩୨ ହଜାର ୧୩୫ କୋଟି ଟଙ୍କା ଥିଲା । ଅନ୍ୟପକ୍ଷରେ, ଦେଶର ୭୭ ପ୍ରତିଶତ ଜନସଂଖ୍ୟା ଅର୍ଥାତ୍ ୮୩ କୋଟି ୬୫ ଲକ୍ଷ ଲୋକଙ୍କର ଦୈନିକ ଆୟ ୨୦ ଟଙ୍କାରୁ କମ୍ । ଏବଂ ଆଜିର ପରିସ୍ଥିତି ଏପରି ଯେ କେବଳ ୧ ପ୍ରତିଶତ ଲୋକ ୭୩ ପ୍ରତିଶତ ପୁଞ୍ଜି ସଂଗ୍ରହ କରିଛନ୍ତି । ବାକି ୨୭ ପ୍ରତିଶତ ପୁଞ୍ଜିର ସବୁଠାରୁ ବଡ଼ ଅଂଶ ମଧ୍ୟ କେବଳ ୫-୭ ପ୍ରତିଶତ ଲୋକଙ୍କ ପାଖରେ ଅଛି । ଆଉ ବାକି ଲୋକମାନେ ଗରିବ ।

ଦେଶରେ ସମ୍ପତ୍ତିର ଏପରି ଅସମାନ ବଣ୍ଟନ କେବଳ ଆଶ୍ଚର୍ଯ୍ୟଜନକ ନୁହେଁ । ବରଂ ସାମାଜିକ ଅନ୍ୟାୟର ଏକ ସୀମା ରହିବାକୁ ବାଧ କରେ । ଅସମାନ ଆର୍ଥିକ ପରିସ୍ଥିତି ଯୋଗୁଁ, ଦେଶର ସମ୍ପତ୍ତିକୁ ନ୍ୟାୟସଙ୍ଗତ ଭାବରେ ବଣ୍ଟନ କରାଯିବା କ'ଣ ଆବଶ୍ୟକ ନୁହେଁ ? ଦେଶର ଜନସଂଖ୍ୟାର ୯ ପ୍ରତିଶତ ଆଦିବାସୀ ଓ ଜନଜାତି । ସେମାନେ ଦେଶର ମୋଟ ଭୌଗୋଳିକ କ୍ଷେତ୍ରର ୧୫ ପ୍ରତିଶତରେ ବାସ କରନ୍ତି । ଏମାନେ ପର୍ବତ, ଜଙ୍ଗଲ ଏପରିକି ପ୍ରକୃତିର କୋଳରେ ବାସ କରୁଥିବା ଦୀନହୀନ ଥିଛଲୋକ । ସେମାନେ ଯେଉଁ ଅଞ୍ଚଳରେ ବାସ କରନ୍ତି ସେଗୁଡ଼ିକ ଖଣିଜ ସମ୍ପଦ, ଉଦ୍ଭିଦ, ମୂଲ୍ୟବାନ ପଥର ଓ ବନ୍ୟ ପ୍ରାଣୀରେ ପରିପୂର୍ଣ୍ଣ ।

ଦେଶରେ ମୋଟ ୭୦୦ ଜନଜାତି ଅଛନ୍ତି । ସରକାରଙ୍କ ନୀତି ଯୋଗୁଁ ୭୦ ଜନଜାତି ବିଲୁପ୍ତ ହେବାକୁ ବସିଛନ୍ତି । ଆଦିବାସୀ ସମ୍ପ୍ରଦାୟର ଲୋକମାନେ ପ୍ରାକୃତିକ ସମ୍ପତ୍ତିର ଅଂଶୀଦାର ନୁହଁନ୍ତି , ବରଂ କେବଳ ନୀରବ ଦର୍ଶକ ହୋଇଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀ ତଥା ଜନଜାତିଙ୍କୁ ବିସ୍ଥାପିତ କରି ଶିଳ୍ପ ସ୍ଥାପନ ନାମରେ ବହୁରାଷ୍ଟ୍ରୀୟ କମ୍ପାନୀ, ଦେଶୀ ଓ ବିଦେଶୀ ମେଣ୍ଟର ଘରୋଇ କମ୍ପାନୀ ଓ କର୍ପୋରେଟ୍ ହାଉସଗୁଡ଼ିକୁ ସେମାନଙ୍କର ଜମି ଦେଉଛନ୍ତି । ବିସ୍ଥାପିତ ଲୋକଙ୍କ ପୁନର୍ବାସ ପାଇଁ କୌଣସି ସମ୍ମାନଜନକ ଓ ଅର୍ଥପୂର୍ଣ୍ଣ ଯୋଜନା ନାହିଁ ।

ଅଧିକାଂଶ ରାଜ୍ୟ ଭୂମି ସଂସ୍କାରକୁ ଏଡ଼ାଇ ଦିଅନ୍ତି । ଫଳସ୍ୱରୂପ ସମାଜର ଶୋଷିତ ଓ ନିର୍ଯାତିତ । ଯେଉଁମାନେ ଅଧିକାଂଶ ଅନୁସୂଚିତ ଜାତି, ପଛୁଆ ଜାତି ଓ ଜନଜାତିର, ଆଜି ସାମାଜିକ ତଥା ଆର୍ଥିକ ସୀମାକୁ ଠେଲି ହୋଇଯାଇଛନ୍ତି । ଭୂମି ସଂସ୍କାର ମାଧ୍ୟମରେ ଗରିବ ଶ୍ରମିକ ଓ ଗରିବ କୃଷକମାନଙ୍କର ଗ୍ରାମରୁ ସହରକୁ ସ୍ଥାନାନ୍ତରଣକୁ ରୋକାଯାଇପାରିବ । ଏକ ଆକଳନ ଅନୁଯାୟୀ ଆଜି ପ୍ରତିବର୍ଷ ଜନସଂଖ୍ୟାର ୭ ରୁ ୯ ପ୍ରତିଶତ ଗ୍ରାମରୁ ସହରକୁ ସ୍ଥାନାନ୍ତରଣ କରୁଛନ୍ତି । ଚାଷୀ, କୃଷି ଶ୍ରମିକ ଓ ଅସଂଗଠିତ ଶ୍ରମିକମାନଙ୍କୁ ସବୁଠାରୁ କଠିନ ଚ୍ୟାଲେଞ୍ଜ ଦେଇ ଗତି କରିବାକୁ ପଡ଼େ। ଯେତେବେଳେ ଭାରତର କୃଷି କ୍ଷେତ୍ରକୁ କେବଳ ଗ୍ରାମ, କୃଷକ, କୃଷି ଓ କୃଷି ଶ୍ରମିକଙ୍କୁ ସୁରକ୍ଷା ଦେଇ ସୁରକ୍ଷିତ କରାଯାଇପାରିବ..!!!


♥ ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ ,
କଟକ -୪ ,
ମୋ: ୯୦୪୦୧୫୧୪୭୫


---

## ବହ୍ନିମନ୍ତ — ପୂଜା ପତ୍ରିକା ସମୀକ୍ଷା




### ସୃଜନ ସୀମାନ୍ତ

ସମ୍ପାଦକ :
ଡ. ରଘୁନାଥ ଶତପଥୀ

ଠିକଣା : ସୀମାନ୍ତ ସାହିତ୍ୟ ପରିବାର, ନବରଂଗପୁର

"ଆଜିର ପ୍ରସଙ୍ଗରେ ଅସ୍ମିତାର ଏ ଭୃଙ୍ଗରୋଳ ଭିତରେ ସାହିତ୍ୟ ଓ ସର୍ଜ୍ଜନାର ଉଚ୍ଚାରଣ ବଡ ସ୍ପଷ୍ଟ ଓ ପ୍ରାଞ୍ଜଳ, କିନ୍ତୁ ଆଚରଣରେ ? ଅସଲ ଅସ୍ମିତା ତ ସେଇଠି । ଆମ ସରଳତା କପଟଶୂନ୍ୟ ନିରୁତାପଣ ଆମ ସହଭାଗିତା କୋଠଘରର ଶୃଙ୍ଖଳା, ବିନମ୍ରତା ଆଉ ଭାଇଚାରା । ବିଲ ହିଡରୁ ଅନ୍ତରୀକ୍ଷ ଯାଏ, ଅନ୍ତର ତ ଗୋଟାଏ... । ଭାଷା, ଶବ୍ଦ, ଉଚ୍ଚାରଣ ଆଚରଣ କ'ଣ ପ୍ରତିପକ୍ଷ କି ? ଅସ୍ମିତାର ତଣ୍ଟିରେ କଣ୍ଟା ହୋଇ ବେଳେବେଳେ ଆମ ପରିଚୟକୁ ପ୍ରଶ୍ନବାଚୀ କରିଦିଏ । ମନ ଅଛି ଆବେଗ ଅଛି ବୋଲି ସିନା ଭାବନା ଆଉ ସାହିତ୍ୟକୁ ହୃଦୟଗ୍ରାହୀ ଆମେ କରିପାରୁ । ଏ ସନନ୍ଦ ପ୍ରଶସ୍ତି, ଉପଢୌକନ ତ ସର୍ଜ୍ଜନାର ଧ୍ୱଜା ମାତ୍ର । ଆମ ଭାଷା ସାହିତ୍ୟରେ ଯେତେ ସବୁ ଆବେଗ ଅନୁଭବ, ନିର୍ଦ୍ଦେଶ ପରିହାସ ଭର୍ତ୍ସନା ନିବେଦନ ଆଉ ନୈବେଦ୍ୟ ଅଛି କିନ୍ତୁ ସବୁର ଅନ୍ତରାଳରେ ଯୋଉ ନିଛକପଣ ସରଳତା ପ୍ରେମ ଆଉ ନିରୁତାପଣ ଅଛି, ଅସ୍ମିତାର ନିବେଦନ ଅଛି ତାକୁ ଆମର ବିନମ୍ର ପ୍ରଣାମ ।" ବୋଲି ବକ୍ତବ୍ୟ ରଖିଛନ୍ତି ସୀମାନ୍ତର ସମ୍ପାଦକ ଡ. ରଘୁନାଥ ଶତପଥୀ ମହୋଦୟ, ଯାହା ନିଶ୍ଚିତ ଭାବେ ଚିନ୍ତାଶୀଳ ପାଠକଙ୍କୁ ଆଚ୍ଛନ୍ନ କରିବ ।

ପତ୍ରିକାଟି ୧୯୪ ପୃଷ୍ଠା ସମ୍ବଳିତ ହୋଇଥିବା ବେଳେ ଏହାର ପ୍ରଚ୍ଛଦ ଅତ୍ୟନ୍ତ ଭାବୋଦ୍ଦୀପକ ହୋଇଛି ।

ଏଥିରେ ଲଳିତ ନିବନ୍ଧ ସ୍ତମ୍ଭରେ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଆଶୁତୋଷ ପାତ୍ର, ପ୍ରଦୀପ ମିଶ୍ର, ଦୁର୍ଗା ପ୍ରସାଦ ପାଢ଼ୀଙ୍କ ଲେଖା ସ୍ଥାନିତ ହୋଇଛି ।

ଗଳ୍ପ ଧାରାରେ କାଶୀନାଥ ନନ୍ଦି, କମଳା ଶତପଥୀ, କୈଳାସ ବେହେରା, ସନ୍ତୋଷିନୀ ବାବୁ, ଗାୟତ୍ରୀ ଦାଶ, ସୁରେନ୍ଦ୍ର ପାତ୍ର, ଶାନ୍ତନୁ କୁମାର ନାୟକ, ରବି ପଣ୍ଡା, ମୋନାଲିସା ମିଶ୍ର, ବନମାଳୀ ସେନାପତି, ସୁଷମା ଦାଶ, ରମେଶ ପଟ୍ଟନାୟକ, ସଂଜୀବ କୁମାର ଭୋଇ, କମଳିନୀ ମଲ୍ଲିକ, ରାମଚନ୍ଦ୍ର ଦାଶ, ବିମଳ ଚନ୍ଦ୍ର ପଟ୍ଟନାୟକ, ସୌମେନ୍ଦ୍ର ଜେନା, ପରିକ୍ଷିତ ସାହୁ, ସୀମାଂଚଳ ଦାଶ, ଡଃ ପ୍ରୀତି ପ୍ରତିଭା ଭୋଳ, ସୁଚରିତା ବେହେରା, ସ୍ନେହା ସାହୁଙ୍କ ଗଳ୍ପ ସ୍ଥାନିତ ହୋଇଥିବା ବେଳେ ଅନୁବାଦ ଗଳ୍ପରେ କନକ ମଂଜରୀ ସାହୁ, ପାରମିତା ଷଡ଼ଙ୍ଗୀ, ନିହାରିକା ମଲ୍ଲିକ, ସୁକୋମଳ ଦାଶଙ୍କ ଅନୁବାଦ ଗଳ୍ପ ସ୍ଥାନିତ ହୋଇଛି ।

କବିତା ଧାରାରେ ହର ପ୍ରସାଦ ଦାସ, ବିଜୟ ମହାପାତ୍ର, ସୁରେଶ କୁମାର ନାୟକ, କମଳ କୁମାର ମହାନ୍ତି, ରକ୍ଷକ ନାୟକ, କୃଷ୍ଣ କୁମାର ମହାନ୍ତି, ପିନାକୀ ମିଶ୍ର, ନୃସିଂହ ତରାଇ, ସୌଭାଗ୍ୟବନ୍ତ ମହାରଣା, ଡ. ରମାକାନ୍ତ ଜେନା, ଧନଞ୍ଜୟ ସ୍ୱାଇଁ, ମୀନକେତନ ପଶାୟତ, ଦେବଯାନୀ ରାୟ, ବିପ୍ଳବ ରଂଜନ ପତି, ପ୍ରଦ୍ୟୁମ୍ନ ପଟ୍ଟନାୟକ, ରସାନନ୍ଦ ସାହୁ, ପ୍ରଭାତ ନଳିନୀ ମହାପାତ୍ର, ଚକ୍ରପାଣି ପରିଛା, ଜଳଧର ସ୍ୱାଇଁ, ସୈରିନ୍ଧ୍ରୀ ସାହୁ, ଡ. ଅନିଲ ନନ୍ଦ, ରାଜଶ୍ରୀ ମହାପାତ୍ର, ଅଙ୍ଗୁଳବାଳା ପରିଡ଼ା, ସୁଧିରାଜ ରାଉତ, ମିନତି ମିଶ୍ର, ନର୍ମଦା ନିଳୋତ୍ପଳା, ଅନସୂୟା ପଣ୍ଡା, ଡ. ନାରାୟଣ ପଣ୍ଡା, ସୁଶାନ୍ତ କୁମାର ନାୟକ, ବିରଞ୍ଚି ନାରାୟଣ ଦରୱାନ, ପ୍ରତିଭା ପରିଡ଼ା, ବିମ୍ବାଧର ଷଡ଼ଙ୍ଗୀ, ସୁପ୍ରଭା ପରିଜା, ଯୋଗ୍ୟଶ୍ରୀ ସାମଲ, ପ୍ରଭାତ କୁମାର ଆଚାର୍ଯ୍ୟ, ସୁଜାତା ମିଶ୍ର, ମମତା ପଟ୍ଟନାୟକ, ପଲ୍ଲବୀ ଦାଶ, କନକଲତା ମହାକୁଡ଼, ଦିଲୀପ୍ ପାଣିଗ୍ରାହୀ, ପି. ରବିକାନ୍ତ ରଘୁରାମଙ୍କ କବିତା ସ୍ଥାନିତ ହୋଇଛି।

ଅନୁବାଦ କବିତାରେ ମାନସ ରଂଜନ ମହାପାତ୍ର, ଡ. ସଂଗୀତା ରଥ, ଶୈଳବାଳା ମହାପାତ୍ରଙ୍କ ଅନୁବାଦ କବିତା ସ୍ଥାନିତ ହୋଇଛି।

ଗୀତି କବିତାରେ ପ୍ରଦାପ କୁମାର ପଣ୍ଡା, ଅନୀତା ପାଣି, ସତ୍ୟବ୍ରତ ସାହୁ, ଡାକ୍ତର ଦୀନବନ୍ଧୁ ସାହୁ, ସ୍ୱାଗତିକା ସାହୁ, ଭବାନୀ ଶଙ୍କର ଶତପଥି(ବୁଟି)ଙ୍କ ଗୀତି କବିତା ସ୍ଥାନିତ ହୋଇଛି।

ପୁସ୍ତକ ସମୀକ୍ଷାରେ ସୁଧିର ମହାପାତ୍ରଙ୍କ ସମୀକ୍ଷା ସ୍ଥାନିତ ହୋଇଛି।

ଭିନ୍ନ ଦୃଷ୍ଟିରେ ଜି. ଭେଙ୍କଟ ରେଡ୍ଡୀ ଓ ନାରାୟଣ ସଗରଙ୍କ ଦୁଇଟି ଉପାଦେୟ ପ୍ରବନ୍ଧ ପ୍ରକାଶ ପାଇଛି ।

ମୋଟାମୋଟି ଭାବରେ କହିବାକୁ ଗଲେ ସୁନିର୍ବାଚିତ ଲେଖା, ପରିଚ୍ଛନ୍ନ ପରିପାଟୀକୁ ନେଇ ସମୃଦ୍ଧ ହୋଇଛି 'ସୀମାନ୍ତ'ର ଶାରଦୀୟ ସଂଖ୍ୟାର କଳେବର । ଏହା ପାଠକ ମହଲରେ ଆଦୃତି ଲାଭ କରିବ ବୋଲି ନିଶ୍ଚିତ ଭାବେ ଆଶା ପୋଷଣ କରାଯାଇପାରେ । ♥

ସମୀକ୍ଷା :
ଧ୍ୱନି ପ୍ରତିଧ୍ୱନି ବ୍ୟୁରୋ

---

## ମନଗହନର କଥା...



ଦୁଇହଜାର ତେର ମସିହା, ଡିସେମ୍ବର ମାସ ଛବିଶ ତାରିଖ ସକାଳ ୬.୩୦ ମିନିଟ୍‌ରେ ଜନ୍ମନେଲା ମୋର ପ୍ରଥମ କନ୍ୟା ସନ୍ତାନ ମାଳିନୀ। ଝିଅକୁ କୋଳକୁ ନେଲି। ପିତୃତ୍ୱ ମୋର ପୁରି ଉଠିଲା। ହେଲେ ମାଳିନୀ ଜନ୍ମ ନେବାର ପ୍ରାୟ କୋଡ଼ିଏ ବର୍ଷ ତଳୁ, ଅର୍ଥାତ୍ ୧୯୯୫ ମସିହା ଠାରୁ ଗୋଟିଏ ପରେ ଗୋଟିଏ କବିତା ମାଳିନୀକୁ ମୁଁ ମୋର ମାନସ କନ୍ୟା ଭାବରେ କାଗଜ ଓ କଲମରେ ଜୀବନ୍ୟାସ ଦେଇ ଚାଲିଥିଲି। ସେମାନେ ସମସ୍ତେ ମୋର ଔରସଜାତ କନ୍ୟା ମାଳିନୀ ପରି ସ୍ନେହାସ୍ପଦା ଓ ମୁଁ ସେମାନଙ୍କର ଶ୍ରଦ୍ଧାନୁଧ୍ୟାୟୀ । ଶିଶୁଟିଏ ସାଧାରଣତଃ ମସ୍ତକ ଆଡୁ ଜନ୍ମ ନେଉଥିଲା ବେଳେ ମୋର କନ୍ୟାସନ୍ତାନ ମାଳିନୀ ପାଦ ଆଡୁ ଜନ୍ମ ନେଇଥିଲା। ଗର୍ଭ ଭିତରେ ଝିଅ ଡାକ୍ତରୀ ଭାଷାରେ 'ବ୍ରିଜ୍ କଣ୍ଡିସନ୍'ରେ ରହିଥିଲା। ମାଆ ଓ ଝିଅ ଉଭୟଙ୍କୁ ଜୀବିତାବସ୍ଥାରେ ପାଇବାର ସମ୍ଭାବନା ଆଦୌ ନଥିଲା। କନ୍ୟା ମାଳିନୀର ପ୍ରସବ ଜନିତ ପତ୍ନୀ ଯାଜ୍ଞସେନୀଙ୍କର ତମାମ ରାତିର ଭୟଙ୍କର ବେଦନା ଓ ସଂଘର୍ଷ ପାଖରେ ଭାବପ୍ରବଣ, କଳ୍ପନା ପ୍ରବଣ, ସର୍ଜନା ପ୍ରବଣ ଏ କବିପିତା ବାରମ୍ବାର ହାର୍ ମାନୁଛି। ଦୁଇ ହଜାରରୁ ଅଧିକ କବିତା ମାଳିନୀଙ୍କୁ ଜନ୍ମ ଦେଇଥିବା ଏ କବିପିତା ସ୍ୱୀକାର କରୁଛି ଯେ କୌଣସି ଯନ୍ତ୍ରଣା ବା ବେଦନାକୁ ଶହେରୁ ଶହେ ଭାଗ କବିତାରେ ଫୁଟାଇବା ଅସମ୍ଭବ। ମଣିଷ ଜୀବନରେ ଅନେକ ଦୃଶ୍ୟ ଅଦେଖା ରହିଯାଏ, ଅନେକ କଥା ଅକୁହା ରହିଯାଏ, ଜୀବନର ଶେଷଖାଦ୍ୟ ସେମିତି ଥାଳିରେ ବଢ଼ା ହୋଇଥାଏ, ଚେତନା ତା'ର ସଂସ୍କାରର ରୂପ ନେଇ ଆତ୍ମା ସହ ବନ୍ଧନମୁକ୍ତ ହେଲାବେଳେ ଅଭୁକ୍ତ ଅବସ୍ଥାରେ ଶେଷ ବିଶ୍ରାମ ଘେନେ ଗୋଟିଏ ବିକାରମୁକ୍ତ କାୟା। ଅତଏବ, ଜୀବନ ତ ଗୋଟିଏ ଅସମାପ୍ତ ଗୀତିକାବ୍ୟ।




ହଁ, ପ୍ରଥମ ସନ୍ତାନ ଭାବରେ କନ୍ୟା ହେଲାପରେ ମୋର ବନ୍ଧୁ ପରିଜନ ମୋତେ ଅଭିନନ୍ଦନ ଜଣାଇଲେ ଏହିପରି– 'ଓଃ, ତୁମେ କବି ପରା। କେତେ କେତେ କବିତାକୁ ଜନ୍ମଦେଉ ଦେଉ, ଆଉ ଗୋଟିଏ କବିତା ଜନ୍ମନେଲା ତୁମ କୋଳରେ।' ଜଣେ କବିକୁ ଶ୍ରଦ୍ଧା, ମର୍ଯ୍ୟାଦା ଓ ସ୍ୱୀକୃତି ଦେବାକୁ ଏହାଠାରୁ ବଳି ଆଉ କ'ଣ ଶ୍ରେଷ୍ଠ ବାକ୍ୟ ଥାଇପାରେ !

ମୁଁ ଲେଖିବାଠାରୁ ଭାବନା ଭିତରେ ବୁଡି ରହିବାକୁ ବେଶୀ ପସନ୍ଦ କରେ । ମୁଁ ଲେଖିବା ଠାରୁ ପଢ଼ିବା ପାଇଁ ଓ ଗପିବା ପାଇଁ ବେଶୀ ପସନ୍ଦ କରେ। ଅନେକ ଭାବନାକୁ ଭାଷାଦେଇ ପାରି ନାହିଁ ବୋଲି ମୁଁ ଆଦୌ ଦୁଃଖିତ ନୁହେଁ। ମୋର ଅଦ୍ୟାବଧି ଯନ୍ତ୍ରସ୍ଥ ଓ ପ୍ରକାଶୋନ୍ମୁଖୀ 'ସନେଟ୍ ଶତକ' ଓ ଗଦ୍ୟ କବିତା 'ଆଗାମୀ ଜନ୍ମରେ ଯଦି ପକ୍ଷୀଟିଏ ହୁଏ'ର ଜୀବନଦର୍ଶନ ଆଧାରିତ ଓ ଏହା ସହ ଅନ୍ୟାନ୍ୟ ଗଣଚେତନାଧର୍ମୀ କବିତା ମାଳିନୀମାନଙ୍କୁ ଅଗ୍ରାଧିକାର ନଦେଇ ଏଇ ଛନ୍ଦବଦ୍ଧ କବିତା ସଂକଳନ 'ମାଳିନୀ'କୁ ପ୍ରଥମେ ପୁସ୍ତକର ରୂପ ଦେଉଛି, ସେଥିପାଇଁ ମୁଁ ଦୁଃଖିତ। କିନ୍ତୁ ମୁଁ ନାଚାର । କାରଣ ଏହାହିଁ ବୋଧେ ନିୟତିର ନିର୍ଦ୍ଦେଶ। କନ୍ୟା ମାଳିନୀର କୁନି କୁନି ପାଦର ହରଦମ୍ ଧାଁ ଦୌଡ଼ ଓ ପତ୍ନୀ ଯାଜ୍ଞସେନୀଙ୍କର ଅଳତା ବୋଳା ପାଦର ଛନ୍ଦ ମୋତେ କଠିନ ବିଛନ୍ଦ ଗଦ୍ୟ କବିତାରୁ ଛନ୍ଦମୟ କରି ଦେଇଛି, ଆର୍ଯ୍ୟବ୍ରତରୁ ପ୍ରେମାନନ୍ଦ କରିଦେଇଛି।

– ପ୍ରେମାନନ୍ଦ ଶ୍ରୀ ଆର୍ଯ୍ୟବ୍ରତ ଦାସ

ମାଳିନୀ (କବିତା ସଂକଳନ)ର ମୁଖବନ୍ଧରେ ପ୍ରକାଶିତ...


♥ ବ୍ରଜବାଳା ଭବନ, କାନ୍ଦଣା
ଗଡିଆ, ମୟୂରଭଂଜ-୨୩
(ମୋ) ୯୪୩୭୮୩୪୯୬୪


---

## ଭଗବତ ପ୍ରେମ : ସର୍ବଶ୍ରେଷ୍ଠ ସମ୍ପତ୍ତି

### ବିଜୟଲକ୍ଷ୍ମୀ ଶତପଥୀ

ଈଶ୍ୱରଙ୍କ ପ୍ରେମକୁ ହରାଇବାର ଭୟ ଜୀବନର ସବୁଠାରୁ ବଡ଼ ଭୟ। ଭଗବାନଙ୍କ ପ୍ରେମ ହେଉଛି ମନୁଷ୍ୟର ସର୍ବଶ୍ରେଷ୍ଠ ଅମୂଲ୍ୟ ସମ୍ପତ୍ତି। ଏହା ଅନେକ ଜନ୍ମର ତପସ୍ୟାର ଫଳ ତଥା ଗୋଟିଏ ପବିତ୍ର ଆତ୍ମାର ନିଜ ଉତ୍ସ ସହ ମିଳନ ପାଇଁ ବ୍ୟାକୁଳତାର ଫଳ। ଭଗବାନଙ୍କ ପ୍ରେମ ହେଉଛି ସେହି ସୁରକ୍ଷା କବଚ, ଯାହା ଜୀବନର ଦୁର୍ଦ୍ଦିନରେ ଆମକୁ ଘଣ୍ଟ ଘୋଡ଼ାଇ ରଖିଥାଏ। ଏହା ଆମକୁ ତୃପ୍ତିର ସ୍ୱାଦ ଚଖାଏ ଯାହା କୌଣସି ସାଂସାରିକ ସମ୍ପତ୍ତି ପ୍ରଦାନ କରିପାରେନା। ଭଗବାନଙ୍କୁ ଆମ ହୃଦୟରେ ଅଧିଷ୍ଠିତ କରେଇ ଆମେ ଏକ ସୁନ୍ଦର ଦୁନିଆର ଅବଲୋକନ କରିବା ଯେଉଁଠି ପ୍ରେମର ରାଜତ୍ୱ ହେଉଥିବ ଏବଂ ଈର୍ଷା, ଦ୍ୱେଷ, ଘୃଣାର ସ୍ଥାନ ନଥିବ। ଈଶ୍ୱରଙ୍କ ପ୍ରେମକୁ ହରେଇବାର ଭୟ ଜୀବନର ସବୁଠାରୁ ବଡ଼ ଭୟ।

ଏଠି ପ୍ରଶ୍ନ ଆସିପାରେ, ଯେତେବେଳେ ଆମେ କହୁଛୁ ଯେ ଭଗବାନ ସର୍ବବ୍ୟାପୀ, ସର୍ବତ୍ର ବିରାଜିତ ଏବଂ ସେ ପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ, କେହି କେମିତି ତାଙ୍କ ଦିବ୍ୟ ପ୍ରେମରୁ ବଞ୍ଚିତ ହୋଇପାରିବ ? ଉତ୍ତର ଖୁବ ସହଜ। ବେତାର ତରଙ୍ଗ ସବୁଠି ଅଛି, ଯଦିଓ ତାହା ସୁବଠି, ଶବଦ ଶୁଣିବାପାଇଁ ଆମକୁ ଉପଯୁକ୍ତ ତରଙ୍ଗ ସହ ସଂଯୋଗ ସ୍ଥାପନ କରିବାକୁ ହୁଏ। ଠିକ ସେହିଭଳି ବେଳେ ବେଳେ ମାୟା ଆମ ମନକୁ ଆବୋରି ରଖେ ଏବଂ ଆମେ ଭଗବାନଙ୍କ ସହ ସଂଯୋଗ ସ୍ଥାପନ କରିବାରେ ବିଫଳ ହେଉ। ଆମେ ଅନୁଭବ କରିପାରୁନୁ ଯେ ଏହି ମାୟା ଏକ ମରୀଚିକା ଏବଂ ଏହା ଆମକୁ ଅକଥନୀୟ କଷ୍ଟ ହିଁ ପ୍ରଦାନ କରିବ। ଏକମାତ୍ର ଭଗବାନ ହିଁ ତାଙ୍କର ଅପାର ଅନୁକମ୍ପାରୁ ସେଥିରୁ ଆମକୁ ଉଦ୍ଧାର କରିପାରିବେ।

ରାମାୟଣରେ ଏହାର ପ୍ରକୃଷ୍ଟ ଉଦାହରଣ ଆମେ ପାଇପାରିବା। ରାଜ ଉଆସର ସବୁ ସୁଖ ଭୋଗ ତ୍ୟାଗ କରି ଶ୍ରୀରାମଙ୍କ ପ୍ରେମରେ ନିମଗ୍ନ ଦେବୀ ସୀତା ସ୍ୱାମୀଙ୍କ ସହ ବନକୁ ଗମନ କରିଥିଲେ। କିନ୍ତୁ ଯେଉଁଦିନ ସେ ସୁବର୍ଣ୍ଣ ମୃଗକୁ ଦେଖିଲେ, ତାକୁ ପାଇବାର ଇଛା ମନରେ ଜାଗ୍ରତ କଲେ, ଭଗବାନଙ୍କ ଦିବ୍ୟ ସାନ୍ନିଧ୍ୟରୁ ଦୂରେଇ ଗଲେ ଏବଂ ଦାରୁଣ ଯନ୍ତ୍ରଣାକୁ ଜୀବନରେ ଆମନ୍ତ୍ରଣ କଲେ। ରାମ ଓ କାମ ଏକାଠି ରହି ପାରିବେନି। ପୁଣିଥରେ ତାଙ୍କର ପରମ ପ୍ରିୟ ପ୍ରଭୁଙ୍କୁ ପାଇବା ତାଙ୍କ ପାଇଁ ଅତ୍ୟନ୍ତ କଷ୍ଟସାଧ ହୋଇପଡ଼ିଥିଲା। ତେଣୁ ସଦା ଈଶ୍ୱରଙ୍କ ସଂସ୍କରଣ ସହ ସଂଯୋଗ ସ୍ଥାପନ କରିବା ଏବଂ ତାଙ୍କ ଦିବ୍ୟ ପ୍ରେମର ଦିବ୍ୟ ସୂର୍ଯ୍ୟାଲୋକରେ ସଦାସ୍ନାନ କରିବା। ଏହା ହିଁ ଜୀବନର ପୁଞ୍ଜି, ଜୀବନରେ ଏହି ଅମୂଲ୍ୟ ସମ୍ପଦ ବଢ଼େଇ ଚାଲିବା ହିଁ ବୁଦ୍ଧିମତାର ପରିଚୟ।


♥ ଖରିଆର ରୋଡ୍, ନୂଆପଡ଼ା

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୨୩ ନଭେମ୍ବର ୨୦୨୫



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com



# ମଧୁରୋକ୍ତି...( ୭ )

## ❤ ମଧୁମିତା ମିଶ୍ର

(ପୂର୍ବ ପ୍ରକାଶିତ ଉତ୍ତାରୁ) ଜୀବନରେ ତୁମ ଦର୍ଶନ ପାଇବା,ତୁମ ସାନିଧ୍ୟ ପାଇବା ସତରେ କାହା ଭାଗ୍ୟରେ ବା ଯୁଟିଥାଏ ପ୍ରଭୁ...!! ହେଲେ ଯଦି କେହି ଏପରି ସୁଯୋଗ ପାଏ ତେବେ ହାତଛଡ଼ା କିପରି କରିପାରିବ..!! ଠିକ୍ ଯେମିତି ଭକ୍ତ ନାଉରିଆ ଏମିତି ସୁଯୋଗର ସଦୁପଯୋଗ କରି ଦେଇଥିଲା। ନାଉରିଆ ସଫା ସଫା କହି ଦେଇଥିଲା ତୁମକୁ ଗଙ୍ଗା ପାର ସେ କରେଇ ଦେବ କିନ୍ତୁ ତା ପୂର୍ବରୁ ପ୍ରଥମେ ତୁମର ପାଦକୁ ସେ ଧୋଇବ। କାରଣ ସେ ଶୁଣିଛି ତୁମ ଚରଣ କମଳ ସ୍ପର୍ଶରେ ପଥର ଖଣ୍ଡ ନାରୀରେ ପରିଣତ ହୋଇ ପାରିଛି। ମାତା ଅହଲ୍ୟାଙ୍କ କଥା ସେ କହିଛି ଏଠାରେ। ସେ ଶୁଣିଥିଲା କିପରି ଅହଲ୍ୟା ମାତା ଏତେ ବର୍ଷ ପଥର ହୋଇ ରହିବା ପରେ ତୁମର ମିଥିଳା ଯିବା ରାସ୍ତାରେ ତୁମ ସ୍ପର୍ଶ ପାଇ ପୁନର୍ଜୀବିତ ହୋଇଥିଲେ। ପ୍ରକୃତରେ ତୁମ କରୁଣାର ସ୍ପର୍ଶ ପାଇଲା ପରେ ସତରେ ଏକ ପଥର ଜୀବନ୍ତ ହୋଇଯିବା ବଡ କଥା ନୁହେଁ ପ୍ରଭୁ। ଏକଥା ନାଉରୀ ବୁଝୁଥିଲା ଯେ ସେ ପରମବ୍ରହ୍ମଙ୍କର ପାଦ ଧୋଇବାକୁ ଏତେ ବଡ ଏକ ସୁଯୋଗ ପାଇଛି...ଯାହା ଜମାରୁ ସେ ଛାଡିବ ନାହିଁ।

ତୁମେ ତ ଅନାଥର ନାଥ...ଦୁଃଖୀର ତ୍ରାଣକର୍ତ୍ତା...ପତିତପାବନ ପ୍ରଭୁ...!! ଭକ୍ତର ମନୋବାଞ୍ଛା ପୁରଣ କରିବାକୁ ନିଜ ପାଦ ବଢ଼େଇ ଦେଇଥିଲ। ଯେଉଁ ପଦପଦ୍ମକୁ ଧୋଇବାକୁ ନିଜେ ପରମପିତା ବ୍ରହ୍ମା ସକ୍ଷମ ହେଲେନି ସେହି ପାଦ ଧୋଇ ପାରୁଥିଲା ଏକ ତୁଚ୍ଛ କୈବର୍ତ୍ତ...!! ଯେତେବେଳେ ତୁମେ ବାମନ ରୂପ ନେଇଥିଲ ଏବଂ ବଳୀରାଜଙ୍କ ଗର୍ବ ଚୂର୍ଣ୍ଣ କରିବା ପାଇଁ ନିଜର ଦ୍ୱିତୀୟ ପାଦ ବଢ଼େଇ ନଭକୁ ଆଚ୍ଛାଦିତ କରି ରଖିଥିଲ...ସେତେବେଳେ ବ୍ରହ୍ମା ନିଜ କମଣ୍ଡଳୁରେ ଗଙ୍ଗାଜଳ ଭର୍ତ୍ତି କରି ତୁମ ପାଦ ଧୋଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ସେହି ଜଳ ତୁମର ବୃଦ୍ଧାଙ୍ଗୁଳିର କୋଣରେ ସମାହିତ ହୋଇ ରହିଯାଇଥିଲା ଆଉ ବ୍ରହ୍ମାଙ୍କ ଆଗ୍ରହ ପୂର୍ଣ୍ଣ ହୋଇ ପାରିନଥିଲା। ସେତିକିବେଳେ ମହାଦେବ ମଧ୍ୟ ଆଶା କରି ବସିଥିଲେ ଯେ ସେ ତୁମ ପାଦ ଧୌତ ହେବା ପରେ ଟିକେ ଚରଣାମୃତ ପାଇବେ...କିନ୍ତୁ ତାଙ୍କର ଆଶା ମଧ୍ୟ ଆଶାରେ ହିଁ ରହି ଯାଇଥିଲା। ଅନାବିଳ ଭକ୍ତି ଦ୍ୱାରା ମୂଢ଼ ଭକ୍ତ ନାଉରୀ ଏହି ଦୁର୍ଲଭ ସୌଭାଗ୍ୟ ପାଇଥିଲା। ତୁମ ପାଦ ଧୋଇ ସେହି ଅମୃତ ପାନ କରି ଦୈବତ୍ୱ ପାଇଥିଲା। ତୁମକୁ ଗଙ୍ଗା ପାର କରେଇ ଦେଇ ହାତ ଯୋଡ଼ି କହି ଦେଇଥିଲା...ତୁମେ ଯେମିତି ତାକୁ ଭବ ସାଗରରୁ ପାର କରେଇଦେବ ହେ ଦୟାନିଧି...!!

ଗଙ୍ଗା ପାର ହେବା ପରେ ନାଉରୀକୁ ଦୂରକୁ ଯିବାକୁ କହିଦେଇ ତୁମେ ଚିତ୍ରକୁଟକୁ ଆସିଥିଲ ଏବଂ ସେଠାରେ କିଛି ସମୟ ଅତିବାହିତ କରିବାକୁ ନିଷ୍ପତ୍ତି ନେଇଥିଲ। ଗଙ୍ଗାନଦୀର କୁଳୁକୁଳୁ ତାନ ସହିତ ଚତୁର୍ଦ୍ଦିଗର ସୁରମ୍ୟ ଉଦ୍ୟାନ ଭରା ପରିବେଶ ତୁମର ରହଣି ପାଇଁ ଉପଯୁକ୍ତ ହୋଇଥିଲା। ବନବାସ ଆରମ୍ଭ ହେବା ପରେ ତୁମେ ଅନେକ ଋଷିମୁନିଙ୍କ ସହ ଧର୍ମ ଚର୍ଚ୍ଚାରେ ମନୋନିବେଶ କରିବାକୁ ଆରମ୍ଭ କରିଥିଲ। କିନ୍ତୁ ମନ ଭିତରେ କେଜାଣି କେଉଁଠି ନିଜ ପିତାଙ୍କୁ ନେଇ ଅହେତୁକ ଚିନ୍ତା ଆସୁଥିବା ଲକ୍ଷ୍ୟ କରି ସାଧାରଣ ପୁତ୍ରଟିଏ ପରି ବିଚଳିତ ମଧ୍ୟ ହୋଇ ଯାଉଥିଲ।

ଭରତ ରାଜ ପରିବାରର ସମସ୍ତଙ୍କ ସହିତ ତୁମକୁ ଫେରେଇ ଆଣିବାକୁ ଗଲାବେଳେ ଅଯୋଧ୍ୟାର ସମସ୍ତ ଜନସମାଜ ମଧ୍ୟ ସେମାନଙ୍କ ସହିତ ଆଗେଇ ଆସିଥିଲେ। ବୀର ଲକ୍ଷ୍ମଣ ଗଛ ଉପରୁ ଏତେ ବଡ ପଟୁଆର ଆସୁଥିବା ଦେଖି ଭାବିନେଲେ ଯେ ବୋଧେ ଭରତ କିଛି ଅଘଟଣ ଘଟାଇବା ଉଦ୍ଦେଶ୍ୟ ନେଇ ଆସୁଛନ୍ତି। ଚକ୍ରାନ୍ତ କରି ରାଜ୍ୟ ନେଇଯିବା ପରେ ମଧ୍ୟ ଉଚ୍ଚ ଅଭିଳାଷ ପୂର୍ତ୍ତି ସକାଶେ ବୋଧେ ସେ ଆକ୍ରମଣ ପାଇଁ ହିଁ ଆସୁଛନ୍ତି ବୋଲି ଭାବି ସେ କ୍ରୋଧ ବଶତଃ ପ୍ରତିଆକ୍ରମଣ ପାଇଁ ଉଦ୍ୟତ ହେଲା ବେଳେ ତୁମେ ତାଙ୍କୁ ସେଥିରୁ କ୍ଷାନ୍ତ ହେବାକୁ ବୁଝେଇ ଥିଲ।

ତୁମ ସମ୍ମୁଖକୁ ଆସିବା ପରେ ଭରତ ତୁମ ପାଦତଳେ ଲମ୍ବ ହୋଇ ପଡ଼ିଗଲେ। ନିଜ ମୁଖ ଦେଖେଇବାକୁ ମଧ୍ୟ ସାହସ ନଥିଲା ତାଙ୍କର। ଅଯୋଧ୍ୟାରେ ହୋଇଥିବା ଏହି ଦୁର୍ଦ୍ଦିନ ପାଇଁ ସେ କେବଳ ନିଜକୁ ହିଁ ଦୋଷୀ ମାନି ସାରିଥିଲେ।

କିନ୍ତୁ ତୁମେ ଭାଙ୍ଗି ପଡ଼ିଥିଲ ନିଜ ପିତାଙ୍କ ବିଷୟରେ ଜାଣି। ଶେଷ ସମୟରେ ତୁମେ ତାଙ୍କ ପାଖରେ ନଥିବାରୁ ନିଜକୁ ଭାରି ଅସହାୟ ମନେ କରୁଥିଲ। ମାନସିକ ସ୍ତରରେ ଦୁର୍ବଳ ହୋଇ ପଡ଼ିଥିଲ ପ୍ରଭୁ।ତଥାପି ଦମ୍ଭ ଧରି ତୁମେ ପିତାଙ୍କ ଶ୍ରାଦ୍ଧ କର୍ମ କରିଥିଲ।ସବୁ ସରିବା ପରେ ଭରତ ଅପରାଧିଟିଏ ପରି ଆସି ଚୁପ୍ ହୋଇ ଠିଆ ହେଲେ। ଆଖିରୁ ତାଙ୍କର ଅନୁତାପଭରା ଅଶ୍ରୁ ଖସି ପଡୁଥିଲା। କେବଳ ତାଙ୍କୁ ରାଜା କରିବାକୁ ଯାଇ ତ ତାଙ୍କ ମାତା ଏତେ କଠୋର ସର୍ତ୍ତ ରାଖିଦେଇଥିଲେ ନା...!!?? କେବଳ ତାଙ୍କୁ ଅନୁଚିତ ଅଧିକାର ଦେବାକୁ ଯାଇ ତାଙ୍କ ଭାଇଙ୍କର ନ୍ୟାୟୋଚିତ ଅଧିକାର ଛଡେଇ ନିଆ ଯାଇଛି ନା...!!?? ଏମିତି କେତେ କଣ ସେ ଭାବି ଚାଲିଥିଲେ। ନିଜ ନବ ବିବାହିତା ଭାଉଜ ମାନଂକ ପ୍ରତି କେତେ ଯେ ଅନ୍ୟାୟ ହୋଇ ଯାଇଛି...ସେସବୁ ଅନ୍ୟାୟ ପାଇଁ...ଏପରିକି ନିଜ ପିତାଙ୍କର ମୃତ୍ୟୁ ପାଇଁ ମଧ୍ୟ ସେ ନିଜକୁ ହିଁ ଦାୟୀ କରି ଚାଲିଥିଲେ...!!

ତାଙ୍କ ଦ୍ୱିଧାଭାବ ଏବଂ ସଙ୍କୋଚ ତୁମଠାରୁ ଲୁଚି ପାରି ନଥିଲା। ତାଙ୍କୁ ସେହି ମନୋଭାବରୁ ଉଦ୍ଧାର କରିବା ପାଇଁ ତୁମେ ନିଜ ବଳିଷ୍ଠ ବାହୁ ବନ୍ଧନୀରେ ତାଙ୍କୁ ଆଲିଙ୍ଗନ କରି ଧରି ଦେଇଥିଲ। ନିଜ ହୃଦୟ ସହିତ ଥରେ ତୁମ କରୁଣାର ମିଳନ ହୋଇଗଲା ପରେ ଆଉ କାହା ମନରେ ଭକ୍ତି ବ୍ୟତିରେକ ଆଉ କିଛି ଭାବନା ରହି ପାରେନା ମହାବାହୁ...!! ଠିକ୍ ସେହିପରି ଭରତ ମଧ୍ୟ ନିଜର ସବୁ କଷ୍ଟରୁ ମୁକ୍ତି ପାଇ ପାରିଥିଲେ। ଯାହା କିଛି ଘଟିଲା ତାକୁ କେବଳ ଏକ ସଂଯୋଗ ବୋଲି କହି ତୁମେ ସମସ୍ତଙ୍କୁ ଗ୍ଲାନି ମୁକ୍ତ କରିଥିଲ। କେବଳ ସେତିକି ନୁହେଁ ଅପିତୁ କୈକେୟୀଙ୍କୁ ମଧ୍ୟ ଏ ପ୍ରକାର ମାନସିକ ଦୁଃଖରୁ ଉଦ୍ଧାର କରିଥିଲ।

ତୁମକୁ ଅଯୋଧ୍ୟା ଫେରି ଆସିବାକୁ ସମସ୍ତେ ଯୋଡ଼ ହସ୍ତରେ ପ୍ରାର୍ଥନା କରିଥିଲେ। ମାତ୍ର ଥରେ ଉଠେଇ ସାରିଥିବା ନିଜର ପଦକ୍ଷେପ ଆଉ ଫେରେଇ ନେବା ତୁମ ପାଇଁ ସମ୍ଭବ ହୋଇ ପାରିଲାନି। ପିତାଙ୍କ ସତ୍ୟ ପାଳନ ସକାଶେ ଚଉଦ ବର୍ଷ ବନବାସ ତୁମର ନିୟତି ଏବଂ ବିଧିର ବିଧାନ ବୋଲି ତୁମେ ସମସ୍ତଙ୍କୁ ବୁଝେଇ ପାରିଥିଲ। ଭରତ ବହୁତ୍ ଦୁଃଖୀ ହୋଇଥିଲେ। କିନ୍ତୁ ନିଜ ଭାଇଙ୍କ ଆଜ୍ଞା ଅନୁଯାୟୀ ଏହି ଚଉଦ ବର୍ଷ ଅଯୋଧ୍ୟାରେ ରାଜକାର୍ଯ୍ୟ ସମ୍ଭାଳିବାକୁ ସେ ମାନିବାକୁ ବାଧ୍ୟ ହୋଇଥିଲେ। କିନ୍ତୁ ତାଙ୍କର ସର୍ତ୍ତ ଥିଲା ଯେ ସେ କେବଳ ତୁମର ଏକ ଦାସ ପରି ନିଜ କର୍ତ୍ତବ୍ୟ କରିବେ। ଆଉ ନିର୍ଦ୍ଧାରିତ ସମୟ ସୀମାରୁ ଟିକେ ମାତ୍ର ଡେରି ହେଲେ ତାଙ୍କ ପ୍ରାଣ ହାରିଦେବାକୁ ମଧ୍ୟ ଘୋଷଣା କଲେ। ତତ୍‌ସହିତ ଆଗ୍ରହ କରିଥିଲେ ଯେ ତୁମର ଚରଣ ପାଦୁକା ସେ ନିଜ ସାଙ୍ଗରେ ନେଇ ସିଂହାସନରେ ଅଭିଷିକ୍ତ କରିବେ ଆଉ ନିଜେ ଜଣେ ସାଧୁ ସନ୍ୟାସୀ ସଦୃଶ ନନ୍ଦିଗ୍ରାମରେ ରହି ଶାସନ ପରିଚାଳନା କରିବେ।

ଭାଇର ଆଗ୍ରହକୁ ମାନି ନେଇ ନିଜ ପାଦୁକା ଦେଇଦେବା ପରେ ତୁମେ ଖାଲି ପାଦରେ ନିଜ ଯାତ୍ରା ପ୍ରାରମ୍ଭ କରିଥିଲ। ଆଉ ମାତାମାନେ, ଭାଇମାନେ, ଦେଶବାସୀମାନେ ସମସ୍ତେ ଅପେକ୍ଷା କରି ରହିଥିଲେ ତୁମର ଅଯୋଧ୍ୟା ଫେରି ଆସିବା ବାଟକୁ...!!

ପଞ୍ଚବଟିରେ ଅବସ୍ଥାନ କରିବା ସମୟରେ ଲଙ୍କାପତି ରାବଣର ଭଉଣୀ ସୂର୍ପଣଖା ଥରେ ତୁମକୁ ଦେଖିଥିଲା। କୋଟି କନ୍ଦର୍ପ ଲାବଣ୍ୟ ଭରା ତୁମର ରୁପକାନ୍ତି ସମସ୍ତଙ୍କ ମନକୁ କିଣି ନେଇଥାଏ। ଆଉ ଏହି ପରିସ୍ଥିତିରେ ସୂର୍ପଣଖା ତୁମ ରୂପରେ ମୁଗ୍ଧ ହୋଇ ପ୍ରଣୟ ଭିକ୍ଷା କରିବା ଏକ ସାଧାରଣ କଥା ଥିଲା। କିନ୍ତୁ ତୁମେ ସଚରାଚର ବିଶ୍ୱର ସ୍ୱାମୀ ସୀତାପତି ଅତି ସମ୍ଭ୍ରମତା ସହିତରେ ସୀତାମାତାଙ୍କୁ ଦେଖେଇ ନିଜେ ବିବାହିତ ଥିବା କଥା କହି ତାକୁ ବୁଝେଇବାକୁ ଚେଷ୍ଟା କରିଥିଲ ଯେ ତାକୁ ଗ୍ରହଣ କରିବା ତୁମ ପକ୍ଷରେ ସମ୍ଭବ ନୁହେଁ।

ତଥାପି କାମନା ଜର୍ଜରିତା ରାକ୍ଷସୀ ପୁରୁଷ କାମ୍ୟ କରିବା ଦେଖି ତୁମେ ଲକ୍ଷ୍ମଣଙ୍କ ପାଖକୁ ଯିବାକୁ କହିଥିଲ। ଲକ୍ଷ୍ମଣ ଠିକ୍ ବୁଝି ପାରିଥିଲେ ତା'ର କୁତ୍ସିତ ମନୋଭାବକୁ। ଆଉ ତା ନାକ କାନ କାଟି ତା ପ୍ରେମ ଆବେଦନକୁ ଅଗ୍ରାହ୍ୟ କରି ଦେଇଥିଲେ। ନିଜ ଅପମାନର ପ୍ରତିଶୋଧ ନେବା ପାଇଁ ଛଟପଟ ହୋଇ ସୂର୍ପଣଖା ଆସି ନିଜ ଭାଇ ଆଗରେ କାନ୍ଦି କାନ୍ଦି ସୀତା ମାତାଙ୍କ ରୂପ ସୌନ୍ଦର୍ଯ୍ୟ କଥା ବର୍ଣ୍ଣନା କରିଥିଲା ଆଉ ଜଣେଇ ଦେଇଥିଲା ଯେ ତୁମକୁ ହରେଇବାକୁ ହେଲେ ତୁମର ଶକ୍ତିକୁ ହରଣ କରିବାକୁ ହେବ। ତୁମ ଅଭିମାନକୁ ଚୂର୍ଣ୍ଣ କରିବାକୁ ହେବ।ଆଉ ତୁମର ଅଭିମାନ, ତୁମର ଶକ୍ତି ମାତା ସୀତା ହିଁ ଥିଲେ। ରାବଣ ପରି ଜଣେ ପ୍ରତାପଶାଳୀ ବୀର ନିକଟରେ ସଂସାରର ସବୁଠୁ ସୁନ୍ଦରୀ ନାରୀ ରହିବା ଆବଶ୍ୟକ ବୋଲି କହିଥିଲା। ମାତା ସୀତା ଯେ ଅପୂର୍ବ ରୂପସୀ ଏକଥା ଜାଣିବା ପରେ ରାବଣ ଖାଲି ସୁଯୋଗ ଖୋଜିବାକୁ ଲାଗିଲା କେମିତି ସେ ମାତାଙ୍କୁ ହାସଲ କରିବା ପାଇଁ ଗୋଟିଏ ନିରୋଳା ମୁହୂର୍ତ୍ତ ପାଇ ପାରିବ...!!

ନିଜର ସହାୟକ ଖର ଓ ଦୂଷଣକୁ ରାବଣ ପଠେଇଥିଲା ତୁମ ଦୁଇଭାଇଙ୍କୁ ଯୁଦ୍ଧରେ ପରାସ୍ତ କରିବାକୁ। କିନ୍ତୁ ସେମାନେ ଇହଧାମ ତ୍ୟାଗ କରିବା ସହ ନିଜର ସମସ୍ତ ସେନା ସହିତ ସମ୍ମୁଖ ଯୁଦ୍ଧରେ ସେମାନେ ହାରିଯିବା ପରେ ସେ ଅନ୍ଦେ ବହୁତେ ଜାଣି ପାରିଥିଲା ତୁମ ଶକ୍ତିର ପରାକାଷ୍ଠା ସମ୍ପର୍କରେ। ସେଥିପାଇଁ ଆଉ ସାମ୍ନାସାମ୍ନି ପ୍ରହାର ନକରି ପିଠି ପଛରୁ ଆକ୍ରମଣ କରିବା ଯୋଜନା ପ୍ରସ୍ତୁତ କଲା।

(ଆରଥରକୁ)

❤ ଭୁବନେଶ୍ୱର
ମୋ: ୯୪୩୮୪୭୦୮୦୭

# ଗାନ୍ଧୀ ମଣିଷ : ନବକୃଷ୍ଣ ଚୌଧୁରୀ



## ଡ଼ଃ.ଅରୁନ୍ଧତୀ ଦେବୀ



ଓଡ଼ିଶାରେ ଗାନ୍ଧିବାଦୀ ଅନୁଚିନ୍ତନର ଚିନ୍ତା ଓ ଚେତନାକୁ ଜାଗରଣ କରିଥିବା ବିଶିଷ୍ଟ ଜନନାୟକ ନବକୃଷ୍ଣ ଚୌଧୁରୀଙ୍କ ଆଜି ହେଉଛି ପବିତ୍ର ଜନ୍ମତିଥି । ତମାମ୍ ଜୀବନ ସାଧାରଣ ମେହନତି ଲୋକଙ୍କ ପାଇଁ ଉତ୍ସର୍ଗ କରିଥିବା ସେହି ସଂଗ୍ରାମୀ ବୀରକର୍ଣ୍ଣଧାର ଏକଦା କହିଥିଲେ 'ତୁମେ ଯେତେବେଳେ କୌଣସି କାମ କରିବାକୁ ଗଲାବେଳେ ସଂଶୟରେ ପଡ଼ିଥିବ ଯେତେବେଳେ ଲକ୍ଷ୍ୟ କରିବ ତୁମ କାମଟି ଯଦି ସମାଜର ସବୁଠାରୁ ତଳିଆ ଶ୍ରେଣୀର ଲୋକଙ୍କ ମଙ୍ଗଳ କରୁଛି ତ ତୁମେ ନିର୍ଭୟରେ ଆଗେଇ ଚାଲ' । ନବକୃଷ୍ଣ ଚୌଧୁରୀଙ୍କ କେବଳ ବେଶଭୂଷା ନୁହେଁ ବରଂ ତାଙ୍କ ଜୀବନାଦର୍ଶ ଥିଲା ସମ୍ପୂର୍ଣ୍ଣ ରୂପେ ଅତ୍ୟନ୍ତ ସାଧାସିଧା ଓ ନିରାଡ଼ମ୍ବର। ସମାଜର ତଳସ୍ତରରେ ଜୀବନ ଜୀବିକାକୁ ନେଇ ଅହର୍ନିଷ ସଂଗ୍ରାମ କରୁଥିବା ଲୋକଙ୍କ ପାଇଁ ସେ ସର୍ବଦା କାମ କରୁଥିଲେ । ତାଙ୍କରି ନେତୃତ୍ୱରେ ଚାଷୀ ଆନ୍ଦୋଳନ ଓ ଗଡ଼ଜାତ ଆନ୍ଦୋଳନ ଦ୍ୱାରା ବର୍ଷ ବର୍ଷ ଧରି ଜମିଦାରୀ ଓ ରାଜାମହାରାଜଙ୍କ ରାଜକୀୟ ଶାସନକୁ ଲୋପ କରି ସାଧାରଣ ଲୋକଙ୍କ ଏକ ଯୁଗ ସୃଷ୍ଟି କରିଥିଲା । ସେ ହେଉଛନ୍ତି ଭାରତର ପ୍ରଥମ ବ୍ୟକ୍ତିତ୍ୱ ଯିଏ କି ରାଜ୍ୟର ଭାଷାକୁ ସରକାରୀ ଭାଷା ଭାବରେ ନିଷ୍ଠାପର ଭାବରେ ପ୍ରଚଳନ କରାଇ ବେଶ୍ ପ୍ରଶଂସା ଭାଜନ ହୋଇଥିଲେ କେବଳ ସେତିକି ନୁହେଁ ଛୋଟମୋଟର ମାମଲାକୁ କୋର୍ଟ କଚେରୀକୁ ନନେଇ ଗ୍ରାମ୍ୟସ୍ତରରେ ଅଦାଲତ ଗଠନ କରି ନିରପେକ୍ଷ ବ୍ୟକ୍ତିତ୍ୱମାନଙ୍କ ଦ୍ୱାରା ନ୍ୟାୟ ପ୍ରଦାନର ସେ ବ୍ୟବସ୍ଥା କରାଇଥିଲେ । ଏହାସହ ମହାଜନୀ ଋଣ ନେଇ କ୍ଷତିଗ୍ରସ୍ତ ଲୋକଙ୍କ ସୁରକ୍ଷା ପାଇଁ ସେ ବିଧିବଦ୍ଧ ଭାବେ ଆଇନ ପ୍ରଣୟନ କରିଥିଲେ । ଶାସନ ଓ ବ୍ୟବସ୍ଥାର ବିକେନ୍ଦ୍ରୀକରଣ କରିବା ସହ ପରବର୍ତ୍ତୀ ସମୟରେ ଏହାକୁ କେବଳ କେନ୍ଦ୍ର ସରକାର ନୁହେଁ ଭାରତର ବିଭିନ୍ନ ରାଜ୍ୟ ସରକାରମାନେ ଆଦର୍ଶଣୀୟ ଭାବରେ ଏହାକୁ ଅନୁକରଣ କରିଥିଲେ । ତାଙ୍କ ସମୟରେ ରାଜ୍ୟରୁ ସମସ୍ତ ପ୍ରକାର ନିଶାର ମୂଳୋତ୍ପାଟନ କରିବା ପାଇଁ ବିଧିବଦ୍ଧ ଭାବେ ନିଶାନିବାରଣ ଆଇନ ପ୍ରଣୟନ କରିଥିଲେ

ବର୍ତ୍ତମାନ ସରକାର ସାଧାରଣ ଶ୍ରେଣୀର ଲୋକମାନଙ୍କ ପାଇଁ ଟଙ୍କିକିଆ ଚାଉଳ ଠାରୁ ଚଷାପୁଅ ପାଇଁ ମୋବାଇଲ ଠାରୁ ସାଇକେଲ ଯୋଗାଇ ଦେଉଥିଲେ ବି ନିଶା ନିବାରଣ ଉପରେ ସେପରି କିଛି ସରକାରୀ ଅଙ୍କୁଶ ରହୁନଥିବାରୁ ସାଧାରଣ ଲୋକଟି ନିଜର ପରିଶ୍ରମର ମୂଲ୍ୟକୁ ନିଶାପାଣିରେ ଉଡାଇ ଦେଇ ନିଜ ଜୀବନକୁ ବରବାଦ୍ କରିବା ସହ ନିଜ ପରିବାରକୁ କ୍ଷତବିକ୍ଷତ କରୁଛି । ଆଜିର ରାଜନୀତିରେ ଅର୍ଥ ସବୁକିଛି । କ୍ଷମତାକୁ ନିଜ ପାଖରେ ବର୍ଷ ବର୍ଷ ଧରି ବଂଶ ବୁନିଆଦିର ଜାଗିର ପରି ରଖିବା ପାଇଁ ନେତାମାନେ ନିଜର ସମସ୍ତ ବ୍ୟକ୍ତିତ୍ୱକୁ ସମର୍ପି ଦେଉଥିବାବେଳେ ନବକୃଷ୍ଣ ଚୌଧୁରୀଙ୍କ ମୁଖ୍ୟମନ୍ତ୍ରୀତ୍ୱ ଥିଲା ସଂପୂର୍ଣ୍ଣ ରୂପେ ଭିନ୍ନ । ତାଙ୍କ ଶାସନ ସମୟରେ ସେ ଏହି ରାଜ୍ୟର ବିଭିନ୍ନ ଜନମଙ୍ଗଳ କାର୍ଯ୍ୟକ୍ରମର ଦାୟିତ୍ୱକୁ ବେଶ୍ ନିଷ୍ଠାପର ଭାବରେ ତୁଲାଉଥିଲେ । ସବୁକିଛି କାମ ଶାସନ ଓ ପ୍ରଶାସନ ଉପରେ ଲଦି ନଦେଇ ବ୍ୟକ୍ତିଗତ ଭାବରେ ସେ ସରକାରୀ ଆଇନ ଓ ବିଧି ବ୍ୟବସ୍ଥାକୁ ନଜରରେ ରଖି ସୁପରିଚାଳନା କରୁଥିଲେ । ସେ ଅନୁଭବ କରିଥିଲେ ଯେ ସେ ସମୟର ସାମାଜିକ ବିଧି ବ୍ୟବସ୍ଥା ଓ ସରକାରୀ କଳର ଢ଼ାଞ୍ଚା ଜନାଭିମୁଖୀ ନହେଲେ ଏହା ଲୋକମାନଙ୍କ ପାଇଁ ଫଳପ୍ରଶୁ ହୋଇପାରିବ ନାହିଁ । ନିଜ ସାଧୁତା ଓ ବ୍ୟକ୍ତିଗତ ଜୀବନର ଆଦର୍ଶ ପାଇଁ ସେ ସମଗ୍ର ଭାରତବର୍ଷରେ ନିଜର ସ୍ୱତନ୍ତ୍ରତା ପ୍ରତିଷ୍ଠା କରିବାକୁ ସକ୍ଷମ ହୋଇଥିଲେ । ଜୀବନର ଶେଷ ସମୟ ପର୍ଯ୍ୟନ୍ତ ବିଭିନ୍ନ ଗଣଆନ୍ଦୋଳନରେ ନିଜକୁ ସାମିଲ କରି ଅନେକ ଯୋଜନାର ଖସଡ଼ାକୁ ବେଶ୍ ପ୍ରଶଂସନୀୟ ଭାବରେ ସମସ୍ତଙ୍କ ପାଖରେ ପହଞ୍ଚାଇବାକୁ ସକ୍ଷମ ହୋଇଥିଲେ । ତାଙ୍କ ସମୟରେ ପଶ୍ଚିମବଙ୍ଗର ତତ୍କାଳୀନ ମୁଖ୍ୟମନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ରାୟଙ୍କ ସମୟରେ ନକ୍ସଲ ଦମନ ନାମରେ ଯେଉଁପରି ଭାବରେ ଦମନଲୀଳା ଚାଲିଥିଲା ତାହାକୁ ପଶ୍ଚିମବଙ୍ଗର ନେତାମାନେ ଏହା ବିରୁଦ୍ଧରେ ପଦୁଟିଏ କହିବାକୁ ସକ୍ଷମ ହୋଇନଥିଲା ବେଳେ ସେ ସମୟରେ କୋଲକତା ବିଶ୍ୱବିଦ୍ୟାଳୟର ଏକ ବୁଦ୍ଧିଜୀବିଙ୍କ ସମାବେଶରେ ଏହାକୁ ବିରୋଧ କରି ଯେଉଁ ଜ୍ଞାନ ଗର୍ଭକ ଭାଷଣ ଦେଇଥିଲେ ତାହାକୁ କୋଲକତାର ବଡ଼ ବଡ଼ ଆଗଧାଡ଼ିର ସମ୍ବାଦପତ୍ରମାନେ ଉଚ୍ଚପ୍ରଶଂସା କରି ଏହା ଉପରେ ଲେଖନୀ ଚାଳନା କରିଥିଲେ । ସାରା ଭାରତର ଜରୁରୀ କାଳୀନ ପରିସ୍ଥିତିରେ ତତ୍କାଳୀନ ଓଡ଼ିଶାର ଜନଆନ୍ଦୋଳନର ନେତୃତ୍ୱର କର୍ଣ୍ଣଧାର ସେ ସାଜିଥିଲେ । ନିଜ ଜୀବନର ଶେଷ ନିଃଶ୍ୱାସ ନେବା ପର୍ଯ୍ୟନ୍ତ ବିଭିନ୍ନ ଜନଆନ୍ଦୋଳନର ନେତୃତ୍ୱ ନେଇଥିଲେ ବି ସେ କେବେ ବି କ୍ଷମତାକୁ ଫେରିବାକୁ ଲାଳାୟିତ ହୋଇନଥିଲେ । ସେ ଭଲଭାବେ ଜାଣିଥିଲେ ଯେ ସମାଜର ମୌଳିକ ପରିବର୍ତ୍ତନ କେବଳ ସମ୍ଭବପର ଲୋକେ ଦୁର୍ଦ୍ଦଶାର କାରଣ ଜାଣିଲେ ଓ ତାକୁ ବଦଳାଇବା ଲାଗି ସଂକଳ୍ପ କଲେ । ଆଜିର ରାଜନୈତିକ, ନୈତିକ ଓ ସାମାଜିକ ଅବକ୍ଷୟ ବଢ଼ି ବଢ଼ି ଚାଲିଥିବାବେଳେ ନବକୃଷ୍ଣ ଚୌଧୁରୀଙ୍କ ପରି ନିରାଡ଼ମ୍ବର ଓ ଆଦର୍ଶଣୀୟ ନେତୃତ୍ୱକୁ ପ୍ରତିଟି ଓଡ଼ିଆ ଖୋଜୁଛନ୍ତି । ନବକୃଷ୍ଣ ଚୌଧୁରୀଙ୍କ ଦୃଷ୍ଟିଭଙ୍ଗୀ ଥିଲା ବେଶ୍ ସାଧାରଣ । ସମାଜର ତଳସ୍ତରର ଲୋକଙ୍କ ବିକାଶ ହେଲେ ସାମାଜିକ ବିଧିବ୍ୟବସ୍ଥା ସୁଦୃଢ଼ ହେବାସହ ଓଡ଼ିଶା ପ୍ରଗତିରେ ଆଗେଇ ପାରିବ ବୋଲି ସେ ବିଶ୍ୱାସ ରଖିଥିଲେ ।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ,
କଟକ,
ମୋ : ୯୯୩୭୧୭୨୮୧୦

# ଆଧ୍ୟାତ୍ମିକ ଉପଲବ୍ଧିର ଛଅଟି ସ୍ତର



## ଅଲେଖ ଚନ୍ଦ୍ର ସାମଲ

ଭଗବାନ ଶ୍ରୀ ସତ୍ୟସାଇ ବାବା କଳିଯୁଗରେ ସାଧାରଣ ମଣିଷକୁ ମାନବିକତାର ପଥ ଦେଖାଇଛନ୍ତି। ତାଙ୍କ ଦିବ୍ୟ ସମ୍ଭାଷଣରେ ସେ ସଦାସର୍ବଦା ଆଧ୍ୟାତ୍ମିକ ଶ୍ରଦ୍ଧାଳୁ ଓ ସାଇ ଆଶ୍ରିତ ମାନଙ୍କୁ ଆଧ୍ୟାତ୍ମିକ ଉପଲବ୍ଧି ସମ୍ପର୍କରେ ଆମ ମାନଙ୍କୁ ଆଲୋକପାତ କରିଛନ୍ତି। ନଭେମ୍ବର ୨୩ ହେଉଛି ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଜନ୍ମ ଉତ୍ସବ। ଚଳିତ ବର୍ଷ ହେଉଛି ଭଗବାନ ଶ୍ରୀ ସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ। ମନୁଷ୍ୟ ଜୀବନର ଅନ୍ତିମ ଲକ୍ଷ୍ୟ ହେଉଛି ପରମେଶ୍ୱରଙ୍କ ସାନ୍ନିଧ ଲାଭ କରିବା । ତାଙ୍କ ମଧ୍ୟରେ ବିଲୀନ ହୋଇଯିବା । ତେବେ ଏ ଉତ୍ତରଣ ପାଇଁ ମନୁଷ୍ୟକୁ ଛଅଟି ଆଧ୍ୟାତ୍ମିକ ଉପଲବ୍ଧି ଦେଇ ଯିବାକୁ ହୋଇଥାଏ । ଏହା ମଧ୍ୟରୁ ପ୍ରଥମ ଅବସ୍ଥାଟି ହେଉଛି ସାଲୋକ୍ୟ । ଏହି ଅବସ୍ଥାରେ ଭକ୍ତମାନେ ପରମକର୍ତ୍ତା ଭଗବାନ ସେମାନଙ୍କ ଗହଣରେ ଅବସ୍ଥାନ କରୁଛନ୍ତି ଏପରି ଅନୁଭବ ଉଲ୍ଲସିତ ହୋଇଥାନ୍ତି । ଭଗବାନ ଶ୍ରୀକୃଷ୍ଣ ଗୋପପୁରରେ ଥିବାବେଳେ ଗୋପପୁରବାସୀ ଏହି ସାଲୋକ୍ୟ ଅବସ୍ଥାକୁ ଅନୁଭବ କରୁଥିଲେ । ସେହିଭଳି ଦ୍ୱିତୀୟ ଅବସ୍ଥାଟି ହେଉଛି ସାମୀପ୍ୟ । ଏଥିରେ ଭକ୍ତ ଜଣକ ଭଗବାନଙ୍କୁ ନିଜର ଆତ୍ମୀୟ ବୋଲି ମନେକରି ତାଙ୍କ ନିକଟରେ ନିଜ ମନର କଥା ପ୍ରକାଶ କରିଥାନ୍ତି । ଏହାପରେ ଆସେ ସାଜୁଯ୍ୟ ଅବସ୍ଥା । ଏଥିରେ ଭକ୍ତଜଣକ ଭଗବାନଙ୍କ ସହିତ ନିବିଡ଼ ହୋଇଥାନ୍ତି । ଏପିରିକି ସେ ଭଗବାନଙ୍କୁ ସ୍ପର୍ଶ କରିବାକୁ ଅନୁଭବ ମଧ୍ୟ କରିପାରନ୍ତି । ଏହାପରେ ଚତୁର୍ଥ ଅବସ୍ଥା ସ୍ୱାରୁପ୍ୟରେ ଭକ୍ତଜଣକ ଚିନ୍ତା କରିବା ମାତ୍ରେ ଭଗବାନଙ୍କ ଉପସ୍ଥିତିକୁ ଅନୁଭବ କରିଥାନ୍ତି । ସେହିପରି ପଞ୍ଚମ ଅର୍ଥାତ୍ ସରସ୍ଥି ଅବସ୍ଥାରେ ଭକ୍ତ ଜଣକ ଚତୁର୍ଦ୍ଦିଗରେ ପରମ ପୁରୁଷଙ୍କ ଅନୁଭବ କରିଥାନ୍ତି । ଯେତେବେଳେ ସାଧକ ଜଣକ ଏହି ଅବସ୍ଥାରେ ପହଞ୍ଚନ୍ତି, ସେତେବେଳେ ସେ ଈଶ୍ୱରଙ୍କ ମଧ୍ୟରେ ବିଲୀନ ହେବାପରି ଅନୁଭବ କରିଥାନ୍ତି । ଅର୍ଥାତ୍ ତାଙ୍କ ନିଜର ଆଉ କିଛି ଅସ୍ତିତ୍ୱ ରହେନାହିଁ । ଶେଷରେ ଭକ୍ତଜଣକର ଆତ୍ମା ପରମପୁରୁଷଙ୍କ ମଧ୍ୟରେ ବିଲୀନ ହୋଇଯାଏ । ଏବଂ ଏହାକୁ କୈବଲ୍ୟ ଅବସ୍ଥା ବୋଲି କୁହାଯାଏ ।

ଅନ୍ୟର ଦୋଷତ୍ରୁଟି ଦେଖିବା ଅପେକ୍ଷା ନିଜର ଭୁଲ୍ ପ୍ରତି ଅଧିକ ସଚେତନ ରହିବାକୁ ପଡ଼ିବ । ନିଜର ଆଚରଣ, ଉଚ୍ଚାରଣ ତଥା କର୍ମରେ ଯେପରି ଅନ୍ୟ କାହାର କ୍ଷତି ନହୁଏ ସେ ଦିଗରେ ଧ୍ୟାନ ଦେବାକୁ ପଡ଼ିବ । ଏ ସବୁ ପରେ ବ୍ୟକ୍ତିକୁ ପ୍ରତିଦିନ ନିଜ ସହ ବେଶ୍ କିଛି ସମୟ ଏକାନ୍ତରେ ବିତାଇବାକୁ ପଡ଼ିବ । ଏହି ସମୟ ମଧ୍ୟରେ ନିଜ ମନରେ ଆସୁଥିବା ଭାବନାକୁ ବିଶ୍ଳେଷଣ କରିବାକୁ ପଡ଼ିବ । ବାରମ୍ବାର ଏପରି କରିବା ଦ୍ୱାରା ବ୍ୟକ୍ତିଜଣକର ଆଚରଣ ଶୁଦ୍ଧପୂତ ହେବା ସହ ଈଶ୍ୱରଙ୍କ



ନିକଟରେ ପହଞ୍ଚିବାର ପଥ ସୁଗମ ହେବ । ଭଗବାନ ଶ୍ରୀ ସତ୍ୟସାଇ ଆମ୍ଭମାନଙ୍କୁ ମାନବରୁ ମାଧବ ଓ ସାଧାରଣ ଜୀବନରୁ କୈବଲ୍ୟ ସ୍ତରକୁ ନେବା ପାଇଁ ଆମକୁ ଆଧ୍ୟାତ୍ମିକର ପଥ ଦେଖାଇଛନ୍ତି।

+ପୂର୍ବତନ ଡିଏଫ୍ଓ , ପଲାଇ,
ବାଲିଚନ୍ଦ୍ରପୁର, ଯାଜପୁର,
ମୋ : ୯୪୩୭୨୫୭୧୨



# ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ '**ବୁଦ୍ଧ କାହାଣୀ**' ଶୀର୍ଷକରେ ଅନୁବାଦ କରିଛନ୍ତି

## ଡ. ସାରଙ୍ଗଧର ତ୍ରିପାଠୀ

### ୧୬ ବୁଦ୍ଧତ୍ୱ ପ୍ରାପ୍ତି

ସୁଜାତାର ସ୍ୱାଦିଷ୍ଟ ଖାଦ୍ୟ ଖାଇ ସନ୍ଧ୍ୟାରେ ସେ ଗୟା ଗଲେ ଓ ବସି ଧ୍ୟାନ କରିବା ପାଇଁ ଏକ ଉପଯୁକ୍ତ ସ୍ଥାନ ଅନ୍ୱେଷଣ କଲେ। ସେ ପିପ୍ଳ ନାମକ ଏକ ଗଛ (ଯାହାକୁ ପରେ ବୋଧିବୃକ୍ଷ କୁହାଗଲା) ତଳେ ପୂର୍ବଦିଗକୁ ମୁହଁ କରି ବସିଲେ ଏବଂ ଦୃଢ଼ ସଂକଳ୍ପ ନେଲେ ଯେ "ଯଦିବି ମୋର ଚର୍ମ, ଶିରାପ୍ରଶିରା ଓ ଅସ୍ଥି ସଂପୂର୍ଣ୍ଣ ନଷ୍ଟ ହୋଇଯାଏ ଏବଂ ମୋର ଜୀବନ-ରକ୍ତ ଶୁଷ୍କ ହୋଇଯାଏ ତଥାପି ମୁଁ ଉଠିବି ନାହିଁ - ଯେ ପର୍ଯ୍ୟନ୍ତ ମୁଁ ଚିରସ୍ଥାୟୀ ସୁଖଯୁକ୍ତ ବୁଦ୍ଧତ୍ୱ ନାମକ ସର୍ବୋଚ୍ଚ ଜ୍ଞାନ ପ୍ରାପ୍ତ ନହୋଇଛି।"

ତେଣୁ ସେ ବୈଶାଖ ପୂର୍ଣ୍ଣିମା ଦିନ ଏକାଗ୍ରତାର ସହ ପ୍ରଶ୍ୱାସ ନେବା ଓ ନିଶ୍ୱାସ ଛାଡ଼ିବା କ୍ଷେତ୍ରରେ ଅଭ୍ୟାସ ଜାରି ରଖିଲେ। ତାଙ୍କ ମନ ଶୁଦ୍ଧ ଥିଲା। ସେ ସମସ୍ତ ପ୍ରକାର ନକାରାତ୍ମକ ଶକ୍ତିକୁ ପରାସ୍ତ କରିପାରିଲେ। 'ମାର' ନାମକ ଏକ ଦୁଷ୍ଟଶକ୍ତି (ଅନ୍ୟାର୍ଥରେ ମୃତ୍ୟୁ ବା ମାୟା) ତାଙ୍କର ଧ୍ୟାନରେ ଅସୁବିଧା ସୃଷ୍ଟି କରୁଥିଲା। ମାତ୍ର ତାଙ୍କର 'ପାରମି' (ପୂର୍ଣ୍ଣତା ବା ସିଦ୍ଧି) ସମୂହର ଶକ୍ତି ଦ୍ୱାରା ସେ ସମସ୍ତ ବାଧାକୁ ଅତିକ୍ରମ କରିପାରିଥିଲେ।

ସେ ପୂର୍ବଠାରୁ ଆହୁରି ଅଧିକ ଦୃଢ଼ ଥିଲେ। ସେ ଅଧିକ ଶାନ୍ତ ଓ ସାହସୀ ହୋଇଗଲେ ଏବଂ ନିଜ ଏକାଗ୍ରତାକୁ ଜାରି ରଖିଲେ। ଶେଷରେ ରାତ୍ରିର ଆଦ୍ୟଭାଗରେ ସେ ସମସ୍ତ ଦୁଷ୍ଟଶକ୍ତିକୁ ବିନାଶ କରିପାରିଲେ ଏବଂ ନିଜର ଅତୀତ ଜୀବନକୁ ଦେଖିପାରିବାର ଶକ୍ତି ଲାଭ କଲେ।

ରାତ୍ରିର ଦ୍ୱିତୀୟ ଭାଗରେ ସେ ଜୀବଜଗତର ମୃତ୍ୟୁ ଓ ସେମାନଙ୍କର ପୁନର୍ଜନ୍ମକୁ ଦେଖିପାରିବାର ଶକ୍ତି ଲାଭ କଲେ ଏବଂ ରାତ୍ରିର ତୃତୀୟ ଭାଗରେ - ଆଗତ ସକାଳରେ - ସେ ସମସ୍ତ ଦୁର୍ଗତିର କାରଣ ଏବଂ ସେଥିରୁ ମୁକ୍ତି ପାଇବାର ଉପାୟ ସମ୍ବନ୍ଧରେ ଜ୍ଞାନଲାଭ କରିପାରିଲେ। ଏହିପ୍ରକାରେ ସେ ହୋଇଗଲେ ପୃଥିବୀର ସବୁଠାରୁ ଜ୍ଞାନୀ ବ୍ୟକ୍ତି, ଯିଏ ଦୀର୍ଘ ବର୍ଷ ଧରି



ତାଙ୍କ ମନରେ ବସାବାନ୍ଧିଥିବା ପ୍ରଶ୍ନ ସମୂହର ଉତ୍ତର ଦେବାକୁ ସମର୍ଥ ଥିଲେ।

ସେ ଦୁଃଖ, ଅସୁଖ, ଯନ୍ତ୍ରଣା, ବାର୍ଦ୍ଧକ୍ୟ ଏବଂ ମୃତ୍ୟୁକୁ ସମାପ୍ତ କରିପାରିବାର ଉପାୟ ଜାଣିପାରିଲେ। ସେ ମଧ୍ୟ ପ୍ରକୃତ ଶାନ୍ତି, ଆନନ୍ଦ ଏବଂ ମୁକ୍ତିକୁ ଖୋଜି ପାଇପାରିଲେ। ଏପର୍ଯ୍ୟନ୍ତ ମଣିଷ ଜାଣିଥିବା ଜ୍ଞାନଠାରୁ ସେ ଅଧିକ, ସବୁକିଛି ଜାଣିପାରିଲେ ଏବଂ ହୋଇଗଲେ ସଂପୂର୍ଣ୍ଣ ଭାବରେ ପ୍ରବୁଦ୍ଧ। ତା'ପରେ ତାଙ୍କୁ କୁହାଗଲା ବୁଦ୍ଧ - ସର୍ବୋଚ୍ଚ ଜ୍ଞାନୀ। (କ୍ରମଶଃ)

❤ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର,
ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

# ୧୦୮ ଗାଡିରେ ଅକ୍ସିଜେନ ଅଭାବରୁ କୁନି ପୁଅର ମୃତ୍ୟୁ ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ପାଇଁ ରୋଗୀ କଲ୍ୟାଣ ସମିତି ବୈଠକରେ ଅଭିଯୋଗ କଲେ ଅଭିଭାବକ

ବାଲିଆପାଳ , ୨୨/୧୧ (ନି.ପ୍ର): ୧୦୮ ଗାଡି ଚରମ ଅବହେଳା ସାଙ୍ଗକୁ ରାସ୍ତାରେ ଅକ୍ସିଜେନ ସରିଯିବାରୁ ଜଣେ ୧୦ ମାସର ନାବାଳକ ଶିଶୁର ଜୀବନ ଯାଇଥିବା ନେଇ ଅଭିଯୋଗ ହୋଇଛି । ଏହି ଘଟଣାରେ ଦୋଷୀ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ନୀରିହ ଅଭିଭାବକ ଜଣଙ୍କ କାନ୍ଦି କାନ୍ଦି ରୋଗୀ କଲ୍ୟାଣ ସମିତି ବୈଠକରେ ସମସ୍ତଙ୍କଠାରେ ନେହୁରା ହେବା ଘଟଣା ସାଧାରଣରେ ଆଲୋଚନା ବିଷୟ ହୋଇଛି । ସୂଚନାରୁ ପ୍ରକାଶ ଜଳେଶ୍ୱର ବ୍ଲକ ବାଇଗଣବାଡିଆ ପଂଚାୟତ ଘଂଟିଆଣି ଗ୍ରାମର ରାମକୃଷ୍ଣ ନନ୍ଦୀଙ୍କ ଧର୍ମପତ୍ନୀ ତାଙ୍କ ୧୦ ମାସର ପୁଅ ଦେବାଶିଷ ସହ ତାଙ୍କ ବାପ ଘର ବାଲିଆପାଳ ଥାନା ଇକଡପାଳଗ୍ରାମରେ ରହିଆସୁଥିଲେ । ଗତ ୧୭ ତାରିଖରେ ଦେବାଶିଷଙ୍କ ଦେହ ଅସୁସ୍ଥ ହେବାରୁ ସନ୍ଧ୍ୟାରେ ପରିବାର ଲୋକ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଆସିଥିଲେ । ଡାକ୍ତର ଖାନାରେ ଶିଶୁ ରୋଗ ବିଶେଷ ଜ୍ଞ ଡାକ୍ତର ନଥିବା ବେଳେ ଚିକିତ୍ସାଧୀନ ଡାକ୍ତର ପିଲାଟିକୁ ବାଲେଶ୍ୱର ମୁଖ୍ୟଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ । ପରେ ପିଲାଟିର ସଂପର୍କୀୟ ୧୦୮ ଆମ୍ବୁଲାନ୍ସକୁ କଲ କରିବା ପରେ ୧୦୮ ଆମ୍ବୁଲାନ୍ସ ଡାକ୍ତରଖାନା ପହଂଚିଥିଲା । ଆମ୍ବୁଲାନ୍ସ ଚାଳକ ବ୍ୟତୀତ ଅନ୍ୟ କର୍ମଚାରୀ ମାନେ କେହି ନଥିବାରୁ ଚାଳକ ନିଜେ ପିଲାଟିକୁ ଅକ୍ସିଜେନ ଦେଇ ଗାଡି ଟି ନେଇଯାଇଥିଲେ । ତେବେ ରାସ୍ତାରେ ଅକ୍ସିଜେନ ସରିଯାଇଥିଲା । ପରେ ଚାଳକ ଜଣଙ୍କ ଅନ୍ୟ ଏକ ଗାଡିକୁ ଡକାଇ ୨୦ ମିନିଟ ପରେ ପିଲାଟିକୁ ରେମୁଣା ମେଡିକାଲକୁ ପଠାଇଥିଲେ । ତେବେ ସେଠାରେ ଡାକ୍ତର ପିଲାଟିକୁ ମୃତ ଘୋଷନା କରିଥିଲେ । ଏହି ଘଟଣାରେ ପରିବାର ଲୋକେ ଭାଙ୍ଗିପଡିବା ସହ ତାଙ୍କର ପିଲାର ମୃତ୍ୟୁ ପାଇଁ ୧୦୮ ଆମ୍ବୁଲାନ୍ସକୁ ଦାୟୀ କରିଛନ୍ତି । ଗୁରୁବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହେଉଥିବା ବେଳେ ପିଲାଟିର ବାପା ମା ବୈଠକରେ ଉପସ୍ଥିତ ସିଡିଏମଓ ,ବସ୍ତା ବିଧାୟିକା ସୁବାସିନୀ ଜେନା,ଇନଚାର୍ଜ ଡା.ପ୍ରୀତମ କୁମାର ସାହୁଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ବିଧାୟିକା ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରାହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଇଛନ୍ତି ।

# ବେତନାସିଆ ଜଙ୍ଗଲରୁ ଦନ୍ତାହାତୀ ମୃତ ଶରୀର ଉଦ୍ଧାର



ବସ୍ତା, ୨୨/୧୧ (ନି.ପ୍ର): ରାଗୋବିନ୍ଦପୁର ରେଞ୍ଜ ଅନ୍ତର୍ଗତ ନାକୁଚୁଆଁ ପଞ୍ଚାୟତର ବେତାନାସିଆ ଜଙ୍ଗଲରୁ ଶନିବାର ଏକ ମୃତ ଦନ୍ତା ହାତୀର ଶରୀର ଉଦ୍ଧାର କରାଯାଇଛି । ବନବିଭାଗ କହିବା ଅନୁଯାୟୀ ହାତୀର ବୟସ ପ୍ରାୟ ୮ ବର୍ଷ ହେବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି । ତେବେ ହାତୀର ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ଦୁଇ ଦନ୍ତା ହାତୀଙ୍କ ଲଢ଼େଇ ଯୋଗୁଁ ହାତୀର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତ ପ୍ରକ୍ରିୟାରୁ ଜଣାପଡ଼ିଛି । ଖବରରୁ ପ୍ରକାଶ ଏହି କି ଯେ,ପଶ୍ଚିମ ବଙ୍ଗରୁ ଆସିଥିବା ପ୍ରାୟ ୪୦ ରୁ ଉର୍ଦ୍ଧ ହାତୀ ବେତନାସିଆ ଓ ଆଖପାଖ ଅଞ୍ଚଳରେ ଗତ କିଛିଦିନ ଧରି ଉପଦ୍ରବ ଚଳାଇ ଆସୁଛନ୍ତି । ଗତକାଲି ଅପରାହ୍ନରେ ୨ ଟି ଦନ୍ତା ହାତୀ ମଧ୍ୟରେ ଘମାଘୋଟ ଲଢେଇ ଲାଗିଥିବା ସ୍ଥାନୀୟ ଅଞ୍ଚଳବାସୀ ସୂତ୍ରରୁ ଜଣାପଡିଛି । ତେବେ ଆଜି ଜଙ୍ଗଲ ସଂଲଗ୍ନିତ ରାସ୍ତା ପାର୍ଶ୍ୱରେ ହାତୀଟି ମାରିପଡ଼ି ଥିବା ସ୍ଥାନୀୟ ଲୋକେ ଦେଖି ବାକୁ ପାଇଥିଲେ । ଏ ସମ୍ପର୍କରେ ସୂଚନା ପାଇ ବନ ବିଭାଗ ପକ୍ଷରୁ ଏସିଏଫ ମେହର୍ବାନ ଅଲ୍ଲୀ,ଡିଏଫଓ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ,ରାସଗୋବିନ୍ଦପୁର ରେଞ୍ଜ ଅଧିକାରୀ ଘନଶ୍ୟାମ ମୁର୍ମୁ ପ୍ରମୁଖ ବନବିଭାଗ କର୍ତ୍ତୃପକ୍ଷ ଘଟଣା ସ୍ଥଳରେ ପହଞ୍ଚି ମୃତ ଦନ୍ତା ହାତୀ ଶବ ଜବତ କରିବା ସହିତ ବିଭାଗୀୟ ଡାକ୍ତରଙ୍କ ଦ୍ୱାରା ବ୍ୟବଚ୍ଛେଦ କରାଇବାର ବ୍ୟବସ୍ଥା କରାଇଥିଲେ । ତେବେ ଏ ସଂକ୍ରାନ୍ତରେ ରାସଗୋବିନଦପୁର ରେଞ୍ଜର ଘନଶ୍ୟାମ ମୁର୍ମୁଙ୍କୁ ହାତୀ ମୃତ୍ୟୁର କାରଣ ସମ୍ପର୍କରେ ପଚାରିବାରୁ ସେ ହାତୀ ମୃତ୍ୟୁ ସଠିକ ଉତ୍ତର ଦେଇ ପାରିନଥିବା ବେଳେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ସଠିକ କାରଣ ଜଣାପଡିବ ବୋଲି ଡି ଏଫଓ ଶ୍ରୀ ବିଶ୍ୱାଳ ପ୍ରକାଶ କରିଥିଲେ । ସୂଚନା ଯୋଗ୍ୟ ଏହି କି ଯେ, ଆଜକୁ ଦୀର୍ଘ ୧୮ ବର୍ଷ ଧରି ରାସଗୋବିନଦପୁର ରେଞ୍ଜ ଅଞ୍ଚଳରେ ହାତୀ ଉପଦ୍ରବ ଯୋଗୁଁ ବ୍ୟାପକ ଧନ ଜୀବନ ନଷ୍ଟ ହେବା ସହିତ ବିଗତ ୨ ବର୍ଷ ମଧ୍ୟରେ କେବଳ ରାଶଗୋବିନ୍ଦପୁର ଅଞ୍ଚଳରେ ଐତିହ୍ୟ ପ୍ରାଣୀ ମାନ୍ୟତା ପାଇଥିବା ୪ ଟି ହାତୀ ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୧୨ ରୁ ଉର୍ଦ୍ଧ ମଣିଷ ମୃତ୍ୟୁ ହୋଇଛି ।ହାତୀ ଉପଦ୍ରବ ସାଙ୍ଗକୁ ଧନ ଜୀବନ ସୁରକ୍ଷା ପାଇଁ ହାତୀ ଅନୁପ୍ରବେଶ ରୋକା ଯିବା ପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ବାରମ୍ବାର ଦାବି କରାଯିବା ସହିତ ଆନ୍ଦୋଳନ କରାଯାଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।ହେଲେ ଏହି ପ୍ରତି ନା ସରକାର କିମ୍ବା ପ୍ରଶାସନ ପକ୍ଷରୁ ସ୍ଥାୟୀ ପ୍ରତିକାର କରାଯାଉ ନଥିବାରୁ ଅଞ୍ଚଳବାସୀଙ୍କ ପକ୍ଷରୁ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି ।

## ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଛତ୍ରିପୁଟ ରେଳ ଷ୍ଟେସନ ପରିଦର୍ଶନ

ଜୟପୁର, ୨୨/୧୧ (ନି.ପ୍ର): ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଛତ୍ରିପୁଟ ରେଳ ଷ୍ଟେସନ ପରିଦର୍ଶନ । ଇକୋ କ୍ଲବ ଇନଚାର୍ଜ ପ୍ରତାପ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଜୟପୁର ସିଟି ହାଇସ୍କୁଲର ଛାତ୍ରଛାତ୍ରୀମାନେ ସାଇକେଲରେ ଛତ୍ରିପୁଟ ରେଳ ଷ୍ଟେସନ ପରିଦର୍ଶନ କରିଥିଲେ । ବିଦ୍ୟାଳୟର କର୍ମଚାରୀ ଏବଂ ସିଓ୍ୱ ସଦସ୍ୟଙ୍କ ସହିତ ୨୫ ଜଣ ଛାତ୍ରଛାତ୍ରୀ ଦୀର୍ଘ ୧୨ କିଲୋମିଟର ଦୂରତା ଅତିକ୍ରମ କରି ଷ୍ଟେସନରେ ପହଂଚି ଥିଲେ । ଅବସରପ୍ରାପ୍ତ ଷ୍ଟେସନ ମାଷ୍ଟର ଗୋକୁଳ ସାହୁ ଟ୍ରେନ୍ ସିଗନାଲ, ରେଳ ସୁରକ୍ଷା ଏବଂ ରେଳ ଯାତ୍ରାର ସୁବିଧା ବିଷୟରେ ବିସ୍ତୃତ ଭାବରେ ବୁଝାଇଥିଲେ ।

# ରାଜ୍ୟସ୍ତରୀୟ ହରିହର ଦାଶ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ଅନୁଷ୍ଠିତ




ବାଲେଶ୍ୱର, ୨୨/୧୧ (ନି.ପ୍ର): ବାର୍ ଏସୋସିଏସନ୍, ବାଲେଶ୍ୱର ଆନୁକୂଲ୍ୟରେ ଆଇନ୍‌ଜୀବୀ ହରିହର ଦାଶ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ପର୍‌ମିଟ୍ ଫିଲ୍ଡ଼ରେ ଆରମ୍ଭ ହୋଇଛି । ବାଲେଶ୍ୱର ଜିଲ୍ଲା ତଥା ଦୌରାଜଜ୍ ଶ୍ରୀଯୁକ୍ତ ସତ୍ୟନାରାୟଣ ମିଶ୍ର ଟୁର୍ଣ୍ଣାମେଣ୍ଟ୍‌କୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ମୟୁରବିକାଶ ମୁଖ୍ୟବକ୍ତା ଭାବେ ଯୋଗଦେଇ ଖେଳାଳୀ, ଆୟୋଜକ ଓ ସମସ୍ତ ଟିମ୍‌ର ପରିଚାଳକମାନଙ୍କୁ ଉତ୍ସାହିତ କରିବା ସହିତ ବାଲେଶ୍ୱର ବାର୍ ଏସୋସିଏସନ୍‌ର ଏହିଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ । ପ୍ରଥମ ପର୍ଯ୍ୟାୟରେ ବୋର୍ଡ଼ ଅଫ୍ ରେଭେନ୍ୟୁ, କଟକ ଓ ମଧୁ ବାରିଷ୍ଟର୍ କ୍ରିକେଟ୍ ଟିମ୍ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ମଧୁ ବାରିଷ୍ଟର୍ କ୍ରିକେଟ୍ ଟିମ୍ ବିଜୟ ଲାଭ କରିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ବାର୍ ଏସୋସିଏସନ୍, ବାଲେଶ୍ୱର ଓ ଟ୍ୟାକ୍ସ ବାର୍ ଏସୋସିଏସନ୍ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ବାର୍ ଏସୋସିଏସନ୍, ବାଲେଶ୍ୱର ବିଜୟଲାଭ କରିଥିଲା । ଆସନ୍ତାକାଲି ହାଇକୋର୍ଟ୍ ବାର୍ ଏସୋସିଏସନ୍, କଟକ୍ ଓ ମୋଟର ଭେହିକ୍ଲ ବାର ଆସୋସିଏସନ୍, କଟକ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଓ ଭୁବନେଶ୍ୱର ବାର ଆସୋସିଏସନ୍ ଓ ସେଣ୍ଟ୍ରାଲ୍ ଏଡ଼୍‌ମିନିଷ୍ଟ୍ରେଟିଭ୍ କ୍ରିମିନାଲ୍ ବାର ଆସୋସିଏସନ୍ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ଖେଳ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ୪ ଦିନ ଧରି ଚାଲୁରହିବ । ଆୟୋଜକମାନଙ୍କ ତରଫରୁ ଦର୍ଶକମାନେ ବ୍ୟାପକ ଭାବେ ଉପସ୍ଥିତ ରହି ଖେଳ ଉପଭୋଗ କରିବାକୁ ଅନୁରୋଧ କରାଯାଇଛି । ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଭାବେ ବୈଲୋଚନ ଦାଶ, ପ୍ରଦୀପ କର ଆବାହକ, ଅଭିଜିତ୍ ପଣ୍ଡା ନିର୍ଦ୍ଦେଶକ, ସୁଶୀଲ୍ ଦତ୍ତ ପରିଚାଳକ ଓ ଗୌତମ ଭୋଇ ଭାଷ୍ୟକାର ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ମନୋଜ ନାୟକ, ଦୀପକ ଦାଶ, ରଘୁନାଥ ପ୍ରଧାନ, ହରେକୃଷ୍ଣ ଦାଶ, କମଲ ଜାଫର୍, ଅମର ସିଂହ ଓ୍ୱାଲିଆ, ତୁଷାରକାନ୍ତି ମହାପାତ୍ର, ଦେବୀପ୍ରସାଦ ମହାପାତ୍ର, କେଶବ ଆଚାର୍ଯ୍ୟ, ନୃସିଂହ ନାୟକ, ଅଶୋକ ସେନାପତି, ସୁଧାଂଶୁ ଦାସ, ଅବଦୁଲ୍ ମଜିଦ୍, ଦେବବ୍ରତ ଦାସ, ଜୟନ୍ତ ସାହୁ, ରାମନାରାୟଣ ଦେ, ହେମଲତା ମହାପାତ୍ର, ବୀରେନ୍ ଜେନା, ମାନଗୋବିନ୍ଦ ସେଠୀ ଓ ଅନ୍ୟାନ୍ୟ ବହୁ ସଦସ୍ୟ ସଦସ୍ୟା ଉପସ୍ଥିତ ରହି ସହଯୋଗ କରିଥିଲେ । ସରୋଜ ବେହେରାଙ୍କୁ 'ମ୍ୟାନ୍ ଅଫ୍ ଦ ମ୍ୟାଚ୍' ଘୋଷଣା କରି ଟ୍ରଫି ପ୍ରଦାନ କରାଯାଇଥିଲା ।

## ରେଡିଓ ଭାବଗ୍ରାହୀରେ ବିଶ୍ୱ ଟେଲିଭିଜନ ଦିବସ ପାଳନ

କେନ୍ଦ୍ରାପଡା, ୨୨/୧୧ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ରେଡ଼ିଓ ଭାବଗ୍ରାହୀର ସରୋଜିନୀ ଷ୍ଟୁଡ଼ିଓରେ ବିଶ୍ୱ ଟେଲିଭିଜନ ଦିବସ ସମ୍ପର୍କିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଭାବଗ୍ରାହୀ କଳା ନିକେତନ ଏବଂ ରେଡ଼ିଓ ଭାବଗ୍ରାହୀର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଭବ୍ୟ କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ନିରୁପମା ଜେନା, ଉପେନ୍ଦ୍ର ପାଢ଼ୀ, ରଞ୍ଜନ ବରାଳ, ବାଦ୍ୟକାର ବଳରାମ ମଲିକ ଏବଂ ଅଜୟ ଜେନା ଅଂଶ ଗ୍ରହଣ କରିଥିଲେ । ନିରୁପମା ଜେନା ଟେଲିଭିଜନ ଦିବସ ଉପରେ ଆଧାରିତ ସ୍ୱାଗତ ସଙ୍ଗୀତ ଗାଇଥିଲେ ।

# ସମାଜସେବୀ ଶ୍ୟାମ ସୁନ୍ଦର ନାୟକଙ୍କ ସ୍ମୃତି ଚାରଣ ସଭା



ବାସୁଦେବପୁର, ୨୨/୧୧ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ମଖଲପୁର ଗ୍ରାମରେ ସମାଜସେବୀ ଶ୍ୟାମ ସୁନ୍ଦର ନାୟକଙ୍କ ଏକାଦଶାହ ଅବସରରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି ସ୍ମୃତି ଚାରଣ ସଭାରେ ବିଶିଷ୍ଟ ଶିକ୍ଷାବିତ୍ ଉପେନ୍ଦ୍ର ପ୍ରସାଦ ପାଢ଼ୀ ସଭାପତିତ୍ୱ କରିଥିଲେ । ଏହି ସଭାରେ ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସ୍ୱର୍ଗତ ଶ୍ୟାମ ସୁନ୍ଦର ନାୟକଙ୍କ ଫଟୋ ଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଆଦର୍ଶ ଓ କର୍ମମୟ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ଶିକ୍ଷାବିତ୍ ଗୟାଧର ମହାପାତ୍ର,ଆର୍ଯ୍ୟ ହସ୍ପିଟାଲର ନିର୍ଦ୍ଦେଶକ ଅସିତ୍ କୁମାର ଦାଶ, ବ୍ଲକ୍ ବିଜେଡ଼ି ସଭାପତି ଦୀନବନ୍ଧୁ ଦାସ, ମାନସ ସାହୁ, ଶ୍ୟାମ ସୁନ୍ଦର ମହାନ୍ତି,ନରସିଂହପୁର ପଞ୍ଚାୟତ ସରପଞ୍ଚ ଗୌରାଙ୍ଗ ଚନ୍ଦ୍ର ପଣ୍ଡା, ପୂର୍ବତନ ସରପଞ୍ଚ ମଧୁସୂଦନ ପଣ୍ଡା, ଗୀତାଞ୍ଜଳୀ ଶତପଥୀ, ବିଜେପିର ବେତଡ଼ା ମଣ୍ଡଳ ସଭାପତି ଅମରେନ୍ଦ୍ର ନାୟକ, କବି ଓ ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର, କବି ଅଭିମନ୍ୟୁ ସାହୁ, କବି ରତ୍ନାକର ପଣ୍ଡା, ବାଲିମେଦ ହାଇସ୍କୁଲର ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ମହେଶ୍ୱର ନାୟକ, କବି ପୀତାମ୍ବର ମହାନ୍ତି, ମୁନି ସମାଜର ପ୍ରବଚକ ଉମାକାନ୍ତ ବିଶ୍ୱାଳ, ମୁନି ଗଜେନ୍ଦ୍ର ପାତ୍ର, ସନାତନ ନାୟକ, ଜୟରାମ ବେହେରା, ଉପେନ୍ଦ୍ର ବିଶ୍ୱାଳ, ବିଜେପିର ନରସିଂହପୁର ପଞ୍ଚାୟତ ସଭାପତି ମନୋରଞ୍ଜନ ପାଢୀ ପ୍ରମୁଖ ଯୋଗ ଦେଇ ସମାଜସେବୀ ଶ୍ୟାମ ସୁନ୍ଦର ନାୟକଙ୍କ ରାଜନୈତିକ ଜୀବନ ଓ ସାମାଜିକ ଜୀବନର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ସମସ୍ତ ଅତିଥି ଓ ଜନ ସାଧାରଣ ସ୍ୱର୍ଗତ ନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ବାଢ଼ିଥିଲେ । ଏହି ସ୍ମୃତି ଚାରଣ ସଭାରେ ସ୍ୱର୍ଗତ ଶ୍ୟାମ ସୁନ୍ଦର ନାୟକଙ୍କ ପୁତ୍ର ରାମକୃଷ୍ଣ ନାୟକ, ଶ୍ରୀକାନ୍ତ ନାୟକ, ମଧୁସୂଦନ ନାୟକ, ନାରାୟଣ ନାୟକ, ଭାଗୀରଥି ନାୟକ, ଦୁଃଶାସନ ନାୟକ, ଝିଅ ଗୌରୀ, ଜ୍ୱାଇଁ ଆଶିଷ ଓ ସମସ୍ତ ପରିବାର ବର୍ଗ ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବ ଯୋଗ ଦେଇଥିଲେ । ସ୍ୱର୍ଗତ ଶ୍ୟାମ ସୁନ୍ଦର ନାୟକଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୨୪ତମ ବାର୍ଷିକ କ୍ରୀଡା ଉଦ୍‌ଯାପିତ

ବେତନଟୀ, ୨୨/୧୧ (ନି.ପ୍ର): ବେତନଟୀ ଦେବବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଆୟୋଜିତ ୨୪ତମ ବାର୍ଷିକକ୍ରୀଡା ଶୁକ୍ରବାର ଉଦଯାପିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଗୁରୁଜୀ ଲକ୍ଷ୍ମୀଧର ବାରିକଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ବାର୍ଷିକକ୍ରୀଡାର ଉଦଯାପନୀ ତଥା ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରାୟତ୍ତ ଷ୍ଟେଟବ୍ୟାଙ୍କ ଅଫ ଇଣ୍ଡିଆର ବେତନଟୀ ଶାଖା ପ୍ରବନ୍ଧକ ପଙ୍କଜିନୀ ସେଠୀ ଯୋଗଦେଇ ଛାତ୍ରାବସ୍ଥା ତଥା ମଣିଷ ଜୀବନରେ କ୍ରୀଡାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ଆବଶ୍ୟକତା ବାବଦରେ ସମ୍ୟକ ବକ୍ତବ୍ୟ ରଖିସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପ୍ରଧାନଗୁରୁଜୀ ଲକ୍ଷ୍ମୀଧର ବାରିକଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ସମାଜସେବୀ ପ୍ରକାଶ କୁମାର ବେହେରା, କୋଷାଧ୍ୟକ୍ଷ ସୁଶେନଚନ୍ଦ୍ର ମହାନ୍ତ ଏବଂ ସମ୍ପାଦକ ଶାନ୍ତନୁ ପଣ୍ଡା ପ୍ରମୁଖ ଅତିଥିଗଣ ଯୋଗଦେଇଥିଲେ । ଏହି ଅବସରରେ ୪୬ଟି ବିଭାଗରେ ଉଲ୍ଲେଖନୀୟ ପ୍ରଦର୍ଶନ କରି କୃତୀତ୍ୱ ହାସଲ କରିଥିବା ବିଭିନ୍ନ ଶ୍ରେଣୀର ୧୯୫ ଜଣ ପ୍ରତିଯୋଗୀଙ୍କୁ ଅତିଥିଅଧିକାରୀଗଣ ମେଡାଲ ଏବଂ ସାର୍ଟିଫିକେଟ ପ୍ରଦାନ ପୂର୍ବକ ପୁରସ୍କୃତ କରିଥିଲେ । ପରିଚାଳନାରେ ସ୍କୁଲର ସମସ୍ତ ଗୁରୁଜୀ/ଗୁରୁମା ଏବଂ ଅଣଶିକ୍ଷା କର୍ମଚାରୀ ପ୍ରମୁଖ । ସକ୍ରିୟ ଦାୟୀତ୍ୱ ସମ୍ପାଦନ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଜି- ୨୦ ସମ୍ମିଳନୀରେ...

ସଂପର୍କରେ ପୁନଃ ଆଲୋଚନା କରାଯାଇପାରିବ ନାହିଁ । ରାଷ୍ଟ୍ରପତି ରାମାଫୋସାଙ୍କ ବିବୃତ୍ତି ଓ୍ୱାଶିଂଟନ ଏବଂ ପ୍ରିଟୋରିଆ ମଧ୍ୟରେ ଚାଲିଥିବା ଉତ୍ତେଜନାକୁ ବଢାଇବାର ଆଶଙ୍କା ରହିଛି । ଦକ୍ଷିଣ ଆଫ୍ରିକା ମହାଦେଶରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ଏ-୨୦ ଶିଖର ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଉଦବୋଧନ ଦେଇଥିଲେ । 'ସଂହତି, ସମାନତା, ସ୍ଥିରତା' ବିଷୟବସ୍ତୁ ଅଧୀନରେ ପ୍ରଧାନମନ୍ତ୍ରୀ ମୋଦୀ ବିଶ୍ୱ ମଞ୍ଚରେ ଭାରତର 'ବସୁଧୈବ କୁଟୁମ୍ବକମ୍' ଦୃଷ୍ଟିକୋଣକୁ ଉପସ୍ଥାପନ କରିଥିଲେ, ଯାହାକୁ 'ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ' ମଧ୍ୟ କୁହାଯାଏ । ତାଙ୍କର ଭାଷଣ ସମାବେଶୀ ବିକାଶ, ଜଳବାୟୁ ନ୍ୟାୟ ଏବଂ ବିଶ୍ୱ ଦକ୍ଷିଣର ସ୍ୱର ଉପରେ କେନ୍ଦ୍ରିତ ଥିଲା ଏବଂ ଏହାକୁ ବ୍ୟାପକ ଭାବରେ ପ୍ରଶଂସିତ କରାଯାଇଥିଲା ।

### ଲଘୁଚାପରେ ପରିଣତ...

ବିଶେଷ କରି ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବଡ଼ ବର୍ଷା ଭୟ ରହିଛି । ଏବେଠାରୁ ଏ ସଂକ୍ରାନ୍ତରେ ସତର୍କ କରିଛନ୍ତି ପାଣିପାଗ ବିଜ୍ଞାନୀ । ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ, ଏଣୁ ସମୁଦ୍ର ଭିତରକୁ ନଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି । ଧାନ ଅମଳ ସମୟ ହୋଇଥିବାରୁ ଅଦିନିଆ ବର୍ଷାକୁ ନେଇ ଚାଷୀଙ୍କୁ ଚିନ୍ତା ଘାରିଛି । ପାଚିଲା ଧାନ ନଷ୍ଟ ହେବାର ଆଶଙ୍କା ଥିବାରୁ ତରତର ହୋଇ ଜମିରୁ ଧାନ କାଟି ନେଉଛନ୍ତି ଚାଷୀ । ସେହିପରି ମଣ୍ଡି ଖୋଲି ନଥିବାରୁ ଅମଳ ଧାନକୁ ନେଇ ବି ଚିନ୍ତାରେ ପଡ଼ିଛନ୍ତି ଚାଷୀ ।

### ଘାଣ୍ଟୁଛି ସିବିଆଇ...

ଏକାଧିକ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ସଂପୃକ୍ତି ନେଇ ପୂର୍ବରୁ ଚର୍ଚ୍ଚା ହେଉଥିବା ବେଳେ, ଏହାର ଖୁଲାସା ପାଇଁ ଚେଷ୍ଟା କରିପାରେ । ଏସବୁ ଭିତରେ କ୍ରାଇମବ୍ରାଞ୍ଚ ପାଖରୁ ମାମଲାର ସମସ୍ତ ତଥ୍ୟ ଓ ଦସ୍ତାବିଜ ସିବିଆଇ ହାତେଇଥିବା ସୂଚନା ମିଳିଛି ।

# ନିସ ଶିକ୍ଷାନୁଷ୍ଠାନରେ ସାଇବର ସଚେତନତା କର୍ମଶାଳା ଓ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ



ଭୁବନେଶ୍ୱର, ୨୨/୧୧ (ନି.ପ୍ର): କମିଶନରେଟ୍ ପୋଲିସ ଓ ଇଣ୍ଡିଆନ ରେଡ କ୍ରସ୍ ସୋସାଇଟି ରିଜିଓନାଲ ବ୍ରାଞ୍ଚର ମିଳିତ ସହଯୋଗରେ ନିସ ଇନ୍‌ଷ୍ଟିଚ୍ୟୁଟ ଅଫ ବିଜିନେସ୍ ଆଡ଼ମିନିଷ୍ଟ୍ରେସନ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ କମିଶନରେଟ ପୋଲିସର ଡେପୁଟି କମିଶନର (ଅଭିଯୋଗ ଶୁଣାଣି) ଶ୍ରୀଯୁକ୍ତ ସୀଲଭେରୀୟସ ଟୋପୋ, ଆଡିସିନାଲ ଡିସିପି ଶ୍ରୀଯୁକ୍ତ ମାନସ ରଞ୍ଜନ ଗଡ଼ନାୟକ, ଜୋନ୍-୩ର ଏସପି ଶ୍ରୀଯୁକ୍ତ ତାପସ ଚନ୍ଦ୍ର ପ୍ରଧାନ, ଇନଫୋଭ୍ୟାଲି ଥାନାର ଭାରପ୍ରାପ୍ତ ଅଧିକାରୀ ଶ୍ରୀଯୁକ୍ତ ଗୟାନନ୍ଦ ଶାହ, ନିସ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ଼କ୍ଟର ସୁଭାଷ ଚନ୍ଦ୍ର ନାୟକ, ଅଧ୍ୟକ୍ଷ ଡ଼କ୍ଟର ରାଜେଶ ସାଇଁ, ଡ଼କ୍ଟର ଅଜିତ ନାରାୟଣ ମହାନ୍ତି ଓ ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀ ପ୍ରମୁଖ ଉପସ୍ଥିତ ଥିଲେ । ଉକ୍ତ କାର୍ଯ୍ୟକ୍ରମ ଶିକ୍ଷାନୁଷ୍ଠାନର ସୋସିଆଲ ଓ୍ୱାର୍କ ବିଭାଗର ମୁଖ୍ୟ ଡ଼କ୍ଟର ବିମଳକାନ୍ତ ନାୟକ ଓ ପ୍ରଫେସର ସ୍ୱରୂପ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥୁଲା ।

# କଲେଜ ଫିଲ୍ଡ କ୍ରିକେଟ ଲିଗ୍ - ୨୦୨୫ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ବେତନଟୀ, ୨୨/୧୧ (ନି.ପ୍ର): ବେତନଟୀ କଲେଜ ପଡିଆରେ ବିଗତବର୍ଷ ଭଳି ଚଳିତବର୍ଷ ମଧ କଲେଜ ଫିଲ୍ଡ କ୍ରିକେଟ ଲିଗ୍ - ୨୦୨୫ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଆୟୋଜକ କମିଟିର ସଭଅପତି ପଦ୍ମଲୋଚନ ବେହେରାଙ୍କ ସଂଯୋଜନା ଏବଂ ପରିଚାଳନାରେ ଆୟୋଜିତ ତୃତୀୟବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ମୁଖ୍ୟଅତିଥି ବିଜେପିର ମଣ୍ଡଳ ସଭାପତି ଜୀବନ ପରିଡା, ବେତନଟୀ କଲେଜର ସଂସ୍କୃତବିଭାଗ ଅଧ୍ୟାପକ ପି.କେ ପାଣିଗ୍ରାହୀ ଏବଂ ସଠିଲେ ପଞ୍ଚାୟତର ଯୁବ ସମିତିସଭ୍ୟ କିଶୋର କୁମାର ନାୟକ ପ୍ରମୁଖ ଅତିଥ୍ୟ ଅଧିକାରୀଗଣ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଦିସ୍ତୀରେଖା ଓ୍ୱାରିୟର୍ସ ଏବଂ ଟାଲେଣ୍ଟ -୧୧ ମଧ୍ୟରେ ଉଦଘାଟନୀ ମ୍ୟାଚ ହୋଇଥିବା ବେଳେ ଏଥିରେ ଦିସ୍ତୀରେଖା ଓ୍ୱାରିୟର୍ସ ୪ ଉଇକେଟରେ ବିଜୟୀ ହୋଇଥିଲା । ସେ ହିଭଳି ଦ୍ୱିତୀୟମ୍ୟାଚ ଗୋଲି କ୍ରିକେଟ ଏବଂ ମହାକାଳ-୧୧ ମଧ୍ୟରେ ହୋଇଥିବା ବେଳେ ଏଥିରେ ମହାକାଳ-୧୧ ୨୧ରନରେ ବିଜୟ ହାସଲ କରିଥିଲା । ପରିଚାଳନାରେ ଆୟୋଜକ କମିଟି ପକ୍ଷରୁ ଚନ୍ଦନ, ବାହାଦୂର, ଦେବ, ଜଗା, ରାଜେଶ, ସିପୁ, ଅମର, ସିବୁନ, ଲିଟୁ, ଅନୁପ, ସୁବୁ, ଟିକୁ, ଚିନ୍ମୟ ଏବଂ ଆକାଶ ପ୍ରମୁଖ ସମସ୍ତ କାର୍ଯ୍ୟକର୍ତ୍ତା ଏବଂ ସଦସ୍ୟଗଣ ସକ୍ରିୟ ଦାୟୀତ୍ୱ ସମ୍ପାଦନ କରୁଛନ୍ତି । ଏହି ଟୁର୍ଣ୍ଣାମେଣ୍ଟରେ ଆଖପାଖରୁ ଏକାଧିକ ଟିମ ଅଂଶଗ୍ରହଣ କରିଛନ୍ତି

# ସାମୂହିକ ବିକାଶ କାର୍ଯ୍ୟକ୍ରମର ସର୍ବୋତ୍ତମ ଅଭ୍ୟାସ ନିମନ୍ତେ ଇଫକୋ ପାରାଦୀପ ୟୁନିଟ୍ ପୁରସ୍କୃତ




ପାରାଦୀପ, ୨୨/୧୧ (ନି.ପ୍ର): ବିଶ୍ୱର ସର୍ବବୃହତ୍ତ ସମବାୟ ଭିତ୍ତିକ ସାର କାରଖାନା ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ) ପାରାଦୀପ ୟୁନିଟ୍ ୨୦୨୫ ବର୍ଷ ପାଇଁ ସାମୂହିକ ବିକାଶ କାର୍ଯ୍ୟକ୍ରମର ସର୍ବୋତ୍ତମ ଅଭ୍ୟାସ ପାଇଁ ସମ୍ମାନଜନକ ପୁରସ୍କାର ହାସଲ କରିଛି । କୃଷକଙ୍କ ଜୀବନର ବିଭିନ୍ନ ଦିଗ, ଯେପରିକି କୃଷି ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଅଭ୍ୟାସ, ବିଶ୍ୱାସ ସୃଷ୍ଟି କରିବାରେ ସାହାଯ୍ୟ କରିବା ପାଇଁ ପ୍ରଦାନ କରାଯାଇଛି । କୃଷକମାନଙ୍କୁ ସମବାୟ ମାଧ୍ୟମରେ ସଶକ୍ତ କରିବାରେ ସହାୟକ ହେଉଛି । ଏହି ପ୍ରୟାସ ମାଧ୍ୟମରେ ଇଫକୋ ସଫଳତାର ସହିତ ଗ୍ରାମୀଣ ବିକାଶ କାର୍ଯ୍ୟକ୍ରମକୁ ଏହାର ବ୍ୟବସାୟ ନୀତି ସହିତ ସଂଯୁକ୍ତ କରିଛି । ଯାହା ସମାଜ କଲ୍ୟାଣ ଏବଂ ଏହାର ନିଜସ୍ୱ ଅଭିବୃଦ୍ଧିରେ ଯୋଗଦାନ ଦେଉଛି । ଭୁବନେଶ୍ୱରଠାରେ ଓଡିଶା ସିଏସଆର୍ ଫୋରମ୍ ଦ୍ୱାରା ଓଡିଶା ସିଏସଆର ଏବଂ ମାନବ ସମ୍ବଳ ଅଧିକାରୀଙ୍କ ବର୍ଣ୍ଣାଢ୍ୟ ସମାରୋହ ଆୟୋଜିତ ହୋଇଥିଲା । ଏହି ସମାରୋହରେ ଓଡିଶା ବିଧାନସଭାର ମାନ୍ୟବର ବାଚସ୍ପତି ସୁରମା ପାଢୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଇଫକୋ ପାରାଦୀପ ୟୁନିଟ୍‌ର ଡେପୁଟି ମ୍ୟାନେଜର (ମାନବ ସମ୍ବଳ) ଜ୍ଞାନୀନ୍ଦ୍ର ସୁନ୍ଦରାୟ, ଲୋକ ସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ମୁଖ୍ୟଅତିଥି ମାନ୍ୟବର ବାଚସ୍ପତି ସୁରମା ପାଢୀଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏହି ସମାରୋହରେ ହାଲ୍‌ର ପୂର୍ବତନ ମାନବ ସମ୍ବଳ ନିର୍ଦ୍ଦେଶକ ଡ.ଏବି ପ୍ରଧାନ, ଓଡିଶା ସିଏସଆର୍ ସଂଯୋଜକ ବି.କେ.ମିଶ୍ର ଉପସ୍ଥିତ ଥିଲେ ।

ରବିବାର, ନଭେମ୍ବର ୨୩, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଆଶ୍ରମ ବିଦ୍ୟାଳୟର ବାର ବର୍ଷ ବୟସର ଛାତ୍ର ପାଲଟିଲେ ଦିନ ମଜୁରିଆ

ଉଦଳା, ୨୨/୧୧ (ନି.ପ୍ର): ଉଦଳା ବ୍ଲକ ଅନ୍ତର୍ଗତ ପହଣ୍ଡା ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଷଷ୍ଠ ଶ୍ରେଣୀର ଛାତ୍ର କାର୍ତ୍ତିକ ମାର୍ଣ୍ଡି ବର୍ତ୍ତମାନ ଦିନ ମଜୁରିଆ ଭାବରେ କାମ କରି ପରିବାରର ଦୈନନ୍ଦିନର ଗୁଜୁରାଣ ମେଂଟାଇବାରେ ସହଯୋଗ କରୁଛନ୍ତି । କାର୍ତ୍ତିକ ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଫୁଲବାଡ଼ିଆ ଗ୍ରାମର ବାସିନ୍ଦା ଗୁରୁଭା ମାର୍ଣ୍ଡିଙ୍କର ପୁତ୍ର ଅଟନ୍ତି । ପିତା ଗୁରୁଭାଙ୍କ କହିବାନୁସାରେ ତାଙ୍କର ପୁତ୍ର କାର୍ତ୍ତିକ ପହଣ୍ଡା ଗ୍ରାମରେ ସରକାର ଖୋଲିଥିବା ଛାତ୍ରାବାସରେ ରହି ପାଠ ପଢୁଥିଲେ । କିନ୍ତୁ ପରିବାରର ଆର୍ଥିକ ଅବସ୍ଥା ଆଦୌ ସ୍ୱଚ୍ଛଳ ନଥିବାରୁ ସେ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେବାକୁ ବାଧ ହେବା ସହିତ ଦିନ ମଜୁରିଆ ଭାବରେ କାମ କରି ପଇସା ରୋଜଗାର କରୁଛନ୍ତି । କାର୍ତ୍ତିକଙ୍କୁ ବର୍ତ୍ତମାନ ବୟସ ବାର ବର୍ଷ ବୟସ ଛୁଇଁଥିବା ବେଳେ ଆଜକୁ ଦୁଇ ବର୍ଷ ତଳୁ



ସେ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ଅଥଚ କାର୍ତ୍ତିକଙ୍କ ପରିବହୁ ସଂଖ୍ୟାରେ ପିଲା ବିଭିନ୍ନ କାରଣରୁ ଅଧାରୁ ପାଠପଢ଼ା ଛାଡ଼ିଦେବାକୁ ବାଧ ହେଉଛନ୍ତି । ସବୁଠାରୁ ଅଧିକ ଆଶ୍ଚର୍ଯ୍ୟର ବିଷୟ ଏ ପର୍ଯ୍ୟନ୍ତ ଶିକ୍ଷା ବିଭାଗରେ କାର୍ଯ୍ୟରତ କୌଣସି ସରକାରୀ ବାବୁ କାର୍ତ୍ତିକଙ୍କୁ ଖୋଜି ନାହାଁନ୍ତି । ଏହି ସବୁ ପିଲାଙ୍କୁ ଖୋଜି ଆଣି ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ମୋଟା ଅଙ୍କରେ ଦରମା ନେଇ ଯେଉଁ ଅଧିକାରୀ ନିଯୁକ୍ତି ପାଇଛନ୍ତି ସେ ତାଙ୍କର କର୍ତ୍ତବ୍ୟ ଠିକ୍ ଭାବରେ ସମ୍ପାଦନ କରୁନଥିବାର ଏଥିରୁ ବେଶ ବେଶ ସ୍ପଷ୍ଟ ହୋଇ ଯାଇଛି ।

# ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ତ୍ରୟୋଦଶ ସନ୍ଧ୍ୟା

## କନିକା ପ୍ରଜା ଆନ୍ଦୋଳନ ଓଡ଼ିଶା ଇତିହାସରେ ଏକ ଦୁଃଖଦ ଅଧ୍ୟାୟ

ଭଦ୍ରକ, ୨୨/୧୧ (ନି.ପ୍ର): କନିକା ପ୍ରଜା ଆନ୍ଦୋଳନ ଓଡ଼ିଶା ଇତିହାସରେ ଏକ ଦୁଃଖଦ ଅଧ୍ୟାୟ। ବିପ୍ଳବୀ ଚକ୍ରଧର ବେହେରାଙ୍କ ନେତୃତ୍ୱରେ କନିକାରେ ଯେଉଁ ପ୍ରଜା ଆନ୍ଦୋଳନ ହୋଇଥିଲା ତାହା ସମଗ୍ର ଓଡ଼ିଶାକୁ ଆନ୍ଦୋଳିତ କରିବା ସହ ସ୍ୱାଧୀନତା ଆନ୍ଦୋଳନକୁ ଇନ୍ଧନ ଯୋଗାଇଥିଲା ବୋଲି ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳା ଟ୍ରଷ୍ଟ ଆନୁକୁଲ୍ୟରେ ଭଦ୍ରକ ସହର ମନମୋହନ ସଂଗୀତ ପରିଷଦ ପଡ଼ିଆଠାରେ ତ୍ରୟୋଦଶ ଭଦ୍ରକ ମହୋତ୍ସବ ଓ ପୁସ୍ତକ ମେଳାର ତ୍ରୟୋଦଶ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମହୋତ୍ସବର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାରସ୍ୱତ ସନ୍ଧ୍ୟାକୁ ବିପ୍ଳବୀ ଚକ୍ରଧର ବେହେରାଙ୍କ ସ୍ମୃତିରେ ଉତ୍ସର୍ଗୀତ ହୋଇଥିଲା ଏବଂ ଉକ୍ତ ସମାରୋହରେ ଭଦ୍ରକର ସାଂସଦ ଅଭିମନ୍ୟୁ ସେଠୀ ମୁଖ୍ୟ ଅତିଥି




ଭାବେ ଯୋଗଦେଇଥିଲେ। ସେବା ନିବୃତ୍ତ ଅଧ୍ୟକ୍ଷ ମାଧବ ଚନ୍ଦ୍ର ଜେନା ବିଶିଷ୍ଟ ଅତିଥି, ରୟାଲ ଗ୍ରୁପର ଅଧ୍ୟକ୍ଷ ପ୍ରଦୀପ କୁମାର ପଣ୍ଡା ମୁଖ୍ୟ ବକ୍ତା, ଚକ୍ରଧର ବେହେରା ସ୍ମୃତି କମିଟି ସହସମ୍ପାଦକ ପ୍ରଭାକର ପରିଡ଼ା ,ସମାଜସେବୀ ଅମରେନ୍ଦ୍ର ଦାସ, ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ସହ ସମ୍ପାଦକ ନାରାୟଣ ପାଡ଼ୀ, ସଂଗଠକ ଓ କବି ବାବୁଲାଲ ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ବାରିକ, ଭୂମିକନ୍ୟା ମହିଳା ସଂଗଠନ ସଭାନେତ୍ରୀ ସଂଯୁକ୍ତା ବଳ ନାୟକ,ବ୍ରାଇଟ୍ ଇନଷ୍ଟିଚ୍ୟୁସନ୍ ର ଉପନିର୍ଦ୍ଦେଶିକା ସୁଶ୍ରୀ ସଂଗୀତା ସାହୁ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ପାଦକ ରାମନାରାୟଣ ଖିଲାର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଟ୍ରଷ୍ଟର ଉପସଭାପତି ଡ଼ା.ଅନିଲ୍ ଦାଶ ଅତିଥି ପରିଚୟ ଦେଇଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବ ମଞ୍ଚ ନିମନ୍ତ୍ରଣ କରିଥିଲେ କରିଥିବା ବେଳେ ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ଆବାହକ ଅଧ୍ୟାପକ ନୀହାର ରଞ୍ଜନ କର ମଂଚ ପରିଚାଳନା କରିଥିଲା ବେଳେ କଣ୍ଠଶିଳ୍ପୀ ଶଶିକଳା ମିଶ୍ର ସ୍ୱାଗତ ସଂଗୀତ ଏବଂ ମନ୍ଦିରା ଓଡିଶୀ ଡ୍ୟାନ୍ସ ସ୍କୁଲର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ମହୋତ୍ସବ କାର୍ଯ୍ୟକ୍ରମକୁ ନାଟ୍ୟଶ୍ରୀ ନିର୍ମଳ ରାଉତ, କବି ନାରାୟଣ ପାଢ଼ୀ, ମିଡ଼ିଆ ସେଲ୍ ଅଧ୍ୟକ୍ଷ ପ୍ରମୋଦ କୁମାର ରାୟ, ଅଞ୍ଜୁବାଳା ରାଉତ, ଅଧ୍ୟାପକ ନାଶିର ବକ୍ସ ପ୍ରମୁଖ ପରିଚାଳନା କରିଥିଲେ। ଏହି ଅଧିବେଶନ ପୂର୍ବରୁ ନନ୍ଦିନୀ ମହିଳା ସଂଗଠନ ତରଫରୁ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ସଭାନେତ୍ରୀ ସରୋଜିନୀ ନାୟକ ଓ ସମ୍ପାଦିକା ସଂଯୁକ୍ତା ଯାଦବ ପରିଚାଳନା କରିଥିଲେ।

# ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପ୍ରତିଷ୍ଠା ଦିବସର ଚତୁର୍ଥ ସଂଧ୍ୟା

## ହେମେନ୍ଦ୍ର ମହାପାତ୍ରଙ୍କ ସାହିତ୍ୟ ବିଚିତ୍ରା 'ହୈମ ହେମେନ୍ଦ୍ର'



ବାଲେଶ୍ୱର , ୨୨/୧୧ (ନି.ପ୍ର): ଜୁମରନାଥ ପାତ୍ର ଓ ଶାନ୍ତିଲତା ପଣ୍ଡା ନଟ ଓ ନଟୀ ରୂପରେ ସ୍ରଷ୍ଟା ନାଟ୍ୟାଳୟର ମଞ୍ଚ ଉପରକୁ ଆସି ଅଭିନବ ଢଙ୍ଗରେ କାର୍ଯ୍ୟକ୍ରମକୁ ଆରମ୍ଭ କରିଥିଲେ। ଓଡ଼ିଆ ଭାଷା ବିକାଶ ଆନ୍ଦୋଳନର ପ୍ରତିଷ୍ଠା ଦିବସର ଚତୁର୍ଥ ସନ୍ଧ୍ୟା ସମର୍ପିତ ହୋଇଥିଲା ନାଟ୍ୟକାର ହେମେନ୍ଦ୍ର ମହାପାତ୍ରଙ୍କୁ। ସଙ୍ଗୀତ ନିର୍ଦ୍ଦେଶିକା କଲ୍ୟାଣୀ ନନ୍ଦ ତିନିଗୋଟି ଥାକରେ ତବଲା ବାଦକ ଲକ୍ଷ୍ମୀଧରଙ୍କ ସହ ମିଳିତଭାବରେ ହେମେନ୍ଦ୍ରବାବୁଙ୍କର ଜୀବନୀ, ସାହିତ୍ୟ ଓ ପୁରସ୍କାର ସମ୍ବର୍ଦ୍ଧନାକୁ ଗୀତରେ ପ୍ରକାଶ କରି ଲୋକମାନଙ୍କର ମନକୁ ମୋହିଥିଲେ। ଡ.ଶିରୀଶ ଚନ୍ଦ୍ର ଜେନା ନାଟ୍ୟକାରଙ୍କର ସାହିତ୍ୟିକ ଜୀବନର କଥା ଓ ନାଟ୍ୟକାର ପ୍ରଦୀପ ମିଶ୍ର ତାଙ୍କର ସାଂସାରକ ଜୀବନର ଗାଥା ରମ୍ୟାତ୍ମକ ଢଙ୍ଗରେ ପ୍ରକାଶ କରି ଦର୍ଶକମାନଙ୍କୁ ମୁଗ୍ଧ କରିଥିଲେ। ନାଟ୍ୟକାର ହେମେନ୍ଦ୍ରଙ୍କ ଚରିତ୍ରଗୁଡ଼ିକୁ ନେଇ ଏକ ନାଟିକା ପଣ୍ଡିତ ସଂଜୟକୁମାର ପଣ୍ଡା, ପ୍ରଭାକର ସାହୁ, ଲକ୍ଷ୍ମୀକାନ୍ତ ବେହେରା, ରିତେଶ ଦାଶ, ଜ୍ୟୋତ୍ସ୍ନା ରାୟ ମହାପାତ୍ର ଓ ଡ.ସମରବଲ୍ଲଭ ଭୋଇଙ୍କ ଅଭିନୟମାଧ୍ୟମରେ ରୂପାୟିତ ହୋଇଥିଲା। ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ରଚନା, ନିରଞ୍ଜନ ରାଉତଙ୍କ ନିର୍ଦ୍ଦେଶନା ଓ ଡ.ଲକ୍ଷ୍ମଣ ଚରଣ ବିଶ୍ୱାଳଙ୍କ ସ୍ମାରକତାରେ ନାଟକ ତାର ଅପୂର୍ବ କାରୀଗରୀ ସୃଷ୍ଟି କରିଥିଲା। ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ସଭାପତିତ୍ୱରେ ବାଲେଶ୍ୱର ଜିଲ୍ଲା ସଂସ୍କୃତି ଅଧିକାରୀ ମନସ୍ୱିନୀ ରାଉତଙ୍କ କରକମଳରେ ନାଟ୍ୟକାର ହେମେନ୍ଦ୍ର ମହାପାତ୍ର ଓ ନାଟ୍ୟକାରଙ୍କର ପତ୍ନୀ ସୁଷମା ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଜିଲ୍ଲା ସଂସ୍କୃତି ଅଧିକାରୀ ତାଙ୍କର ବକ୍ତବ୍ୟରେ ଉତ୍ସବର କଳାକାରିତାକୁ ଖୁବ୍ ପ୍ରଶଂସା କରିଥିଲେ। ହେମେନ୍ଦ୍ରବାବୁ ସମ୍ବର୍ଦ୍ଧନାର ଉତ୍ତରରେ ଏପରି କାର୍ଯ୍ୟମ ନିଆରା ଓ ସମ୍ଭବତଃ ଓଡ଼ିଶାରେ ଅନନ୍ୟ ବୋଲି ପ୍ରକାଶକରି ଅନୁଷ୍ଠାନର କର୍ମକର୍ତ୍ତାଙ୍କଠାରେ କୃତଜ୍ଞତା ପ୍ରକାଶ କରିଥିଲେ। ଦର୍ଶକମାନଙ୍କର ଆଗ୍ରହ ଦେଖି ଏହିପରି କାର୍ଯ୍ୟକ୍ରମ ଅଧିକତର କରିବାକୁ ସଭାପତି ଡ.ନନ୍ଦ ଆଶା ପୋଷଣ କରିଥିଲେ। ପରିଶେଷରେ କଲ୍ୟାଣୀ ନନ୍ଦଙ୍କର ମନୋମୁଗ୍ଧକର ଧନ୍ୟବାଦ ଗୀତ ସମସ୍ତଙ୍କର ହୃଦୟକୁ ସ୍ପର୍ଶ କରିଥିଲା। କାର୍ଯ୍ୟକ୍ରମରେ ଶତାଧିକ ଦର୍ଶକ ଯୋଗଦେଇ ନିବିଷ୍ଟ ଚିତ୍ତରେ ତାହାକୁ ଉପଭୋଗ କରିଥିଲେ।

# ଟ୍ରେନ ଧକ୍କାରେ ଷଣ୍ଢର ମୁମୂର୍ଷୁ ଅବସ୍ଥା: କ୍ରେନରେ ଉଠାଇ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସାଧୀନ

ବସ୍ତା, ୨୨/୧୧ (ନି.ପ୍ର): ଟ୍ରେନ ଧକ୍କାରେ ବସ୍ତା ଷ୍ଟେସନ ନିକଟରେ ଏକ ବିରାଟ ଷଣ୍ଢ ଆହତ ହୋଇ ମୁମୂର୍ଷୁ ଅବସ୍ଥାରେ ପଡି ଯନ୍ତ୍ରଣାରେ ଛଟପଟ ହେଉଥିଲା ବେଳେ କିଛି ସ୍ୱେଚ୍ଛାସେବୀ ଓ ଅଗ୍ନିଶମ ବିଭାଗ କର୍ମଚାରୀ ମାନେ ଉଦ୍ଧାର କରି ଚିକିତ୍ସା କରାଇଥିବା ସାଧାରଣରେ ପ୍ରଶଂସା ର ବିଷୟ ହୋଇଛି। ସୂଚନାରୁ ପ୍ରକାଶ ଯେ ଭୋର ସମୟରେ ଷଣ୍ଢ ଟିକୁ ଡାଉନ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ ଧକ୍କା ଦେଇ ପକାଇଥିଲା। ଷଣ୍ଢଟି ଯନ୍ତ୍ରଣା ପାଉଥିବା ବେଳେ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ତାକୁ



ଟେକିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଏହାପରେ ଅଗ୍ନିଶମ ବିଭାଗ କୁ ଖବର ଦେବା ପରେ ଯଦିଓ କର୍ମଚାରୀ ମାନେ ଆସିଥିଲେ ମାତ୍ର ସେମାନେ ବି ଷଣ୍ଢ କୁ ଉଠାଇ ପାରି ନ ଥିଲେ।ଶେଷରେ କ୍ରେନ ଆଣି ତାକୁ ଉଠାଇ ଏକ ଟ୍ରକରେ ଭର୍ତ୍ତି କରି ପ୍ରାଣୀ ଚିକିତ୍ସାଳୟ କୁ ନିଆଯାଇଥିଲା।ସେଠାରେ ଷଣ୍ଢ ର ଚିକିତ୍ସା ବ୍ୟବସ୍ଥା କରାଯାଇଛି।ଷଣ୍ଢ ଟି ଧୀରେ ଧୀରେ ସୁସ୍ଥ ହେଉଥିବା ଜଣାପଡିଛି।

# କମାରିଆଠାରେ ବସ୍ ଧକାରେ ଦୁଇ ମୃତ: ୩ ଘଣ୍ଟା ଭଦ୍ରକ ଚାନ୍ଦବାଲି ରାସ୍ତା ଅବରୋଧ

ଭଦ୍ରକ, ୨୨/୧୧ (ନି.ପ୍ର): ଭଦ୍ରକ ଜିଲ୍ଲା, ପିରହାଟ ଥାନା ଅନ୍ତର୍ଗତ କମାରିଆ ପଣ୍ଡା ପୋଖରୀ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ହୋଇଯାଇଛି। ଏହି ଦୁର୍ଘଟଣାରେ ଦୁଇ ଜଣ ବ୍ୟକ୍ତି ଙ୍କ ର ଘଟଣା ସ୍ଥଳ ରେ ମୃତ୍ୟୁ ହୋଇଯାଇଛି ବୋଲି ସୂଚନା ମିଳିଛି। ସୂଚନା ଅନୁଯାୟୀ ଶନିବାର ସକାଳ ୧୦ ଘଟିକା ସମୟରେ ହାସମ ନାମକ ଏକ ଘରୋଇ ବସ୍ ଚାନ୍ଦବାଲିରୁ ଭୁବନେଶ୍ୱର ଅଭିମୁଖେ ଯାଉଥିଲା। ଏହି ସମୟରେ କମରିଆ ବଜାର ପୂର୍ବରୁ ପଣ୍ଡା ପୋଖରୀ ନିକଟରେ ବିପରୀତ ପାର୍ଶ୍ୱରେ ଆସୁଥିବା ଏକ ସ୍କୋଟି ଉପରେ ଚଢି ଯାଇଥିଲା। ଘଟଣାସ୍ଥଳ ରେ ସ୍କୋଟି ଚାଳକ ଓ ପଛରେ ବସିଥିବା ବ୍ୟକ୍ତି ଦୁଇଜଣ ଙ୍କ ର ମୃତ୍ୟୁ ହୋଇଥିଲା। ମୃତକ ମାନେ ହେଲେ ତିହିଡ଼ି ଥାନା ଅନ୍ତର୍ଗତ ସୟା ପଞ୍ଚାୟତ ବାଲିଚତୁରୀ ଗାଁ ର ଭୀମ ଦାସ ଙ୍କ ପୁଅ ଗୋଲଖ ଦାସ (୫୫) ଏବଂ ଅନ୍ୟଜଣେ ହେଲେ ସେହି ଗ୍ରାମର ଶ୍ୟାସୁନ୍ଦର ପୁହାଣ ଙ୍କ ପୁଅ ଦୈତାରି ପୁହାଣ (୪୨) । ଏମାନେ କୌଣସି ଏକ କାମରେ ଚାନ୍ଦବାଲି ଅଭିମୁଖେ ଯାଉଥିଲେ। କମାରିଆ ପଣ୍ଡା ପୋଖରୀ ଠାରେ ହାସମ ବସ୍ ତାଙ୍କୁ ସାମ୍ନା ପଟୁ ଧକା ଦେବା ସହ କିଛି ବାଟ ଘୋଷାଡି ନେଇଥିଲା। ଯାହାଫଳରେ ସେମାନଙ୍କର ସେହିଠାରେ ହିଁ ମୃତ୍ୟୁ ହୋଇଥିଲା। ତେବେ ଏହି ଘଟଣା ବ୍ୟଥିତ ହୋଇ ସ୍ଥାନୀୟ ଅଞ୍ଚଳ ର ଶତାଧିକ ଲୋକ ଙ୍କ ମଧ୍ୟ ରେ ଏକ ଚାପା ଉତ୍ତେଜନା ସୃଷ୍ଟି ହୋଇଥିଲା। ଭଦ୍ରକ



ଚାନ୍ଦବାଲି ରାସ୍ତା ଏକ ବ୍ୟସ୍ତ ବହୁଳ ରାସ୍ତା, ଏହାର ପ୍ରଶସ୍ତି କରଣ ନିହାତି ଆବଶ୍ୟକ, ଆରୁହା ଛକ ଠାରୁ କମାରିଆ ବଜାର ପର୍ଯ୍ୟନ୍ତ ଷ୍ଟପ ବ୍ୟାରିକେଟ, ସ୍ପିଡ ବ୍ରେକର ତୁରନ୍ତ ଲଗାନ୍ତୁ ଏବଂ ମୃତକ ଙ୍କ ପରିବାର କୁ ଅନୁକମ୍ପା ରାଶି ପ୍ରଦାନ କରନ୍ତୁ ଆଦି ଦାବିରେ ଭଦ୍ରକ ଚାନ୍ଦବାଲି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ। ପ୍ରାୟ ତିନି ଘଣ୍ଟା ଭଦ୍ରକ ଚାନ୍ଦବାଲି ମୁଖ୍ୟ ରାସ୍ତା ବନ୍ଦ ହେବା ପରେ ମାଜିଷ୍ଟ୍ରେଟ ନମିତା ଧଳ, ପୀରହାଟ ଥାନା ଅଧିକାରିଣୀ ରୋଜାଲିନ ବେହେରା, ତିହିଡ଼ି ଥାନା ଅଧିକାରୀ ସତ୍ୟବ୍ରତ ଗ୍ରହାଚାର୍ଯ୍ୟ, ବାଂଶଗଡା ଥାନାଧିକାରୀ ଏମ ଡି ହାଫିଜ୍, ନାୟକାଣିଡିହ ଥାନାଧିକାରୀ ଉମାଶଙ୍କର ନାୟକ ଏବଂ ସ୍ଥାନୀୟ ଲୋକ ପ୍ରତିନିଧି ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ସରୋଜ ଦାସ, କମଳାକାନ୍ତ ଲେଙ୍କା, ସଂଗ୍ରାମ ମହାନ୍ତି, ଅନିରୁଦ୍ଧ ବାରିକ୍, ସୌମ୍ୟଗୋପଲ୍ ନାୟକ, ଶିବପ୍ରସାଦ ନାୟକ ପ୍ରମୁଖ ମୃତକ ଙ୍କ ପରିବାର ସହ ଆଲୋଚନା କରିବା ପରେ ତା ସହିତ ସାଧାରଣ ଲୋକଙ୍କ ଦାବିକୁ ଗୁରୁତର ସହ ପ୍ରଶାସନ ନେବା ପରେ ରାସ୍ତା ରୋକ ହଟିଥିଲା। ଏବଂ ଭଦ୍ରକ ଚାନ୍ଦବାଲି ରାସ୍ତା ସ୍ୱାଭାବିକ ହୋଇଥିଲା।

# ପୁଲିସ ଅଧିକାରୀଙ୍କୁ ମାରଣାସ୍ତ୍ର ଦେଖାଇ ବାଲି ଗାଡି ଲୁଟ ଘଟଣା: ୨ମାସ ପରେ ଧରାହେଲା ମୁଖ୍ୟ ଅଭିଯୁକ୍ତ, ଖୁଣ୍ଟାରୁ ଗାଡି ଜବତ

ନୀଳଗିରି, ୨୨/୧୧ (ନି.ପ୍ର): ମାରଣାସ୍ତ୍ରଦେଖାଇ ପୋଲିସପାଖରୁ ଜବତ ଟ୍ରାକ୍ଟର ଛଡାଇନବା ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ।୨ମାସ ପରେ ମୁଖ୍ୟ ଅଭିଯୁକ୍ତ ରାଜପ୍ରସାଦ ପ୍ରଧାନକୁ(ବାଙ୍ଗୁରୁ) ଘରୁ ଗିରଫ କରି ୩୬୩/୨୫ ରେ ଏକ ମାମଲ୍ଲା ରୁଜୁ କରି କୋର୍ଟ ଚାଲଣ କଲା ନୀଳଗିରି ପୋଲିସ।ଖୁଣ୍ଟାରୁ ଜବତ ହେଲା ଓଡି୦୧ଏୟୁ ୬୯୦୦ ନମ୍ବର ବିଶିଷ୍ଟ ସିଜ୍ ବାଲି ଟ୍ରାକ୍ଟର।ସୂଚନା ମୁତାବକ ସେପଟ୍ଟେମ୍ବର ମାସ ୯ ତାରିଖରେ ନୀଳଗିରି ପୋଲିସ ଓ ଖଣି ବିଭାଗ ମିଳିତ ଭାବରେ ସୋନ ନଦୀର ତିନିଦେଶ ଘାଟରେ ବେଆଇନ ବାଲି ଚୋରାଚାଲଣ ବେଳେ ଚଢାଉ କରିଥିଲେ। ପରେ ଉକ୍ତ ଗାଡିକୁ ଅଯୋଧା ଫାଣ୍ଡିକୁ ନେଇ ଯାଉଥିବା ସମୟରେ ପ୍ରତାପପୁର ଛକ ନିକଟରେ ୧୦-୧୫ ଯୁବକ ବାଇକରେ ଆସି କନେଷ୍ଟବଳଙ୍କୁ ଭୁଜାଲି ଦେଖାଇ ଜବତ ଟ୍ରାକ୍ଟରକୁ ନେଇଯାଇଥିଲେ। ପରେ ନୀଳଗିରି ଥାନାରେ ଅଭିଯୋଗପରେ ଅଧିକ ତଦନ୍ତ ଜାରି ରଖିଥିଲା ନୀଳଗିରି ପୋଲିସ।ଉକ୍ତ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲଣ କରାଯାଇଛି। ମୟୁରଭଞ୍ଜ ଜିଲ୍ଲା ଖୁଣ୍ଟା ଅଞ୍ଚଳରେ ଲୁଚାଯାଇଥିବା ଟ୍ରାକ୍ଟରକୁ ମଧ୍ୟ ଜବତ କରାଯାଇଛି ।

# ପାଣିରେ ବୁଡି ଦୁଇ ନାବାଳିକା ମୃତ

ବାଲିଆପାଳ , ୨୨/୧୧ (ନି.ପ୍ର): ଦୁନିଆ କଣ ବୁଝିବା ଆଗରୁ ଚାଲି ଗଲା ଦୁଇ ନାବାଳିକା ଜୀବନ।ଖେଳୁଥିଲା ବେଳେ ଘର ପାଖ ପୋଖରୀରେ ବୁଡି ଦୁଇ ସମ୍ପର୍କୀୟ ନାବାଳିକା ଭଉଣୀର ମୃତ୍ୟୁ ଘଟିଛି। ଏହାକୁ ନେଇ ଡାକ୍ତର ଖାନା ପରିସରରେ ଶୋକାକୁଳ ପରିବେଶ,ସୃଷ୍ଟି ହୋଇଛି ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ବଡାସ ଗାଁରେ, ସୂଚନା ଅନୁଯାୟୀ ବଡାସ ରେ ବିଶ୍ୱଶାନ୍ତି ମହାଯଜ୍ଞ ଚାଲିଛି. ଏହାକୁ ଦେଖିବା ପାଇଁ ବଡାସ ଗାଁ ଦୀପକ ରାଉତ ଘରକୁ ଡଗରା ଗାଁର ନକିଆ ବିଶ୍ୱାଳ ଙ୍କ ପରିବାର ବୁଲିବାକୁ ଆସିଥିଲେ। ଆଜି ଅପରାହ୍ନ ୩ଟା ସମୟରେ ଘର ଭିତରେ ପରିବାର ସମସ୍ତ ସଦସ୍ୟ ଥିଲା ବେଳେ ଦୀପକ ରାଉତର ୫ ବର୍ଷର ଝିଅ ବୈଷ୍ଣବୀ ରାଉତ ଓ ନକିଆ ବିଶ୍ୱାଳର ୩ ବର୍ଷର ଝିଅ ରଶ୍ମିତା ବିଶ୍ୱାଳ ଘର ପାଖରେ ଖେଳୁଥିଲେ। ଏହି ସମୟରେ ଘର ପାଖରେ ମାଛ ଚାଷ ପାଇଁ ନିର୍ମିତ ହୋଇଥିବା କୃତ୍ରିମ ପୋଖରୀରେ ପରିବାର ସଦସ୍ୟ ଙ୍କ ଅଗୋଚର ରେ ପଡି ବୁଡି ଯାଇଥିଲେ, ପରିବାର ଲୋକ ବହୁ ସମୟ ପରେ ଉଭୟଙ୍କୁ ନ ପାଇ ଚାରିଆଡେ ଖୋଜା ଖୋଜି କରିଥିଲେ ଶେଷରେ ଉଭୟଙ୍କୁ ଉକ୍ତ କୃତ୍ରିମ ପୋଖରୀରୁ ଭାସମାନ ଅବସ୍ଥାରେ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଆସିଥିଲେ । ସେଠାରେ ଡାକ୍ତର ଉଭୟ ନାବାଳିକାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେଡାକ୍ତର ଖାନା ପରିସରରେ ସମ୍ପର୍କୀୟ ଙ୍କ ଭିଡ ଜମିବା ସହ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବାଲିଆପାଳ ପୋଲିସ ଘଟଣା ସ୍ଥଳରେ ପହଂଚି ଶବ ଜବତ କରି ତଦନ୍ତ ଜାରୀ ରଖିଛି ।

# ୬୪ତମ ଜାତୀୟ ଫାର୍ମାସୀ ସପ୍ତାହ ପାଳିତ: ଫାର୍ମାସିଷ୍ଟ ମାନେ ଓଡିଶା ସାସ୍ଥ୍ୟ ସେବାର ମେରୁଦଣ୍ଡ

ବାରିପଦା, ୨୨/୧୧ (ନି.ପ୍ର): ଓଡିଶା ଫାର୍ମାସୀ ସେବା ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ତରଫରୁ ୬୪ତମ ଜାତୀୟ ଫାର୍ମାସୀ ସପ୍ତାହ ଉଦଯାପିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ଆୟୋଜିତ ଏକ ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲା ସାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାଶ ଏବଂ ମୟୂରଭଞ୍ଜ ମେଡିକାଲ ଏକାଡେମିର ଅଧ୍ୟକ୍ଷ ଅଶୋକ କୁମାର ଦ୍ୱାରି ଉଦଘାଟନ କରିଥିଲେ। ପରେପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାସଂଘର ସଭାପତି ଚିନ୍ମୟ କୁମାର ସ୍ନିହାଙ୍କ ସଭାପତିତ୍ୱରେ ଆୟୋଜିତ




ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସାସ୍ଥ୍ୟ ଅଧିକାରୀ କିଶୋର କୁମାର ଆଚାର୍ଯ୍ୟ ମୁଖ୍ୟ ଅତିଥୀ, ପିଆରଏମ ମେଡିକାଲ କଲେଜର ଅଧ୍ୟକ୍ଷ ଡା. ରୀତାଞ୍ଜଳୀ ବେହେରା, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ଦାଶ, ଡିପିଏମ ଅନୀଲ କୁମାର ମହାନ୍ତି, ମୟୁରଭଞ୍ଜ ମେଡିକାଲ ଏକାଡେମୀର ଅଧ୍ୟକ୍ଷ ଅଶୋକ କୁମାର ଦ୍ୱାରି, ଡ୍ରଗ୍ସ ନିୟନ୍ତ୍ରକ ଦିବ୍ୟରଞ୍ଜନ ନାଏକ, ହସପିଟାଲ ମେନେଜର ଶ୍ରୀରାମ ମହାନ୍ତି, ଉପସଭାପତି ସଂଜୀବ ସାହୁ ଯୁଗ୍ମ ସମ୍ପାଦକ ବିକାଶ ପାତ୍ର କୋଷାଧକ୍ଷ ଶୁଶାନ୍ତ ବାଗ, ସିନିୟର ଫାର୍ମାସିଷ୍ଟ ଅଜିତ କୁମାର ବେହେରା, ସମ୍ମାନିତ ଅତିଥୀ ଭାବେ ଯୋଗଦେଇ ଫାର୍ମାସିଷ୍ଟ ମାନେ ଓଡିଶା ସାସ୍ଥ୍ୟ ସେବାର ମେରୁଦଣ୍ଡ ବୋଲି କହିଥିଲେ। ସଭାରେ ଅଧିକ ଫାର୍ମାସୀ ଅଫିସର ନିଯୁକ୍ତି ସହିତ ମୂଳ ଦରମା ୯୩୦୦ ଗ୍ରେଡ ପେ ୪୨୦୦ ବୃଦ୍ଧି ପାଇଁ ଦାବୀ କରା ଯାଇଥିଲା। ରୂପନାରାୟଣ ପ୍ରତିହାରୀ ଏବଂ ସ୍ୱର୍ଣ୍ଣଲକ୍ଷ୍ମୀ ରାଉତ ଅତିଥୀ ପରିଚୟ ଦେଇଥିବା ବେଳେ ଫାର୍ମାସୀ ଅଫିସର ତପନ କଲିଆ, ମାନିକଲାଲ ଘୋଷ ସୀମା ସେଠୀ, ଦେବାଶିଷ ନାୟକ, ରଶ୍ମିରଞ୍ଜନ ଦାଶ, ରୁପେନ୍ଦ୍ର ନାଥ ସିଂ, ଖଗେନ୍ଦ୍ର ପାତ୍ର, ବନଲତା ବାରିକ, ରୁପାଲି ଭଦ୍ର ଶ୍ମିତା ପରିଡା, ଅନିଲ ଗୁପ୍ତା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଗଣତି ମଣତି ପାଇଁ ଖୁବଶୀଘ୍ର ଆସିବ ଏସଓପି

ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଶ୍ରୀମନ୍ଦିର ରତ୍ନ ଭଣ୍ଡାର ଗଣତି ମଣତି ପାଇଁ ଖୁବଶୀଘ୍ର ଆସିବ ଏସଓପି । ଏସଓପି ଆଧାରରେ ଗଣତି ମଣତି ପ୍ରକ୍ରିୟା କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଚନ୍ତି । ଶ୍ରୀମନ୍ଦିର ପ୍ରଶାସନ ଖୁବଶୀଘ୍ର ଏସ ଓ ପି ପ୍ରସ୍ତୁତ କରି ରାଜ୍ୟ ସରକାରଙ୍କ ପାଖକୁ ଅନୁମୋଦନ ପାଇଁ ପଠାଇବ ।ଅନୁମୋଦନ ପରେ ଗଣତି ମଣତି ପ୍ରକ୍ରିୟା ଆରାମ୍ଭ ହେବ । ଗଣତି ମଣତି ସମୟରେ ରିଜର୍ଭ ବ୍ୟାଙ୍କର ଅଧିକାରୀଙ୍କୁ ସାମିଲ ହେବା ପାଇଁ ଅନୁରୋଧ କରିବୁ । ଗଣତି ମଣତି ପୂର୍ବରୁ ଅଳଙ୍କାରର ସ୍ଥିତିକୁ ଅନୁଧ୍ୟାନ କରାଯିବ ।

# ବେତନଟୀ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ରାତିତମାମ ନାକା ଚେକିଂ

ବେତନଟୀ, ୨୨/୧୧ (ନି.ପ୍ର): ବେତନଟୀ ପୁଲିସ ପକ୍ଷରୁ ଗୁରୁବାର ରାତିତମାମ ୧୮ନଂ ଜାତୀୟରାଜପଥର ବିଭିନ୍ନ ସ୍ଥାନରେ ନାକା ଚେକିଂ କରାଯିବା ସହିତ ଯାତାୟାତ କରୁଥିବା ସମସ୍ତ ଗାଡିମୋଟର ଗୁଡିକର ଯାଞ୍ଚ କରାଯାଇଥିଲା। ଗୁରୁବାର ରାତି ବେତନଟୀ ଥାନା ଆଇଆଇସି ସସ୍ମିତା ମହାନ୍ତଙ୍କ ନେତୃତ୍ୱରେ ଏଏସ୍ ଆଇ ଭାବଗ୍ରାହୀ ମହାନ୍ତ ଏବଂ ଅନ୍ୟାନ୍ୟ କର୍ମଚାରୀ ବେତନଟୀ ବଙ୍ଗଳାଛକ, ଥାନାଛକ, ଚଣ୍ଡୀଛକ, କୋର୍ଟଛକ ସମେତ ବେତନଟୀକୁ ସଂଯୋଗ କରୁଥିବା ସମସ୍ତ ପ୍ରମୁଖ ପ୍ରବେଶପଥ ଗୁଡିକରେ ପର୍ଯ୍ୟାୟକ୍ରମେ ଯାଞ୍ଚ କରାଯାଇଥିଲା। ସମସ୍ତ ଚାରିଚକିଆ ଯାନ ଗୁଡିକର ଡିକି ସମେତ ବାହାର ଭିତର ଯାଞ୍ଚ କରାଯାଇଥିଲା । ସେହିଭଳି ସମସ୍ତ ବାଇକ ଗୁଡିକୁ ମଧ ଯାଞ୍ଚ କରାଯାଇଥିଲା । ବେତନଟୀ ପୁଲିସ ପକ୍ଷରୁ ଗୁରୁବାର ରାତି ତମାମ ଚାଲିଥାବ ନାକା ଚେକିଂ ତଦାରଖ କରିବାକୁ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳ ମଧ ଘଟଣାସ୍ଥଳରେ ଉପସ୍ଥିତ ରହିଥିଲେ । ତେବେ ବିନା କାରଣରେ ରାତିରେ ବୁଲାବୁଲି କରୁଥିବା ସ୍ଥାନୀୟ କିଛି ଯାନବାହନ ଗୁଡିକୁ ପୁଲିସ ପକ୍ଷରୁ ବିଚରଣ ନକରିବାକୁ ତାଗିଦ୍ କରାଯାଇଥିଲା। ତେବେ ବେତନଟୀ ପୁଲିସ ପକ୍ଷରୁ ଏଭଳି ନାକାଚେକିଂ ଆସନ୍ତା କିଛିଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ଆଇଆଇସି ସସ୍ମିତା ମହାନ୍ତ ସୂଚନା ଦେଇଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida